ଆଜି - ଗୁରୁବାର
ତାରିଖ - ୦୮ ଅକ୍ଟୋବର ୨୦୨୬
ମାସ - କନ୍ୟା, ଦିନ - ୨୨
ତିଥି - ତ୍ରୟୋଦଶୀ, ପକ୍ଷ- କୃଷ୍ଣ
ନକ୍ଷତ୍ର - ପୂ. ଫାଲ୍‌ଗୁନୀ, ସିଂହ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୪୩: ୦୦
ସୂର୍ଯ୍ୟାସ୍ତ - ୫ : ୨୬ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

40th Foundation Day
୪୦ତମ ପ୍ରତିଷ୍ଠା ଦିବସ

E-News : www.Ajikali epaper.com

Vol.- 41 ISSUE- 176 R.N.I. REGD. No. 44026/86 ବାଲେଶ୍ୱର ୦୮ ଅକ୍ଟୋବର ୨୦୨୬ ଗୁରୁବାର BALASORE 08 OCTOBER 2026 THURSDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## 'ବିକଶିତ ଭାରତ' ଗଠନ ଦିଗରେ ଶିଳ୍ପ, ଉଦ୍ୟୋଗୀକରଣ ଏବଂ ଉତ୍ପାଦନ କ୍ଷେତ୍ର ପାଇଁ ଅନୁକୂଳ ପରିବେଶ ସମ୍ପର୍କିତ ଲେଖା ସେୟାର କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଶ୍ରୀ ଉଦୟ କୋଟକଙ୍କ ଏକ ଲେଖା ସେୟାର କରିଛନ୍ତି । ଏଥିରେ ଦର୍ଶାଯାଇଛି ଯେ କିପରି ପ୍ରଧାନମନ୍ତ୍ରୀଙ୍କ ୨୫ ବର୍ଷର ନେତୃତ୍ୱ ଭାରତରେ ଶିଳ୍ପ, ଉଦ୍ୟୋଗୀକରଣ ଏବଂ ଉତ୍ପାଦନ



କ୍ଷେତ୍ର ପାଇଁ ଅନୁକୂଳ ପରିବେଶକୁ ସୁଦୃଢ଼ କରିବାରେ ସହାୟକ ହୋଇଛି । ଶ୍ରୀ କୋଟକ ଉଲ୍ଲେଖ କରିଛନ୍ତି ଯେ ଉତ୍ପାଦନ, ସେମିକଣ୍ଡକ୍ଟର, ପ୍ରତିରକ୍ଷା ଏବଂ ଡିପ୍ ଟେକ୍ନୋଲୋଜି (ଅତ୍ୟାଧୁନିକ ଜ୍ଞାନକୌଶଳ) କ୍ଷେତ୍ରରେ ସଂସ୍କାର, ଭିତିଭୂମି ବିକାଶ ଏବଂ ନୂତନ ପଦକ୍ଷେପଗୁଡ଼ିକ କିପରି ନୂତନ ଶିଳ୍ପ କ୍ଷମତା ଗଠନ କରୁଛି । ଏଥିସହିତ, 'ବିକସିତ ଭାରତ' ଭାରତୀୟ ବ୍ୟବସାୟଗୁଡ଼ିକୁ ସେମାନଙ୍କ କାର୍ଯ୍ୟକଳାପର ସମ୍ପ୍ରସାରଣ କରିବାକୁ ଏବଂ ବିଶ୍ୱସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଉତ୍ସାହିତ କରୁଛି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ 'ଏକ୍ସ' ରେ ପୋଷ୍ଟ କରିଛି : 'ଶ୍ରୀ @udaykotak ଲେଖିଛନ୍ତି ଯେ ପ୍ରଧାନମନ୍ତ୍ରୀ @narendramodi ଙ୍କ ୨୫ ବର୍ଷର ନେତୃତ୍ୱ ଭାରତରେ ଶିଳ୍ପ, ଉଦ୍ୟୋଗୀକରଣ ଏବଂ ଉତ୍ପାଦନ କ୍ଷେତ୍ର ପାଇଁ ଅନୁକୂଳ ପରିବେଶକୁ ସୁଦୃଢ଼ କରିବାରେ ସହାୟକ ହୋଇଛି । ଉତ୍ପାଦନ, ସେମିକଣ୍ଡକ୍ଟର, ପ୍ରତିରକ୍ଷା ଏବଂ ଡିପ୍ ଟେକ୍ନୋଲୋଜି କ୍ଷେତ୍ରରେ ସଂସ୍କାର, ଭିତିଭୂମି ଏବଂ ନୂତନ ପଦକ୍ଷେପଗୁଡ଼ିକ ନୂତନ ଶିଳ୍ପ କ୍ଷମତା ଗଠନ କରୁଛି । 'ବିକସିତ ଭାରତ' ଭାରତୀୟ ବ୍ୟବସାୟଗୁଡ଼ିକୁ ବିକାଶ ଲାଭ କରିବାକୁ ଏବଂ ବିଶ୍ୱସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ମଧ୍ୟ ଉତ୍ସାହିତ କରୁଛି । ଭାରତର ଶିଳ୍ପ ବିକାଶର ପରବର୍ତ୍ତୀ ପର୍ଯ୍ୟାୟ ଉପରେ ଏହା ଏକ ଚିନ୍ତାଶୀଳ ଦୃଷ୍ଟିକୋଣ ।

## ପ୍ରଧାନମନ୍ତ୍ରୀଙ୍କ ୨୫ ବର୍ଷର ରାଜନୈତିକ ଯାତ୍ରା ପୂର୍ତ୍ତି ଅବସରରେ ଆୟୋଜିତ 'ସେବା ଜ୍ୟୋତି ଯାତ୍ରା'ରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ଖୋର୍ଦ୍ଧା : 'ବିକଶିତ ଭାରତ' ସହ 'ବିକଶିତ ଓଡ଼ିଶା' ଗଠନ ଲକ୍ଷ୍ୟରେ ଦେଶ ଅଗ୍ରସର ହେଉଛି । ଡବଲ୍ ଇଞ୍ଜିନ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ ପ୍ରକାଶ କରିଥିଲେ ।




ଗଠନ ପ୍ରକ୍ରିୟାରେ ସମସ୍ତ ନାଗରିକ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୨୫ ବର୍ଷର ରାଜନୈତିକ ଯାତ୍ରା ପୂର୍ତ୍ତି ଅବସରରେ ଖୋର୍ଦ୍ଧାରେ ଆୟୋଜିତ 'ସେବା ଜ୍ୟୋତି ଯାତ୍ରା'ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହି ଆହ୍ୱାନ କରିଛନ୍ତି । କାର୍ଯ୍ୟକ୍ରମର ଆରମ୍ଭରେ ଦେଶ ଓ ରାଜ୍ୟର ସେବା ପାଇଁ ସଂକଳ୍ପ ପାଠ କରାଯିବା ପରେ ମୁଖ୍ୟମନ୍ତ୍ରୀ ସେବା ଜ୍ୟୋତି ପ୍ରଜ୍ୱଳନ କରି ଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସେ କହିଥିଲେ ଯେ, ଡବଲ୍ ଇଞ୍ଜିନ ସରକାରଙ୍କ ଶାସନରେ ଓଡ଼ିଶାର ବିକାଶ ଦ୍ରୁତଗତିରେ ଆଗେଇ ଚାଲିଛି । ୨୦୦୧ ଅକ୍ଟୋବର ୭ରେ ଗୁଜରାଟରୁ ନରେନ୍ଦ୍ର ମୋଦୀଙ୍କ ପ୍ରଶାସନିକ ଓ ରାଜନୈତିକ ଯାତ୍ରା ଆରମ୍ଭ ହୋଇଥିବା ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ତାଙ୍କର ଏହି ସଫଳ ଯାତ୍ରାକୁ ୨୫ ବର୍ଷ ପୂରଣ ହୋଇଛି । 'ରାଷ୍ଟ୍ର ପ୍ରଥମ' ଏବଂ 'ସବକା ସାଥ୍, ସବକା ବିକାଶ' ମନ୍ତ୍ରକୁ ଆଧାର କରି ୨୦୪୭ ସୁଦ୍ଧା ବିକଶିତ ଭାରତ ସରକାରରେ ଓଡ଼ିଶାର ଶିଳ୍ପାୟନକୁ ନୂଆ ଗତି ମିଳିଛି । ରାଜ୍ୟର ପ୍ରାକୃତିକ ସମ୍ପଦକୁ ବିନିଯୋଗ କରି ଶିଳ୍ପ ବିକାଶ ସହ ନିବେଶ ଓ ନିଯୁକ୍ତିର ନୂଆ ସୁଯୋଗ ସୃଷ୍ଟି କରାଯାଉଛି । ମେଟାଲ୍ ଶିଳ୍ପ ସମେତ ଡାଉନଷ୍ଟ୍ରିମ୍, କେମିକାଲ୍, ପେଟ୍ରୋକେମିକାଲ୍ସ, ଗ୍ରୀନ୍ ଏନର୍ଜି, ଆପାରେଲ୍, ପର୍ଯ୍ୟଟନ, ସେମିକଣ୍ଡକ୍ଟର ଓ ଆଇଟି ଭଳି କ୍ଷେତ୍ରରେ ନିବେଶର ପରିସର ବୃଦ୍ଧି ପାଉଛି । ରାଜ୍ୟର ପ୍ରତ୍ୟେକ ଅଂଚଳରେ ଶିଳ୍ପ ଓ ନିଯୁକ୍ତି ସୁଯୋଗ ପହଂଚାଇ ଯୁବପିଢ଼ି ଏବଂ ସ୍ଥାନୀୟ ଅର୍ଥନୀତିକୁ ସଶକ୍ତ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ... ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଜିଲା ପ୍ରଭାରୀ ପବିତ୍ର କୁମାର ଦାସ, ଜିଲା ସଭାପତି ବିଶ୍ୱରଂଜନ ବଡ଼ଜେନା, ଭାଜପା ନେତା ନିକୁଞ୍ଜ କିଶୋର ପଟ୍ଟନାୟକ, ରଶ୍ମିମୟୀ ପଟ୍ଟନାୟକଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ନେତୃବୃନ୍ଦ ସେବା ଜ୍ୟୋତି ଯାତ୍ରାରେ ସାମିଲ ହୋଇ ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡଠାରେ 'ସେବା ସଂକଳ୍ପ ଜ୍ୟୋତି ଛକ'ର ଉଦ୍‌ଘାଟନ କରିଥିଲେ ।

## ଆଜି ୧୨ ଘଂଟିଆ ଓଡ଼ିଶା ବନ୍ଦ

ଭୁବନେଶ୍ୱର : କାଲି ୧୨ ଘଂଟିଆ ଓଡ଼ିଶା ବନ୍ଦ । ରାଜରାସ୍ତାରେ ଶକ୍ତି ପ୍ରଦର୍ଶନ କରିବେ ବିରୋଧୀ । ଗଡ଼ିବନି ଗାଡ଼ି, ଖୋଲିବନି ଦୋକାନ । ଜରୁରୀ ସେବାକୁ ଛାଡ଼ି ସବୁ ହୋଇଯିବ ଠପ୍ । ଆସନ୍ତାକାଲି ରାଜରାସ୍ତାରେ ଶକ୍ତି ଦେଖାଇବେ ବିରୋଧୀ ମେଂଟ । ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଛନ୍ତି ବିରୋଧୀ ମେଂଟ । ସେହିପରି ପାଠ୍ୟପୁସ୍ତକ ତ୍ରୁଟିକୁ ନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ବନ୍ୟା ପ୍ରଭାବିତଙ୍କୁ ପର୍ଯ୍ୟାପ୍ତ ରିଲିଫ୍ ଓ ପୁନର୍ବାସ ଦାବି ମଧ୍ୟ




ସକାଳ ୬ରୁ ସନ୍ଧ୍ୟା ୬ଟା । ୧୨ ଘଂଟିଆ ଓଡ଼ିଶା ବନ୍ଦ । ରାଲି, ପିକେଟିଂ ଓ ବିକ୍ଷୋଭ ଜରିଆରେ ବନ୍ଦକୁ ସଫଳ କରିବାକୁ କଂଗ୍ରେସ ଓ ବାମ ଦଳ ସହ ଇଣ୍ଡିଆ ବ୍ଲକ୍‌ର ନେତାଙ୍କ ରଣନୀତି । ଆଉ ଏହାରି ଭିତରେ ବନ୍ଦକୁ ନେଇ ଆରମ୍ଭ ହୋଇଛି ରାଜନୈତିକ ବୟାନବାଜି । ଚାରିଟି ପ୍ରମୁଖ ପ୍ରସଙ୍ଗକୁ ନେଇ ଏହି ବନ୍ଦ ଡାକରା ଦିଆଯାଇଛି । ଏମ୍‌ଏମ୍‌ଡିଆର ଆଇନ ୨୦୨୬ ପ୍ରତ୍ୟାହାର ଦାବି ସହ ଏସ୍‌ଆଇଆର ପ୍ରସଙ୍ଗରେ ରହିଛି । ଦାବି ହାସଲ ପାଇଁ ବନ୍ଦକୁ ଅସ୍ତ୍ର କରିଛି ବିରୋଧୀ । ଆଉ ଏହାକୁ ନେଇ ସରକାରଙ୍କୁ ଘେରିବାକୁ ମଇଦାନକୁ ଓହ୍ଲାଇଛି ଇଣ୍ଡିଆ ବ୍ଲକ୍ । ତେବେ ବନ୍ଦକୁ ନେଇ ରାଜନୀତି ଯେତିକି, ଜନଜୀବନକୁ ନେଇ ଚିନ୍ତା ମଧ୍ୟ ସେତିକି । ଦୋକାନ ବଜାର, ବ୍ୟାବସାୟିକ ପ୍ରତିଷ୍ଠାନ ଓ ଯାତାୟତ ପ୍ରଭାବିତ ହେବାର ଆଶଙ୍କା ରହିଛି । ନଜର ପକାନ୍ତୁ କ'ଣ ବନ୍ଦ ରହିବ ଓ କ'ଣ ଖୋଲା ରହିବ ।

## ସେବା ଏବଂ ସମର୍ପଣର ୨୫ ବର୍ଷ ପୂରଣ ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଲେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ

ନୂଆଦିଲ୍ଲୀ : କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହ ଏକାଧିକ 'ଏକ୍ସ' ପୋଷ୍ଟ ମାଧ୍ୟମରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ୨୫ ବର୍ଷର 'ସେବା ଓ ସମର୍ପଣ' ଯାତ୍ରା ପୂରଣ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି ଯେ, ନିରନ୍ତର ପରିଶ୍ରମ, ଦୃଢ଼ ସଂକଳ୍ପ ଏବଂ 'ରାଷ୍ଟ୍ର ପ୍ରଥମ' ଭାବନାରେ ପରିଚାଳିତ ଏହି ଯାତ୍ରା ଅତ୍ୟନ୍ତ ପ୍ରେରଣାଦାୟୀ । ୨୦୦୧ ମସିହା ଅକ୍ଟୋବର ୭ ତାରିଖରେ ଶ୍ରୀ ମୋଦୀ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ । ସେହିଦିନଠାରୁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଭାବେ ତାଙ୍କର ନିରନ୍ତର 'ସେବା, ସଂଘର୍ଷ ଓ ସମର୍ପଣ'ର ଯାତ୍ରା ଗରିବଙ୍କ କଲ୍ୟାଣ, ମହିଳା ସଶକ୍ତିକରଣ, ଯୁବପିଢ଼ିର ଉନ୍ନତି ଏବଂ ସମାଜର ପ୍ରତ୍ୟେକ ବର୍ଗର ସମୃଦ୍ଧି ସହିତ ସମାର୍ଥକ ହୋଇଛି । ଏହି ୨୫ଶରବକ୍ସ୍ୱଡଲଝରଙ୍ଖବ ମାଧ୍ୟମରେ ଶ୍ରୀ ମୋଦୀ ଜନକଲ୍ୟାଣକାରୀ ନୀତି,



ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ, ନିର୍ଣ୍ଣାୟକ ନେତୃତ୍ୱ, ସ୍ୱଚ୍ଛତା ଏବଂ ଫଳାଫଳ ପ୍ରତି ନିଶ୍ଚିତତା ଆଧାରିତ ଶାସନର ଏକ ନୂତନ ମାନଦଣ୍ଡ ସ୍ଥାପନ କରିବା ସହ 'କାର୍ଯ୍ୟଦକ୍ଷତାର ରାଜନୀତି'ର ଆଦର୍ଶକୁ ପ୍ରତିଷ୍ଠିତ କରିଛନ୍ତି । ଶ୍ରୀ ଅମିତ ଶାହ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଭାବେ ଶ୍ରୀ ମୋଦୀ ଭୂମିକମ୍ପରେ ବିଧ୍ୱସ୍ତ କଚ୍ଛକୁ ପୁନର୍ନିର୍ମାଣ କରି ଏକ ଆଦର୍ଶ ଅଂଚଳରେ ପରିଣତ କରିଥିଲେ । 'ଜ୍ୟୋତିଗ୍ରାମ ଯୋଜନା' ମାଧ୍ୟମରେ ପ୍ରତ୍ୟେକ ଗାଁରେ ୨୪ ଘଂଟିଆ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିଥିଲେ । ସୌର ଶକ୍ତି ଏବଂ 'ଭାଇବ୍ରାଂଟ ଗୁଜରାଟ' ପରି ପଦକ୍ଷେପ ମାଧ୍ୟମରେ ନିବେଶ ଓ ଶିଳ୍ପ କ୍ଷେତ୍ରକୁ ନୂତନ ଦିଗ ଦେବା ସହ କୃଷି କ୍ଷେତ୍ରରେ ୮ ପ୍ରତିଶତରୁ ଅଧିକ ଅଭିବୃଦ୍ଧି ହାସଲ କରିଥିଲେ । ଏହା ଫଳରେ ଗୁଜରାଟରେ ସୁଶାସନର ଏକ ଆଦର୍ଶ ମଡେଲ ପ୍ରତିଷ୍ଠିତ ହୋଇଥିଲା, ଯାହା ପରବର୍ତ୍ତୀ ସମୟରେ ସମଗ୍ର ଦେଶ ପାଇଁ ଏକ ଆଧାର ହୋଇଥିଲା । ପ୍ରଧାନମନ୍ତ୍ରୀ ଭାବେ ତାଙ୍କ କାର୍ଯ୍ୟକାଳରେ ଏହି ଦୂରଦୃଷ୍ଟି ଆହୁରି ବ୍ୟାପକ ହୋଇଥିଲା । ମହାକାଶଠାରୁ ସମୁଦ୍ର ପର୍ଯ୍ୟନ୍ତ, ବିଶ୍ୱସ୍ତରୀୟ ମଂଚଠାରୁ ଆଭ୍ୟନ୍ତରୀଣ ସୁରକ୍ଷା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଭାରତ ନୂତନ ମାଇଲଖୁଂଟ ହାସଲ କରିଛି । ଏଥିସହ ଲୋକଙ୍କ ଜୀବନରେ ମଧ୍ୟ ବ୍ୟାପକ ପରିବର୍ତ୍ତନ ଆସିଛି-୨୫ କୋଟି ଲୋକ ଦାରିଦ୍ର୍ୟରୁ ବାହାରିଥିବାବେଳେ କୋଟି କୋଟି ପରିବାର ପକ୍କା ଘର, ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସୁରକ୍ଷା, ଉଜ୍ଜ୍ୱଳା ଗ୍ୟାସ ସଂଯୋଗ ଏବଂ ପ୍ରତ୍ୟେକ ଘରକୁ ନଳ ଯୋଗେ ପାନୀୟ ଜଳ ଭଳି ସୁବିଧା ପାଇଛନ୍ତି ।

## ଅଳ୍ପରେ ଖବର

» ସୁନ୍ଦରଗଡ଼ ଜିଲ୍ଲା, ବୀରମିତ୍ରପୁରର ଟେମ୍ପା ବେକ୍ (ପିତା – ବିର୍ସା ବେକ୍)ଙ୍କର ଦୁଃଖଦ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି ।

» ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନସେବାର ୨୫ ବର୍ଷ ପୂର୍ତ୍ତି ଅବସରରେ ପୁରୀଠାରେ ଆୟୋଜିତ 'ସେବା ଜ୍ୟୋତି ଯାତ୍ରା'ରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଯୋଗ ଦେଇଥିଲେ ।

## ସରକାରର ମୁଖ୍ୟ ଭାବରେ ୨୫ ବର୍ଷ ପୂରଣ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଲେ ପ୍ରମୁଖ ବିଶ୍ୱନେତା

ନୂଆଦିଲ୍ଲୀ : ବୁଧବାର ସରକାରଙ୍କ ମୁଖ୍ୟ ଭାବରେ କ୍ରମାଗତ ୨୫ ବର୍ଷର ଏକ ଐତିହାସିକ ମାଇଲଖୁଂଟ ଅତିକ୍ରମ କରିଥିବାରୁ ପ୍ରମୁଖ ବିଶ୍ୱ ନେତାମାନେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ୨୦୦୧ ମସିହାରେ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିବା ଏବଂ ପରବର୍ତ୍ତୀ ସମୟରେ ୨୦୧୪ରେ ଭାରତର ପ୍ରଧାନମନ୍ତ୍ରୀ ହେବା ପରଠାରୁ ବିତିଥିବା ଏହି ପଚିଶ ବର୍ଷର ଯାତ୍ରାକୁ ଉଲ୍ଲେଖ କରି ବିଶ୍ୱ ନେତାମାନେ ତାଙ୍କର ପରିବର୍ତ୍ତନକାରୀ ନେତୃତ୍ୱ, ସୁଶାସନ ପ୍ରତି ଥିବା ନିଷ୍ଠା ତଥା ବିଶ୍ୱ ଶାନ୍ତି ଏବଂସମାବେଶୀତଥା ନିରନ୍ତର ବିକାଶ ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରଶଂସା କରିଛନ୍ତି । ନାଇଜେରିଆର ରାଷ୍ଟ୍ରପତି ବୋଲା ଅହମ୍ମଦ ତିନୁବୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି : "ଫେଡେରାଲ୍ ରିପବ୍ଲିକ୍ ଅଫ୍ ନାଇଜେରିଆର ସରକାର ଓ ଜନସାଧାରଣଙ୍କ ତଥା ମୋ ନିଜ ତରଫରୁ, ଭାରତର ପ୍ରଧାନମନ୍ତ୍ରୀ ମାନ୍ୟବର ନରେନ୍ଦ୍ର ମୋଦୀଙ୍କୁ ଏକ ଅତ୍ୟନ୍ତ ଐତିହାସିକ ମାଇଲଖୁଂଟ ପାଇଁ ମୁଁ ଆନ୍ତରିକ ଓ ଭ୍ରାତୃତ୍ୱପୂର୍ଣ୍ଣ ଅଭିନନ୍ଦନ ଜଣାଉଛି । ଆଜି, ୭ ଅକ୍ଟୋବର ୨୦୨୬, ସେହି ଘଟଣାର ୨୫ ବର୍ଷ ପୂରଣ ହୋଇଛି ଯେତେବେଳେ ସେ ପ୍ରଥମ ଥର ପାଇଁ ୨୦୦୧ ମସିହାରେ ଗୁଜରାଟର ମୁଖ୍ୟମନ୍ତ୍ରୀ ତଥା ସରକାରଙ୍କ ମୁଖ୍ୟ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ । ତାଙ୍କର ଜନସେବା ଅବିରତ ଭାବେ ଚାଲିଆସିଛି । ଗୁଜରାଟର ଜନସାଧାରଣଙ୍କ ସେବାରେ ବାର ବର୍ଷରୁ ଅଧିକ ସମୟ ବିତାଇବା ପରେସେ ୨୦୧୪ ମସିହାରୁ ଭାରତର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି । ଯେକୌଣସି ଗଣତନ୍ତ୍ରରେ ଶତାବ୍ଦୀରଏକ ଚତୁର୍ଥାଂଶ (୨୫ ବର୍ଷ) ଧରି ନିରବିଚ୍ଛିନ୍ନ ନେତୃତ୍ୱ ପ୍ରଦାନ କରିବା ଏକ ବିରଳ ସଫଳତା । ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ରରେ, ଭାରତୀୟ ଜନସାଧାରଣଙ୍କ ତାଙ୍କ ପ୍ରତି ଥିବା ଅତୁଟ ବିଶ୍ୱାସର ଏହା ଏକ ବଳିଷ୍ଠ ପ୍ରମାଣ । ଏହି ୨୫ ବର୍ଷ ମଧ୍ୟରେ, ପ୍ରଧାନମନ୍ତ୍ରୀ ମୋଦୀ ଏକ ସୁଦୂରପ୍ରସାରୀ ଦୃଷ୍ଟିକୋଣ ଏବଂ ବିକାଶ ଲାଗି ଅଟଳ ପ୍ରତିବଦ୍ଧତା ସହିତ ନେତୃତ୍ୱ ପ୍ରଦାନ କରିଆସିଛନ୍ତି । ଗୁଜରାଟର ରୂପାନ୍ତରଣ ଠାରୁ ଆରମ୍ଭ କରି ବିଶ୍ୱର ଅନ୍ୟତମ ବୃହତମ ତଥା ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥବ୍ୟବସ୍ଥା ଭାବେ ଭାରତର ଉତାନ ପର୍ଯ୍ୟନ୍ତ—ଭିତିଭୂମି, ଡିଜିଟାଲ୍ ସାର୍ବଜନୀନ ସୁବିଧା, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ନବସୃଜନ କ୍ଷେତ୍ରରେ ତାଙ୍କ ନେତୃତ୍ୱ ଲକ୍ଷ ଲକ୍ଷ ଲୋକଙ୍କ ଜୀବନରେ ଉନ୍ନତି ଆଣିଛି ଏବଂ 'ଗ୍ଲୋବାଲ୍ ସାଉଥ୍'ର ବିଭିନ୍ନ ଦେଶକୁ ଅନୁପ୍ରାଣିତ କରିଛି ।


"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ । ।"

ଦୈନିକ ସମ୍ବାଦପତ୍ର 'ଆଜିକାଲି'ର ପ୍ରତିଷ୍ଠାତା
ତଥା ବିଶିଷ୍ଟ ସମାଜସେବୀ
୰ ବିସ୍ମୟ କୁମାର ମହାନ୍ତିଙ୍କ
ନବମ ଶ୍ରାଦ୍ଧବାର୍ଷିକୀ



ଆବିର୍ଭାବ :
୦୨ ।୦୨ ।୧୯୫୭

ତିରୋଧାନ :
୦୮ ।୧୦ ।୨୦୧୭

ଆପଣଙ୍କ ଆଦର୍ଶ, ସ୍ୱାଭିମାନ, ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ପରୋପକାର, ଆମକୁ ଦିଗ୍‌ଦର୍ଶନ ଦେଉ । ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

:: ଶୋକସନ୍ତପ୍ତ ::
ଆତ୍ମୀୟସ୍ୱଜନ ତଥା
'ଆଜିକାଲି' ପରିବାରବର୍ଗ



# ନାଲକୋ–ଏନଏଲସି ଯୁଗ୍ମ ଉଦ୍ୟୋଗକୁ ସ୍ୱୀକୃତିପ୍ରାପ୍ତ ସଙ୍ଗଠନର ବିରୋଧ

ଅନୁଗୋଳ(ନି.ପ୍ର.): ନାଲକୋର ଅନୁଗୋଳସ୍ଥିତ ନିଜସ୍ୱ ବିଦ୍ୟୁତ୍ କେନ୍ଦ୍ରର ସ୍ୱୀକୃତିପ୍ରାପ୍ତ ଆଇଏନ୍ ?ଟିୟୁସି ସମର୍ଥିତ ସଂଗଠନ ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନ ପକ୍ଷରୁ ବୁଧବାର ବିଦ୍ୟୁତ୍ କେନ୍ଦ୍ର ଗୋଲେଇ ଛକଠାରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘ[ଆ ଗଣଧାରଣା ଓ ପ୍ରତିବାଦ ଆୟୋଜିତ ହୋଇଥିଲା । ପ୍ରସ୍ତାବିତ ନାଲକୋ–ଏନଏଲସି ଯୁଗ୍ମ ଉଦ୍ୟୋଗକୁ ନାଲକୋର ବିଦ୍ୟୁତ୍ କେନ୍ଦ୍ରର ଭବିଷ୍ୟତ ଏବଂ କର୍ମଚାରୀଙ୍କ କଲ୍ୟାଣ, କ୍ୟାରିୟର ଉନ୍ନତି ଓ ସେବା ସୁବିଧା ସମ୍ପର୍କିତ ବିଭିନ୍ନ ଦାବି ନେଇ ଏହି ପ୍ରତିବାଦ କରାଯାଇଥିଲା ।୧,୦୮୦ ମେଗାୱାଟ୍ କ୍ଷମତାର ୪ଟି ୨୭୦ ମେଗାୱାଟ୍ ? ୟୁନିଟ୍ ? ବିଶିଷ୍ଟ ତାପଜ କ୍ୟାପ୍ଟିଭ୍ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ ପାଇଁ ପ୍ରସ୍ତାବିତ ୫୦:୫୦ ନାଲକୋ–ଏନଏଲସି ଯୁଗ୍ମ ଉଦ୍ୟୋଗକୁ ସଂଗଠନ ଦୃଢ଼ ଭାବରେ ବିରୋଧ କରିଛି । ରଣନୈତିକ ଭାବେ ଗୁରୁତ୍ୱପୂର୍ଣ୍ଣ ନିଜସ୍ୱ ବିଦ୍ୟୁତ୍ ସମ୍ପତିର ମାଲିକାନା ଓ ନିଷ୍ପତି ନେବାର ଅଧିକାର ଅନ୍ୟ ଏକ ସରକାରୀ ଉଦ୍ୟୋଗ ସହ ଭାଗ କରିବା ପରିବର୍ତେ ନାଲକୋ ନିଜେ ଏହି ପ୍ରକଳ୍ପର ବିକାଶ, ମାଲିକାନା ଓ ପରିଚାଳନା କରୁ ବୋଲି ସଂଗଠନ ଦାବି କରିଛି ।ଏନଏଲସି ଇଣ୍ଡିଆର ନିର୍ଦ୍ଦେଶକମଣ୍ଡଳୀ ପକ୍ଷରୁ ନାଲକୋ ସହ ପ୍ରସ୍ତାବିତ ୫୦:୫୦ ଯୁଗ୍ମ ଉଦ୍ୟମ ପ୍ରତିଷ୍ଠା ପାଇଁ ଅନୁମୋଦନ ପରେ ଏହି ପ୍ରତିବାଦ ଆୟୋଜିତ ହୋଇଥିଲା । ପ୍ରସ୍ତାବିତ ନାଲକୋ–ଏନଏଲସି ପାୱାର ଲିମିଟେଡ୍ ମାଧ୍ୟମରେ ପର୍ଯ୍ୟାୟକ୍ରମେ ଏହି ବିଦ୍ୟୁତ୍ କେନ୍ଦ୍ର ବିକାଶ କରି ନାଲକୋର ନିଜସ୍ୱ ବିଦ୍ୟୁତ୍ ଆବଶ୍ୟକତା ପୂରଣ କରିବାର ଯୋଜନା ରହିଛି । ତେବେ ଏହାର କାର୍ଯ୍ୟାନ୍ୱୟନ ସମ୍ପର୍କିତ ଆଇନଗତ ଓ ପ୍ରଶାସନିକ ଅନୁମୋଦନ ଉପରେ ନିର୍ଭରଶୀଳ ରହିବ ।ସଂଗଠନ ସ୍ପଷ୍ଟ କରିଛି ଯେ ୧,୦୮୦ ମେଗାୱାଟ୍ ? ନୂତନ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ଯୋଗ କରିବା କିମ୍ବା ସରକାରୀ ଉଦ୍ୟୋଗଗୁଡ଼ିକ ମଧ୍ୟରେ ସହଯୋଗକୁ ଏହା ବିରୋଧ କରୁନାହିଁ । ବିରୋଧ କେବଳ ୫୦:୫୦ ମାଲିକାନା ଓ କାର୍ଯ୍ୟାନ୍ୱୟନ ବ୍ୟବସ୍ଥାକୁ ନେଇ ବୋଲି ସଂଗଠନ କହିଛି ।ସଂଗଠନର କହିବା ଅନୁଯାୟୀ, ନାଲକୋ ପ୍ରାୟ ଚାରି ଦଶନ୍ଧି ଧରି ନିଜର ୧,୨୦୦ ମେଗାୱାଟ୍ ? କ୍ଷମତାର ନିଜସ୍ୱ ବିଦ୍ୟୁତ୍ କେନ୍ଦ୍ର ପରିଚାଳନା କରିଆସୁଛି । ନୂତନ ବିଦ୍ୟୁତ୍ ପ୍ରକଳ୍ପକୁ ସ୍ୱତନ୍ତ୍ର ଭାବରେ ବିକାଶ କରିବା ପାଇଁ ନାଲକୋ ପାଖରେ ଆବଶ୍ୟକ ଭିତିଭୂମି, ବୈଷୟିକ ଦକ୍ଷତା, ମାନବ ସମ୍ବଳ ଓ ପରିଚାଳନା କ୍ଷମତା ରହିଛି । ତେଣୁ ନାଲକୋର ନିଜସ୍ୱ ବିଦ୍ୟୁତ୍ ଆବଶ୍ୟକତା ପୂରଣ କରିବାକୁ ଥିବା ଏକ ସମ୍ପତିର ମାଲିକାନା, ନିୟନ୍ତ୍ରଣ ଓ ଭବିଷ୍ୟତ ଆର୍ଥିକ ଲାଭ ଅନ୍ୟ ସଂସ୍ଥା ସହ ଭାଗ କରିବାର ଆବଶ୍ୟକତା କ'ଣ ବୋଲି ସଂଗଠନ ପ୍ରଶ୍ନ ଉଠାଇଛି ।ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନର ସାଧାରଣ ସମ୍ପାଦକ ବିଭବ ଜେନା କହିଛନ୍ତି, "ଯେକୌଣସି ପରିସ୍ଥିତିରେ ନାଲକୋ ଓ ଏନଏଲସିଆଇଏଲ୍ ମଧ୍ୟରେ ପ୍ରସ୍ତାବିତ ଯୁଗ୍ମ ଉଦ୍ୟମ ନାଲକୋର ନିଜସ୍ୱ ମାଲିକାନା ଓ ବିଦ୍ୟୁତ୍ ଉତ୍ପାଦନ ଉପରେ ନିୟନ୍ତ୍ରଣକୁ କ୍ଷୁଣ୍ଣ କରିବାକୁ ଆମେ ଦେବୁ ନାହିଁ । ପ୍ରସ୍ତାବିତ ବିଦ୍ୟୁତ୍ ପ୍ରକଳ୍ପକୁ ନାଲକୋ ନିଜେ ବିକାଶ କରିବା, ମାଲିକାନା ରଖିବା ଓ ପରିଚାଳନା କରିବା ଉଚିତ । ଏହି ପ୍ରକଳ୍ପକୁ ନିଜେ କାର୍ଯ୍ୟାନ୍ୱୟନ କରିବା ପାଇଁ ନାଲକୋ ପାଖରେ ଆବଶ୍ୟକ ଅଭିଜ୍ଞତା, ଭିତିଭୂମି ଓ ସାମର୍ଥ୍ୟ ରହିଛି ।ଯୁଗ୍ମ ଉଦ୍ୟମ ଦ୍ୱାରା ନାଲକୋର ଦୀର୍ଘମିଆଦୀ ପରିଚାଳନା ନିୟନ୍ତ୍ରଣ, ମାନବ ସମ୍ବଳ ଯୋଜନା, କର୍ମଚାରୀଙ୍କ କ୍ୟାରିୟର ସୁଯୋଗ, ଭବିଷ୍ୟତ ସମ୍ପ୍ରସାରଣ ଓ ଆର୍ଥିକ ଲାଭ ଉପରେ ପ୍ରଭାବ ପଡ଼ିପାରେ ବୋଲି ସଂଗଠନ ଚେତାବନୀ ଦେଇଛି ।ଗଣଧାରଣାରେ କର୍ମଚାରୀଙ୍କ ସମ୍ପର୍କିତ ବିଭିନ୍ନ ବକେୟା ଦାବି ମଧ୍ୟ ଉପସ୍ଥାପିତ ହୋଇଥିଲା । ସମସ୍ତ କର୍ମଚାରୀଙ୍କୁ ଅବସରୋତର ଚିକିତ୍ସା ସୁବିଧା ପ୍ରଦାନ, ୨୦୨୪–୨୫ ଓ ୨୦୨୫–୨୬ ବର୍ଷର ପ୍ରଡକ୍ସନ ଗିଫ୍ଟ ପ୍ରଦାନ, କାର୍ଯ୍ୟଦକ୍ଷତା ଆଧାରିତ ପିଆପି ଗ୍ରେଡ୍ ଗୁଣକକୁ ୦.୩୯୫ରୁ ୦.୬୫୦କୁ ବୃଦ୍ଧି ଏବଂ ଆରମ୍ଭରୁ ଶେଷ ଗ୍ରେଡ୍–୧ ପର୍ଯ୍ୟନ୍ତ କ୍ୟାରିୟର ଅବଧିକୁ ୪୩.୫ ବର୍ଷରୁ ୩୪ ବର୍ଷକୁ ହ୍ରାସ କରିବା ପାଇଁ ସଂଗଠନ ଦାବି କରିଥିଲା ।ଏହାସହ ଚିକିତ୍ସା ପାଇଁ ଅନ୍ୟତ୍ର କର୍ମଚାରୀଙ୍କ ପାଇଁ ଏକକ ଶୀତତାପ ନିୟନ୍ତ୍ରିତ କୋଠରୀ ବ୍ୟବସ୍ଥା, ମୁଖ୍ୟ ଭୋଜନାଳୟରେ ରାତ୍ରିଭୋଜନ ସୁବିଧା ଆରମ୍ଭ, ଆମିଷ ଖାଦ୍ୟ ତାଲିକାରେ ପରିବର୍ତନ, ଅଟକି ରହିଥିବା ବେତନ ବୃଦ୍ଧି ପ୍ରଦାନ ଏବଂ ମୋବାଇଲ୍ ଫୋନ୍ କ୍ରୟ ପାଇଁ ଖର୍ଚ୍ଚ ପୂରଣ ସୀମା ବୃଦ୍ଧି ପାଇଁ ମଧ୍ୟ ଦାବି କରାଯାଇଥିଲା ।ବିଦ୍ୟୁତ୍ କେନ୍ଦ୍ରରେ ଚାଲିଥିବା ଅବ୍ୟାହତ କୋଇଲା ସଙ୍କଟ ଏବଂ ଏହାର ପରିଣାମରେ ଅଧିକ ମୂଲ୍ୟରେ ବିଦ୍ୟୁତ୍ କିଣିବାକୁ ପଡୁଥିବା ପ୍ରସଙ୍ଗକୁ ମଧ୍ୟ ଗଣଧାରଣାରେ ଜୋରଦାର ଭାବରେ ଉଠାଯାଇଥିଲା । ପର୍ଯ୍ୟାପ୍ତ କୋଇଲା ଯୋଗାଣ ସୁନିଶ୍ଚିତ କରିବା, ଅଧିକ ମୂଲ୍ୟରେ ବିଦ୍ୟୁତ୍ କ୍ରୟ ବନ୍ଦ କରିବା ଏବଂ ବିଦ୍ୟୁତ୍ କେନ୍ଦ୍ରର ନିରବଚ୍ଛିନ୍ନ ପରିଚାଳନା ନିଶ୍ଚିତ କରିବା ପାଇଁ ନାଲକୋ ପରିଚାଳନା ତୁରନ୍ତ ପଦକ୍ଷେପ ନେଉ ବୋଲି ସଂଗଠନ ଦାବି କରିଛି ।ଏହି ଗଣଧାରଣା ମାଧ୍ୟମରେ ନାଲକୋ ପରିଚାଳନା ଏବଂ ସମ୍ପୃକ୍ତ କର୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ, ଅର୍ଥପୂର୍ଣ୍ଣ ଆଲୋଚନା ଓ ଉପଯୁକ୍ତ ନିଷ୍ପତି ମାଧ୍ୟମରେ ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନ ଦାବି କରିଛି ।ଗଣଧାରଣାରେ ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନର ସଭାପତି ହେମନ୍ତ ପ୍ରଧାନଙ୍କ ସମେତ ବରିଷ୍ଠ ପ୍ରତିନିଧି ଓ କର୍ମକର୍ତା ଅଶୋକ ବେହେରା, ମଲୟ ନାୟକ, ଏନ୍ ?.ଏନ୍ ?. ମିଶ୍ର, ସାମରାଇ ମୁର୍ମୁ, ହରେକୃଷ୍ଣ ନାଥ, ଅଜୟ ନାୟକ, ଟିକନ ଦେହୁରୀ, ତ୍ରିନାଥ ମହାପାତ୍ର, କେଶବ ରଣା, ଡାକ୍ତର ସାହୁ, ଜେ.ଜେ. ନାୟକ, ବିଜୟ ପ୍ରଧାନ, ପ୍ରଭୁ ପତି, ସାଲଖାନ ମୁର୍ମୁ, ପଲଟନ ଟୁଡୁ ଓ ପି.ସି. ସାହୁଙ୍କ ସମେତ ପ୍ରାୟ ୧୦୦ ଜଣ କର୍ମଚାରୀ ଯୋଗ ଦେଇଥିଲେ । ନାଲକୋକୁ ଆହୁରି ମଜବୁତ କରିବା, ଏହାର ରଣନୈତିକ ସ୍ୱାର୍ଥର ସୁରକ୍ଷା କରିବା, କର୍ମଚାରୀଙ୍କ ଭବିଷ୍ୟତ ସୁରକ୍ଷିତ କରିବା, ଅଣ–କାର୍ଯ୍ୟନିର୍ବାହୀ କର୍ମଚାରୀଙ୍କ ସୁବିଧା ବୃଦ୍ଧି କରିବା ଏବଂ ଆଲୁମିନିୟମ୍ ଶିଳ୍ପ ସମୁଚ୍ଚୟର ଦୀର୍ଘମିଆଦୀ ଶକ୍ତି ସୁରକ୍ଷା ନିଶ୍ଚିତ କରିବା ପାଇଁ ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନ ନିଜର ପ୍ରତିବଦ୍ଧତାକୁ ପୁନଃବ୍ୟକ୍ତ କରିଛି ।

# ମାଣତ୍ରୀ ଏସଏସଡି ବାଳିକା ହଷ୍ଟେଲରେ ଝାଡ଼ାବାନ୍ତି ଆତଙ୍କ
## ୩୫ରୁ ଉର୍ଦ୍ଧ୍ୱ ଛାତ୍ରୀ ଆକ୍ରାନ୍ତ, ଡାକ୍ତରଖାନାରେ ଭର୍ତି



ବେତନଟୀ(ନି.ପ୍ର ): ମାଣତ୍ରୀ ଏସଏସଡି ବାଳିକା ହଷ୍ଟେଲରେ ଝାଡ଼ାବାନ୍ତି ଆତଙ୍କ । ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ ଅନ୍ତର୍ଗତ ମାଣତ୍ରୀ ସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ (ଏସଏସଡି) ବାଳିକା ବିଦ୍ୟାଳୟ ହଷ୍ଟେଲରେ ଘଟିଛି ଏହି ଅଭାବନୀୟ ଘଟଣା । ହଷ୍ଟେଲରେ ରହୁଥ?ବା ୩୫ରୁ ଉର୍ଦ୍ଧ ଛାତ୍ରୀ ହଠାତ୍ ଝାଡ଼ାବାନ୍ତି ଏବଂ ପେଟ ବ୍ୟଥାର ଶିକାର ହୋଇ ଚିକିତ୍ସାଳୟରେ ଭର୍ତି ହୋଇଛନ୍ତି । ଏହି ଘଟଣା ସ୍ଥାନୀୟ ଅଂଚଳରେ ତୀବ୍ର ଚାଂଚଲ୍ୟ ସୃଷ୍ଟି କରିଛି । ସୂଚନା ଅନୁଯାୟୀ, ଗତକାଲି ରାତିରେ ହଷ୍ଟେଲରେ ରାତ୍ରିଭୋଜନ ସାରି ଶୋଇବା ପରେ ବିଳମ୍ବିତ ରାତିରୁ କିଛି ଛାତ୍ରୀଙ୍କଠାରେ ବାନ୍ତି, ଝାଡ଼ା ଓ ପେଟବଥା ଲକ୍ଷଣ ଦେଖାଦେଇଥିଲା । ଧୀରେ ଧୀରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇ ୩୫ରୁ ଉର୍ଦ୍ଧ୍ୱରେ ପହଂଚିଥିଲା । ବିଦ୍ୟାଳୟ କର୍ତୃପକ୍ଷ ତୁରନ୍ତ ଆମ୍ବୁଲାନ୍ସ ଏବଂ ଅନ୍ୟ ଗାଡ଼ି ଯୋଗେ ଅସୁସ୍ଥ ଛାତ୍ରୀମାନଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ମାଣତ୍ରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । ସେଠାରେ ସ୍ଥାନାଭାବ ଏବଂ ଗୁରୁତର ଥିବା କିଛି ଛାତ୍ରୀଙ୍କୁ ତୁରନ୍ତ ବଡସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି ।ଡାକ୍ତରଖାନାରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଆକ୍ରାନ୍ତ ଛାତ୍ରୀମାନଙ୍କୁ ଚିକିତ୍ସା ଯୋଗାଇ ଦେଉଛନ୍ତି । ବର୍ତମାନ ସମସ୍ତ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଏବଂ ବିପଦମୁକ୍ତ ଥିବା ଡାକ୍ତର ସୂଚନା ଦେଇଛନ୍ତି । ଖାଦ୍ୟ ବିଷକ୍ରିୟା (ଫୁଡ଼ ପଏଜନିଂ ) କିମ୍ବା ଦୂଷିତ ପାନୀୟ ଜଳ ବ୍ୟବହାର ଯୋଗୁଁ ଏଭଳି ସ୍ଥିତି ଉପୁଜିଥିବା ସନ୍ଦେହ କରାଯାଉଛି । ଘଟଣା ସମ୍ପର୍କରେ ଖବର ପାଇ ମୟୂରଭଞ୍ଜ ଜିଲ୍ଲାପାଳ ତୁରନ୍ତ ଡାକ୍ତରଖାନାରେ ପହଂଚି ଅସୁସ୍ଥ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟବ୍ୟବସ୍ଥା ବୁଝିବା ସହ ଉତମ ଚିକିତ୍ସା ଯୋଗାଇଦେବାକୁ ଡାକ୍ତରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାପରେ ଜିଲ୍ଲାପାଳ ସିଧାସଳଖ ମାଣତ୍ରୀ ଏସଏସଡି ବାଳିକା ହଷ୍ଟେଲ ପରିଦର୍ଶନ କରି ରୋଷେଇ ଘର, ଡାଇନିଂ ହଲ୍ ଏବଂ ପାନୀୟ ଜଳ ବ୍ୟବସ୍ଥାର ତନଖି କରିଛନ୍ତି । ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ହଷ୍ଟେଲରେ ଦିଆଯାଉଥିବା ଖାଦ୍ୟ ଓ ପାଣିର ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । କର୍ତବ୍ୟରେ ଅବହେଳା କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

# ନୟାଗଡ଼ରେ ସଡ଼କ ସୁରକ୍ଷା ସଚେତନତା ସହ ମାଗଣା ହେଲମେଟ ବଂଟନ



ନୟାଗଡ(ନି.ପ୍ର.) ନୟାଗଡ଼ ଜିଲ୍ଲା ସଦର ମହକୁମା ସ୍ଥିତ ଗୋଲେଇ ଛକଠାରେ ସେବା ସଂକଳ୍ପ ଅଭିଯାନ-୨୦୨୬ ଅବସରରେ ଆଂଚଳିକ ପରିବହନ କାର୍ଯ୍ୟାଳୟ,ନୟାଗଡ଼ ତରଫରୁ ସଡ଼କ ସୁରକ୍ଷା ସଚେତନତା ଓ ମାଗଣା ହେଲମେଟ ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ମାନନୀୟା ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥ , ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ସୁବାଷ ଚନ୍ଦ୍ର ପଣ୍ଡା, ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ବିଭୁ ରଞ୍ଜନ ନାୟକ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ପ୍ରଦୀପ୍ତ କୁମାର ସେନାପତି ଉପସ୍ଥିତ ରହି ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ନେଇ ସଚେତନ କରିଥିଲେ ।ଦୁଇଚକିଆ ଯାନ ଚାଳନା ସମୟରେ ହେଲମେଟ ପିନ୍ଧିବା, ଅତ୍ୟଧିକ ବେଗରେ ଯାନ ନ ଚଳାଇବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା ଏବଂ ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର ନ କରିବା ଆଦି ଟ୍ରାଫିକ୍ ? ନିୟମ ପାଳନ ଉପରେ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ କୁଇଜ ମାଧ୍ୟମରେ ସଠିକ ଉତର ଦେଇଥିବା ଯୋଗ୍ୟ ଦୁଇଚକିଆ ଯାନ ଚାଳକମାନଙ୍କୁ ମାଗଣା ହେଲମେଟ ବଂଟନ କରାଯାଇଥିଲା ।ସଡ଼କ ଦୁର୍ଘଟଣା ରୋକିବା ସହ ଅମୂଲ୍ୟ ଜୀବନର ସୁରକ୍ଷା ପାଇଁ ପ୍ରତ୍ୟେକ ନାଗରିକ ଟ୍ରାଫିକ୍ ନିୟମକୁ ଦାୟିତ୍ୱର ସହ ପାଳନ କରିବାକୁ ଏହି ଅବସରରେ ଆହ୍ୱାନ କରାଯାଇଥିଲା ।

# ଖଇରା ଥାନାରେ ଶାନ୍ତି କମିଟି ବୈଠକ

ଖଇରା(ନି.ପ୍ର.)ବାଲେଶ୍ୱର ଜିଲା ଅଧୀନ ଖଇରା ଥାନା ପରିସରରେ ଗୁରୁବାର ସଂଧ୍ୟାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଖଇରା ଥାନା ଆଇଆଇସି ପ୍ରଶାନ୍ତ କୁମାର ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ । ନିଳଗିରି ଏସଡିପିଓ ନିର୍ମଳା ଗୋଛାୟତ ଯୋଗ ଦେଇ ପୂଜା ପେଣ୍ଡାଲ କମିଟି ମାନଙ୍କୁ ପରାମର୍ଶ ଦେବା ଅବସରରେ ଯେଭଳି ଭାବେ ସବୁ ବର୍ଗ ଓ ସମସ୍ତ ସମ୍ପ୍ରଦାୟର ଲୋକ ଶାନ୍ତି ଶୃଙ୍ଖଳାର ସହ ମା ଦୁର୍ଗତୀନାଶିନୀଙ୍କ ଦର୍ଶନ କରି ପାରିବେ ସମସ୍ତ କମିଟି ସେଭଳି ଭାବେ ପ୍ରସ୍ତୁତି କରିବା ଦରକାର ବୋଲି କହିଥିଲେ । ଏଥିସହ ଡିଜେ ବନ୍ଦ ପାଇଁ କଡାକଡି ନିୟମ ଥିବା ବେଳେ ଏହାକୁ ସମ୍ମାନ ଦେବା ସହ ନିଶାସେବନ ଠାରୁ ଦୁରେଇ ରହିବା ଦରକାର । ଅନ୍ୟଥା ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ଏବଂ ଅମାନିଆଙ୍କ ଉପରେ ମାମଲା ମଧ୍ୟ ରୁଜୁ ହେବ ବୋଲି କହିଥିଲେ । ପୁଜା ସମୟରେ ରାସ୍ତା କଡରୁ ମାଂସ ଓ ମାଛ ଦୋକାନ ଅନ୍ୟତ୍ର ଉଠାଇବାକୁ ବିଭିନ୍ନ କମିଟି ପକ୍ଷରୁ ଦାବି କରାଯିବା ପରେ ଅତିରିକ୍ତ ତହସିଲଦାର ଗଦାଧର ସେଠୀ ଏହା ଉପରେ ପଦକ୍ଷେପ ନେବାକୁ ପ୍ରତିଶୃତି ଦେଇଥିଲେ । ପୋଲିସ ପକ୍ଷରୁ ଆବଶ୍ୟକ ପେଟ୍ରୋଲିଂ ସହ ଗହଳି ସ୍ଥାନ ମାନଙ୍କରେ ଟ୍ରାଫିକ ପ୍ରତି ଦୃଷ୍ଟି ଦିଆଯିବ ବୋଲି ଆଇଆଇସି ପ୍ରକାଶ କରିଥିଲେ । ଉକ୍ତ ଶାନ୍ତି କମିଟି ବୈଠକରେ ୧୩ ପୂଜା ମଣ୍ଡପ ର କର୍ମକର୍ତା ଓ ଖଇରା ଥାନାର କର୍ମଚାରୀ ଉପସ୍ଥିତ ଥିଲେ ।

# ଷଣ୍ଢ ସହ ଧକ୍କା,ମାଛ ବ୍ୟବସାୟୀ ମୃତ

ଖଇରା,(ନି.ପ୍ର.)କୁପାରୀ-ରାଣିତାଲ ରାସ୍ତାର ଖଇରା ଥାନା ଅଧୀନ ରୁସ୍ତମପୁର ଛକ ନିକଟରେ ଷଣ୍ଢକୁ ଧକ୍କାଦେଇ ଜଣେ ମାଛ ବ୍ୟବସାୟୀ ମୃତ୍ୟୁ ବରଣ କରିଛନ୍ତି । ବ୍ୟବସାୟୀ ଜଣକ ହେଲେ ଖଇରା ବ୍ଲକ ଅନ୍ତରା ପ□ାୟତ ଅଧୀନ କନ୍ଦଡା ଗ୍ରାମର ଉମାକାନ୍ତ ସେଠୀ(୫୮) । ଗୁରୁବାର ସଂଧ୍ୟାରେ ସେ ମାଛ ବିକି ସାରି କୁପାରୀ-ରାଣିତାଲ ରାସ୍ତାରେ ଘରକୁ ଫେରୁଥିବା ବେଳେ ରାସ୍ତା ଉପରେ ଛିଡା ହୋଇଥିବା ଷଣ୍ଢସହ ଧକ୍କା ହେବାରୁ ଗୁରୁତର ହୋଇ ପଡିଥିଲେ । ଆମ୍ବୁଲାନ୍ସ ଓ ଦମକଳ ଗାଡି ପହଂଚିବାରେ ବିଳମ୍ବ ଘଟିବା ଯୋଗୁଁ ଖଇରା ଥାନା ଆଇଆଇସି ପ୍ରଶାନ୍ତ କୁମାର ଜେନା ନିଜ ଗାଡିରେ ଉମାକାନ୍ତଙ୍କୁ ଖଇରା ମେଡିକାଲ ଆଣିଥିଲେ ।

# ସାନମହେଶ୍ୱରରେ ପଂଚାୟତସ୍ତରୀୟ ନୂଆଖାଇ ଭେଟଘାଟ





ନୂଆପଡା, (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ସାନମହେଶ୍ୱର ଘରଧରାଠାରେ ସାନମହେଶ୍ୱର ପଂଚାୟତସ୍ତରୀୟ ଦ୍ୱିତୀୟ ବର୍ଷ ନୂଆଖାଇ ଭେଟଘାଟ ଉତ୍ସବ ଆଡ଼ମ୍ବରପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି ।ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଜିଲ୍ଲା ପରିଷଦ ସଦସ୍ୟ ଚିତରଞ୍ଜନ ବେହେରା, ସାମାଜିକ କର୍ମୀ ଅକ୍ଷୟ ନନ୍ଦ, ପୂର୍ବତନ ସରପଂଚ ଶ୍ୟାମସୁନ୍ଦର କୁଳଦୀପ, ଓକିଲ ସଂଘ ସଭାପତି ଗୋବର୍ଦ୍ଧନ ସୁନା, ସାମାଜିକ କର୍ମୀ ଦସମୁ ବେହେରା ଓ ଡୁଆଝର ସରପଂଚ ଜିତୁ କୁମ୍ଭାର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୋଭାବର୍ଦ୍ଧନ କରିଥିଲେ । ଥବିର ଦୀପ ମଂଚ ପରିଚାଳନା କରିଥିଲେ ।ଏହି ଅବସରରେ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ପାଣିଗ୍ରାହୀ ନିଜ ବକ୍ତବ୍ୟରେ କହିଥିଲେ ଯେ, 'ମା' ସମଲେଶ୍ୱରୀ ଆମ ସମସ୍ତଙ୍କୁ ଗୋଟିଏ ଡୋରରେ ବାନ୍ଧି ରଖନ୍ତୁ ଏବଂ ଅଂଚଳର ସର୍ବାଙ୍ଗୀଣ ବିକାଶ ହେଉ ।' ନୂଆଖାଇ ଭେଟଘାଟ ଭଳି ପାରମ୍ପରିକ କାର୍ଯ୍ୟକ୍ରମ ଆମର ଭାଇଚାରା, ଏକତା ଓ ସାମାଜିକ ସମ୍ପର୍କକୁ ଆହୁରି ମଜବୁତ କରିଥାଏ ବୋଲି ସେ ପ୍ରକାଶ କରିଥିଲେ ।ଏହି କାର୍ଯ୍ୟକ୍ରମରେ ସାନମହେଶ୍ୱର ପଂଚାୟତର ବହୁ ସଂଖ୍ୟକ ଜନସାଧାରଣ ଉପସ୍ଥିତ ରହି ଉତ୍ସବକୁ ସଫଳ ମଣ୍ଡିତ କରିଥିଲେ । ସନ୍ଧ୍ୟାରେ ବରଗଡ଼ରୁ ଆସିଥିବା 'ସରଗମ ସିତାରା' ଆଶିଷ କୁମ୍ଭାର ଙ୍କ ଅର୍କେଷ୍ଟ୍ରା ପକ୍ଷରୁ ଏକ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଏଥିରେ ଗାୟକ ଆଶିଷ କୁମ୍ଭାରଙ୍କ ସୁମଧୁର ସଙ୍ଗୀତରେ ଖାଡିଆଲ ବିଧାୟକ ଅଧିରାଜ ପାଣିଗ୍ରାହୀ ଓ ଖାଡିଅଲ ବ୍ଲକ ଉପାଧକ୍ଷ ଗଗୈତମ ତାଣ୍ଡି ନାଚି ଉଠି ଥିଲେ ଓ ଦର୍ଶକମାନେ ବିଭୋର ହୋଇ ଝୁମି ଉଠିଥିଲେ ।

# ନାବାଳିକାଙ୍କୁ ଅପହରଣ ଓ ଦୁଷ୍କର୍ମ କରିବା ଅଭିଯୋଗରେ ଯୁବକ ଗିରଫ

ବ୍ରହ୍ମପୁର(ନି.ପ୍ର.) : ଜଣେ ନାବାଳିକାଙ୍କୁ ଅପହରଣ କରି ଦୁଷ୍କର୍ମ କରିଥିବା ଅଭିଯୋଗରେ ସଦର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ବାଲୁଗାଁର ଆକାଶ ମହାରଣା(୨୧) । ପୁଲିସ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରି ତାଙ୍କ ବୟାନ ରେକର୍ଡ କରିବା ସହ ଡାକ୍ତରୀ ପରୀକ୍ଷା କରାଇଛି । ସୂଚନା ଅନୁସାରେ, ସଦର ଥାନା ଅଂଚଳରେ ଜଣେ ନାବାଳିକା ନିଖୋଜ ହୋଇଥିବା ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା । ତଦନ୍ତ ବେଳେ ଆକାଶ ମହାରଣା ନାମକ ଜଣେ ଯୁବକ ସମ୍ପୃକ୍ତ ନାବାଳିକାଙ୍କୁ ନେଇଯାଇଥିବା ପୁଲିସ ଜାଣିବାକୁ ପାଇଥିଲା । ଏହାପରେ ତାଙ୍କ ମୋବାଇଲ ଟ୍ରାକିଂ କରି ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା । ଶେଷରେ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଆକାଶଙ୍କୁ କାବୁ କରି ଥାନାକୁ ଅଣାଯାଇଥିଲା । ଉଦ୍ଧାର ପରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଥିଲା । ତାଙ୍କ ବୟାନ ଅନୁସାରେ, ଅଭିଯୁକ୍ତ ଆକାଶ ତାଙ୍କ ସହ ଏକାଧିକ ଥର ଦୁଷ୍କର୍ମ କରିଥିବା ଅଭିଯୋଗ ସାମ୍ନାକୁ ଆସିଥିଲା । ପ୍ରାଥମିକ ତଦନ୍ତ ଓ ନାବାଳିକାଙ୍କ ବୟାନକୁ ଆଧାର କରି ପୁଲିସ ଆକାଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ସୂଚନା ମିଳିଛି ।

# କନିଷି ଛକରେ ଅବକାରୀ ଚଢ଼ାଉ; କାରରୁ ୧୨୦ କେଜି ଭାଙ୍ଗ ଜବତ, ୨ ଗିରଫ

ବ୍ରହ୍ମପୁର(ନି.ପ୍ର.): ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷି ଛକରେ ବ୍ରହ୍ମପୁର ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଏକ କାରରୁ ୧୨୦ କେଜି ଭାଙ୍ଗ ଜବତ କରାଯାଇଛି । ଏହି ଘଟଣାରେ ଖୋର୍ଦ୍ଧା ଜିଲ୍ଲାର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ସେମାନେଖୋର୍ଦ୍ଧା ଜିଲ୍ଲା ପୋଡ଼ପୁଟ ଗ୍ରାମର ଲକ୍ଷ୍ମୀଧର ମହାନ୍ତି ଓ ଦୁଷ୍ମନ୍ତ କୁମାର ଦାସ । ମଙ୍ଗଳବାର ବ୍ରହ୍ମପୁର ଅବକାରୀ ଅଧୀକ୍ଷକ ପ୍ରବୀଣ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଏବଂ ବ୍ରହ୍ମପୁର ଭ୍ରାମ୍ୟମାଣ ଅବକାରୀ ସଂସ୍ଥାର ନିରୀକ୍ଷକ ମୋହନ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅବକାରୀ ଟିମ୍ କନିଷି ଛକରେ ଚଢ଼ାଉ କରିଥିଲା । ଏହି ସମୟରେ ଓଆର-୦୫-ଆର-୬୮୭୨ ନମ୍ବର ବିଶିଷ୍ଟ ଏକ ହ୍ୟୁଣ୍ଡାଇ ସାଂଟ୍ରୋ କାରକୁ ଯାଂଚ କରାଯିବା ବେଳେ ସେଥିରୁ ୧୨୦ କେଜି ଭାଙ୍ଗ ମିଳିଥିଲା । ଅବକାରୀ ବିଭାଗ ଭାଙ୍ଗ ସହ ଚାଲାଣରେ ବ୍ୟବହୃତ କାରକୁ ଜବତ କରାଯାଇଥିଲା ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଖୋର୍ଦ୍ଧା ଜିଲ୍ଲା ପୋଡ଼ପୁଟ ଗ୍ରାମର ଲକ୍ଷ୍ମୀଧର ମହାନ୍ତି ଓ ଦୁଷ୍ମନ୍ତ କୁମାର ଦାସଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଏସପି ପ୍ରବୀଣ ପ୍ରଧାନ ସୂଚନା ଦେଇଛନ୍ତି । ଚଢ଼ାଉରେ ଅବକାରୀ ନିରୀକ୍ଷକ ମୋହନ ପ୍ରଧାନ, ଉପନିରୀକ୍ଷକ ଅରୁଣ ଭୋଇ, ସହକାରୀ ଉପନିରୀକ୍ଷକ ଭୁବନି ବେହେରାଙ୍କ ସମେତ ସୁଧାକର ଶବର, ଜି. କ୍ରିଷ୍ଣା ରାଓ, ଶିଶିର, କେ. ଗୋପାଳ ରେଡ୍ଡି, ଅନୀଲ ବେହେରା ଓ କୃଷ୍ଣ ଗୌଡ଼ ପ୍ରମୁଖ ଅବକାରୀ କର୍ମଚାରୀ ସାମିଲ ଥିଲେ ।

# ଝାରସୁଗୁଡ଼ାରେ ପ୍ରଦର୍ଶିତ ହେଲା ବିଶାଳ ରଙ୍ଗୋଲି ରାଷ୍ଟ୍ର



ଝାରସୁଗୁଡ଼ା,(ନି.ପ୍ର.)ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସଂସ୍କୃତି ଉପବିଭାଗ, ଝାରସୁଗୁଡ଼ା ପକ୍ଷରୁ ଆଜି ବୁଧବାର ସକାଳ ୭ଟା ୩୦ ମିନିଟ ସମୟରୁ ଅପରାହ୍ନ ପର୍ଯ୍ୟନ୍ତ ମନମୋହନ ବିଦ୍ୟାଳୟ ପଡ଼ିଆ ପରିସରରେ ଏକ ବିରାଟ ଓ ଆକର୍ଷଣୀୟ ରଙ୍ଗୋଲି ପ୍ରଦର୍ଶିତ ହୋଇଥିଲା ।ଏହି ବିଶାଳ ରଙ୍ଗୋଲିକୁ ଝାରସୁଗୁଡ଼ାର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମାଆମାନେ ପ୍ରସ୍ତୁତ କରିଥିଲେ । ଏଥିରେ ଜିଲ୍ଲାର ଗ୍ରାମୀଣ ଓ ସହରାଂଚଳ ପ୍ରକଳ୍ପର ବିପିଏମ୍, ବିପିସି, ଓଡ଼ିଶା ଜୀବିକା ମିଶନର କମ୍ୟୁନିଟି ସପୋର୍ଟ ଷ୍ଟାଫ୍, ଅଙ୍ଗନବାଡ଼ି କର୍ମୀ ଏବଂ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ମିଳିତ ଭାବେ ଅଂଶଗ୍ରହଣ କରି ଏହି ବୃହତ୍ ? ରଙ୍ଗୋଲିକୁ ପ୍ରସ୍ତୁତ କରିଥିଲେ ।ରଙ୍ଗୋଲି ପ୍ରସ୍ତୁତିରେ ପ୍ରାକୃତିକ ଓ ସ୍ଥାନୀୟ ସାମଗ୍ରୀର ବ୍ୟବହାର କରାଯାଇଥିଲା । ଫୁଲ, ପତ୍ର, ହଳଦୀଗୁଣ୍ଡ, ଇଟାଗୁଣ୍ଡ, କୁଟିଫୁଲ, ଅଟାଗୁଣ୍ଡ, ମାଟିଗୁଣ୍ଡ, ବାଉଁଶବାଡ଼ି, କୋଇଲାଗୁଣ୍ଡ, ଚାଉଳଗୁଣ୍ଡ, ଚୂନ, ବାଲି ଆଦି ବିଭିନ୍ନ ପ୍ରାକୃତିକ ସାମଗ୍ରୀର ସୁନ୍ଦର ସମନ୍ୱୟରେ ଏହି ବିଶାଳ ରଙ୍ଗୋଲି ରାଷ୍ଟ୍ର ପ୍ରସ୍ତୁତ କରାଯାଇଥିଲା ।ଏହି ରଙ୍ଗୋଲି ମାଧ୍ୟମରେ ସ୍ଥାନୀୟ ମହିଳାମାନଙ୍କର ସୃଜନଶୀଳତା, କଳା ପ୍ରତିଭା ଓ ସାମୂହିକ ଅଂଶଗ୍ରହଣର ଏକ ଅନନ୍ୟ ଉଦାହରଣ ପ୍ରଦର୍ଶିତ ହୋଇଥିଲା । ବିଶାଳ ରଙ୍ଗୋଲିଟି ଉପସ୍ଥିତ ମାନ୍ୟଗଣ୍ୟ ଅତିଥି ବୃନ୍ଦ,ଉପସ୍ଥିତ ଦର୍ଶକ,ଜ୍ଲିଲ୍ଲା ପ୍ରଶାସନ ତଥା ଜ୍ଲିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷ ରୁ ପୁରୀ ଜଗନ୍ନାଥ ଦର୍ଶନ ପାଇଁ ଯାଉଥିବା ବରିଷ୍ଠ ତୀର୍ଥଯାତ୍ରୀ, ବୁଦ୍ଧିଜୀବୀ ତଥା ଝାରସୁଗୁଡା ବାସୀଙ୍କ ମନକୁ ଆକର୍ଷଣ କରିଥିଲା । ଏହି କାର୍ଯ୍ୟକ୍ରମରେ ଡିପିଏମ୍, ଓଡ଼ିଶା ଜୀବିକା ମିଶନ, ବିପିଏମ୍ ? ଏବଂ ବିପିସିଙ୍କ ସମେତ ସମ୍ପୃକ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ?, ଅଙ୍ଗନବାଡ଼ି କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ସକ୍ରିୟ ସହଯୋଗ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ଭାରପ୍ରାପ୍ତ ଜ୍ଲିଲ୍ଲା ସଂସ୍କୃତି ଅଧିକାରୀ ତଥା ଜ୍ଲିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ରିତାକାନ୍ତି ବଳିୟାର ସିଂହ, ଜ୍ଲିଲ୍ଲା ପ୍ରକଳ୍ପ ପରିଚାଳିକା, ଓଡିଶା ଜୀବିକା ମିଶନ ଡ଼ ପୁଷ୍ପଶ୍ରୀ ନାୟକ, ବ୍ଲକ ପ୍ରକଳ୍ପ ପରିଚାଳିକା, ଓଡିଶା ଜୀବିକା ମିଶନ ଶର୍ମିଷ୍ଠା ପରିଛା ପରିଚାଳନା କରିଥିବା ବେଳେ ଜ୍ଲିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ର କନିଷ୍ଠ ସହାୟକ ଆଲିସ ପଟେଲ, ରାଜେଶ ସେଠ, ମୌସମ ପଟେଲ ପ୍ରମୁଖ ସହଯୋଗ କରିଥିଲେ ।

13001/2085/2627

OFFICE OF THE
BARIPADA MUNICIPAL COUNCIL, BARIPADA
Phone:-06792-252703, Fax:-06792-252703, Email:-baripadam.hud@nic.in
Website- www.baripadamunicipality.in
No: 1503 Date: 03-10-2026

INVITATION FOR BIDS
(Through E-Procurement)
Tender Reference No .BPDM 10/2026-27
Tender ID No.

The Executive Officer, Baripada Municipality, Baripada invites percentage rate bids in double cover system through e-procurement in conformity with the detailed tender call notice to be eventually drawn up in Municipal Agreement form for execution of the works as detailed in the table below from eligible class of contractors registered with the state Government/contractors of equivalent grade/class registered with central Government/MES/Railways and Municipal Contractors on production of definite proof from the appropriate authority. Only tenderers with sound financial background capable of investing required amount for advance procurement of all materials required for the work need apply.

1. Name of the work : As per DTCN
2. No of works put to tender : 7 No's civil construction works
3. Estimated cost : As per DTCN
4. Period of completion : As per DTCN
5. Date and time of availability of bid document in the portal : From 1.00 P.M. of Dt. 07.10.2026 to 5.00 P.M of Dt.23.10.2026
6. Mode of deposit towards cost of Bid document & EMD : Online
7. Date and time of opening of technical bid: 11.00 A.M. and onwards of Dt.26.10.2026
8. Name and address of the Officer Inviting Bid : Executive Officer, Baripada Municipality, Baripada.

Further details can be seen from the e-procurement portal "https://tendersorissa.gov.in"

Sd/-
Executive Officer,
Baripada Municipality

OIPR.13001/13078/1/26-27/0012

NOTICE

By virtue of an affidavit sworn before Executive Magistrate, Baleshwar, dated :06.10.2026 I, Manas Das, S/O.- Jitendra Das, At/P.O.- Udambar, P.S.- Remuna, Dist.- Baleshwar-756019 declare that I have changed my name from BADAL DAS (old name) to MANAS DAS (new name). Henceforth, I shall be known as MANAS DAS (new name) for all purposes.

Sd/-
MANAS DAS











ସାଧୁମାନଙ୍କୁ ସେବା କଲେ ତିନୋଟି ଗୁଣ ମିଳେ- ବିନୟ, ପ୍ରଭୁଭକ୍ତି ଏବଂ ଉଦାରତା ।

# ଆଜିକାଲି



ଯେଷାମର୍ଥେକାଙ୍କ୍ଷିତଂ ନୋ ରାଜ୍ୟଂ ଭୋଗାଃ ସୁଖାନି ଚ ।
ତ ଇମେଽବସ୍ଥିତା ଯୁଦ୍ଧେ ପ୍ରାଣାଂସ୍ତ୍ୟକ୍ତ୍ୱା ଧନାନି ଚ ॥
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ : ଆମେ ଯେଉଁମାନଙ୍କ ପାଇଁ ରାଜ୍ୟ, ଭୋଗ ଓ ସୁଖାଦି ଅଭିଳାଷ କରୁଛୁ, ଦେଖନ୍ତୁ ଏହି ଠାରେ ସେହିମାନେ ତ ଧନ ଓ ଜୀବନର ଆଶା ଛାଡ଼ି ଯୁଦ୍ଧ କରିବାକୁ ଠିଆ ହୋଇଛନ୍ତି ।

## ବଢୁଛି ମହିଳା ହିଂସା

ରାଜ୍ୟରେ ମହିଳା ବିରୋଧୀ ହିଂସା ବଢ଼ି ଚାଲିଛି । ଯାହା ସୂଚନା ମିଳୁଛି ୧୪ ମାସ ମଧ୍ୟରେ ୩୭ ହଜାର ୬ ଶହ୧୧ଟି ମହିଳା ବିରୋଧି ହିଂସା ଘଟିଛି । ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହା ସ୍ୱୀକାର କରିଛନ୍ତି । ୩୭ ହଜାର ୬ ଶହ ୬୧ ମସିହା ବିରୋଧି ହିଂସାରେ ୭ ହଜାର ୪ ଶହ ୭୫ ମାମଲାର ମଧ୍ୟ ବୃଦ୍ଧି ପାଉଛି । ୧୫ ମାସ ମଧ୍ୟରେ ୧୫ ଜଣ ଆତ୍ମାହୁତି ଉଦ୍ୟମ କରିଥିବା ନଜୀର ରହିଛି । ରାଜଧାନୀ ଭୁବନେଶ୍ୱର ସମେତ ବାଲେଶ୍ୱର, ବ୍ରହ୍ମପୁରରେ ମାମଲା ରୁଜୁ କରାଯାଇଛି । ପାରିବାରିକ ସମସ୍ୟା ଯୋଗୁଁ ମହିଳା ବିରୋଧି ହିଂସା ବଢୁଛି ବୋଲି ଆଲୋଚନା ହେଉଛି । ସ୍ୱାମୀ- ସ୍ତ୍ରୀ ମଧ୍ୟରେ ଭୁଲ ବୁଝାମଣା, ଶାଶୁ-ଶ୍ୱଶୁର ଓ ବୋହୂ ମାନଙ୍କ ଅତ୍ୟାଚାର ଯେଉଁଭଳି ଭାବେ ଘଟୁଛି ବୋଲି ମନସ୍ତତ୍ୱବିତ୍‌ମାନେ ମତ ପ୍ରକାଶ କରୁଛନ୍ତି । ଅନ୍ୟପକ୍ଷରେ ସମଗ୍ର ରାଜ୍ୟରୁ ସରକାର ନକ୍ସଲ ନିପାତ ପାଇଁ ଆରମ୍ଭରୁ ସଂକଳ୍ପବଦ୍ଧ ହୋଇଛନ୍ତି । ଏ ଦିଗରେ ରାଜ୍ୟର ନକ୍ସଲ ଶୂନ୍ୟ ପାଇଁ ଅଧିକ ସତର୍କ ହେବା ଜରୁରୀ । ସ୍ୱଚ୍ଛ ଶାସନ, ସଂଗେ ସଂଗେ ନିଷ୍ପତି ଉପରେ ଅଧିକ ଅଗ୍ରାଧିକାର ଦେବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ଏପରିକି ପ୍ରଥମ ଥର ପାଇଁ କହିଛନ୍ତି ସମସ୍ତ ୱେବସାଇଟ ଗୁଡ଼ିକ ଏବେଠାରୁ ଓଡ଼ିଆ ଭାଷାରେ କରିବା ପାଇଁ ସେ କହିବା ସହ ରାଜ୍ୟବାସୀ ହିଂସା ସଂପର୍କରେ ସହଜ ଓ ସଂପର୍କରେ ତଥ୍ୟ ଗ୍ରହଣ କରିବେ । ମୋଟାମୋଟି ଭାବେ କହିବାକୁ ଗଲେ ରାଜ୍ୟରେ ବର୍ଷବର୍ଷ ଧରି ମହିଳା ହିଂସା ବଢ଼ି ଚାଲିଛି । ଏହି ହିଂସାରେ ଯିଏ ଦଣ୍ଡ ପାଇବା କଥା ସେମାନଙ୍କୁ ତୁରନ୍ତ ଧରି କାର୍ଯ୍ୟାନୁଷ୍ଠାନ ନେବା ଏକାନ୍ତ ଆବଶ୍ୟକ । ଏଥିରୁ ସ୍ପଷ୍ଟ ଜଣାପଡୁଛି ରାଜ୍ୟରେ ମହିଳା ମାନଙ୍କ ହିଂସା ପ୍ରାୟ ପ୍ରତିଦିନ ଦେଖିବାକୁ ମିଳୁଛି । କିଏ ମୃତ୍ୟୁବରଣ କରୁଛି ତ କିଏ ଆତ୍ମହତ୍ୟା କରୁଛି । ସେମାନଙ୍କ ସଂଖ୍ୟା ମଧ୍ୟ ଦିନକୁ ଦିନ ବଢ଼ିବଢ଼ି ଚାଲିଛି । ଏଭଳି ହିଂସାକାଣ୍ଡ ଦେଶର ବିଭିନ୍ନ ରାଜ୍ୟରେ ଦେଖିବାକୁ ମିଳୁଛି । ଏହି ଦୃଷ୍ଟିରୁ ଓଡ଼ିଶାରେ ଏହା କିଭଳି ଶୂନ୍ୟସ୍ଥାନକୁ ଯିବ ଏ ଦିଗରେ ଜିଲ୍ଲାପାଳ ଏସ୍‌ପିଙ୍କ ମଧ୍ୟରେ ସମନ୍ୱୟ ରଖି ଆଗକୁ ବଢ଼ିବେ ନିଶ୍ଚିତ ଭାବେ ହିଂସା କମିବ ଏବଂ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହେବ

## ଦାନ୍ତରୁ ରକ୍ତସ୍ରାବ ହେଲେ ଫାଷ୍ଟଏଡ୍:

ପିଜୁଳି ପତ୍ର, ବବୁଲ୍ ପତ୍ର ସିଝା ହୋଇଥିବା ପାଣିରେ କୁଳି କରିପାରନ୍ତି । ସମାନ ପରିମାଣରେ ଫିଟିକିରି ଚୂର୍ଣ୍ଣ, ଲବଙ୍ଗ ଚୂର୍ଣ୍ଣ ଓ କର୍ପୂର ନେଇ ଥଣ୍ଡା ପାଣିରେ ଗୋଳାଇ କୁଳି କଲେ ମଧ୍ୟ ଉପକାର ମିଳିବ । ସମାନ ପରିମାଣରେ ଆତ ମଞ୍ଜି ଓ ତେନ୍ତୁଳି ମଞ୍ଜିକୁ ଚୂର୍ଣ୍ଣ କରି ଦାନ୍ତ ମୂଳରେ ଲଗାଇଲେ ମଧ୍ୟ ଉପକାର ମିଳିବ ।

⏩ ଅଧିକ ଟେନ୍‌ସନ୍ ହେଲେ ଫାଷ୍ଟଏଡ୍: ଟେନ୍‌ସନ୍‌ର କାରଣ ଖୋଜି ତା'ର ମୁକାବିଲା କରିବାକୁ ଚେଷ୍ଟା କରନ୍ତୁ । କୌଣସି ଭରସାଯୋଗ୍ୟ ଲୋକଙ୍କ ସହିତ ପରାମର୍ଶ କରନ୍ତୁ । ପ୍ରାଣାୟାମ କରନ୍ତୁ ।

⏩ ଚିକିତ୍ସା: ୨ରୁ ୩ ଚାମଚ ହିଡ଼ିମିଚିକା ରସକୁ ମହୁ ସହିତ କିମ୍ବା ୨୫୦ରୁ ୫୦୦ ମିଲିଗ୍ରାମ ଶ୍ୱେତ ମୁଷଳୀକୁ ଦିନକୁ ୨ଥର ମହୁରେ ମିଶାଇ ପିଇଲେ ଉପକାର ହୁଏ ।

## ଭାରତୀୟ ବାୟୁସେନା ଦିବସ

# ଯୁଦ୍ଧ ହେଉ ବା ପ୍ରାକୃତିକ ବିପର୍ଯ୍ୟୟ... ସବୁଠି ଅପରାଜେୟ

◆ ଶେଖ ଫରିଦ୍‌ଉଦ୍ଦିନ

୧୯୩୨ ମସିହା ଅକ୍ଟୋବର ୮ ତାରିଖରେ ପ୍ରତିଷ୍ଠିତ ହୋଇଥିଲା ଭାରତୀୟ ବାୟୁ ସେନା, ବ୍ରିଟିଶ ରୟାଲ୍ ଏୟାର୍ ଫୋର୍ସର ଏକ ସାଧାରଣ ଶାଖା ଭାବେ, ମାତ୍ର ଗୋଟିଏ ସ୍କ୍ୱାର୍ଡ଼ନକୁ ନେଇ । ସେହି ପ୍ରଥମ ସ୍କ୍ୱାର୍ଡ଼ନ ନାମିତ ହୋଇଥିଲା 'ନମ୍ବର ୱାନ୍ ସ୍କ୍ୱାର୍ଡ଼ନ' ଭାବେ । ସେଥିରେ ୱାପିଟି ବାଇପ୍ଲେନକୁ । ଫ୍ଲାଇଟ୍ ଲେଫ୍‌ଟନାଂଟ ସେସିଲ୍ ବାଉଚରଙ୍କ ନେତୃତ୍ୱରେ ସେଥିରେ ଯୋଗ ଦେଇଥିଲେ ୫ଜଣ ଭାରତୀୟ ପାଇଲଟ୍ । ୧୯୩୮ ପର୍ଯ୍ୟନ୍ତ ତାହା ସେହିପରି ରହିଥିଲା । କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି କରାଯାଇନଥିଲା । କେବଳ ଆଉ ୨ଟି ବିମାନ ଯୋଗ କରା ଯାଇଥିଲା ସେଥି ସହ । ୧୯୪୩ ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସ୍କ୍ୱାର୍ଡ଼ନ୍ ସଂଖ୍ୟା ୭କୁ ଏବଂ ୧୯୪୫ ରେ ୯କୁ ବୃଦ୍ଧି ପାଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ଯୁଦ୍ଧ କ୍ଷେତ୍ରରେ ଏହାର ଉଲ୍ଲେଖନୀୟ ସଫଳତାକୁ ଦେଖି ତତ୍‌କାଳୀନ ବ୍ରିଟିଶ୍ ରାଜା ଷଷ୍ଠ ଜର୍ଜ ଏହାକୁ ପୁନାର୍ନାମିତ କରି ଥିଲେ ରୟାଲ୍ ଇଣ୍ଡିଆନ୍ ଏୟାର୍ ଫୋର୍ସ ଭାବେ । ୧୯୪୭ରେ ସ୍ୱାଧୀନତା ବେଳକୁ ଏହାର ଯେଉଁ ୩ଟି ସ୍କ୍ୱାର୍ଡ଼ନ୍ ପାକିସ୍ତାନରେ ରହିଯାଇଥିଲା ତାହାକୁ ସେଠାରେ ରହିବା ପାଇଁ ଛାଡ଼ିଦିଆଯାଇଥିଲା । ୧୯୫୦ରେ ଭାରତ ଗଣତନ୍ତ୍ର ହେବା ପରେ ରୟାଲ୍ ଇଣ୍ଡିଆନ୍ ଏୟାର୍ ଫୋର୍ସରୁ ରୟାଲ୍ ଶବ୍ଦଟି ବାଦ୍ ଦିଆଯାଇଥିଲା । ସଂପ୍ରତି ଏହାର ଆକାର ବେଶ୍ ବଡ଼ । ମୋଟ କର୍ମଚାରୀ ସଂଖ୍ୟା ୧ ଲକ୍ଷ ୭୦ ହଜାର । ୮୫୨ଟି ଲଢୁଆ ବିମାନ ସହ ମୋଟ ୧୭୦୦ ବିମାନକୁ ଏଥିରେ ସାମିଲ କରାଯାଇଛି । ଆକାର ଏବଂ କ୍ଷମତା ଦୃଷ୍ଟିରୁ



ଦେଖିଲେ ଏହା ବିଶ୍ୱରେ ଚତୁର୍ଥ ବୃହତମ ବାୟୁସେନା । ଆଜି ଏହା ପାଳନ କରୁଛି ଏହାର ୭୭ତମ ପ୍ରତିଷ୍ଠା ଦିବସ । କେବଳ ଯୁଦ୍ଧ କ୍ଷେତ୍ର ବା ପରିବହନ ବ୍ୟବସ୍ଥା ନୁହେଁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଭାରତୀୟ ବାୟୁସେନା ତା'ର ଯେଉଁପରି ଭାବରେ ଅଦମ୍ୟ ତ୍ୟାଗ, ନିଃସ୍ୱାର୍ଥପର ସେବା ଓ ନିରବଛିନ୍ନ ଜନକଲ୍ୟାଣ ପାଇଁ ପ୍ରଚେଷ୍ଟା ପ୍ରତିପାଦନ କରିଛି ତାହା ଯେତେ ପ୍ରଶଂସା କଲେ ବି କମ୍ ହେବ । ଦୁଇବର୍ଷ ତଳର ପାର୍ବତ୍ୟ ଅଗମ୍ୟ ଓ ପ୍ରକୃତିଗତ ବିପର୍ଯ୍ୟୟ କ୍ଷେତ୍ରରେ ଉତରାଖଣ୍ଡରେ ଯେଉଁ ପ୍ରକାର ପ୍ରଳୟର କାଣ୍ଡ ଦେଖାଯାଇଥିଲା ସେ ସମୟରେ ଭାରତୀୟ ବାୟୁସେନା ଯେଉଁପରି ନିଜର ନିରବଛିନ୍ନ ଓ ଅକ୍ଲାନ୍ତ ସେବା ଦେଖାଇଥିଲେ ତାହାର ପ୍ରଶଂସା କେବଳ ମୁକ୍ତି ପାଇଥିବା ତୀର୍ଥଯାତ୍ରୀ ବା ସ୍ଥାନୀୟ ବାସିନ୍ଦା ନୁହଁନ୍ତି ପ୍ରତିଟି ଭାରତୀୟଙ୍କ ସହିତ ସମଗ୍ର ପୃଥିବୀର ପ୍ରମୁଖ ଗଣମାଧ୍ୟମ ଏ ଖବରକୁ ପ୍ରାଥମିକତା ଦେଇ ଭାରତୀୟ ବାୟୁସେନାର ବୀର ସେବକଙ୍କ ପାଇଁ ପ୍ରଶଂସା ଓଜାଡ଼ି ଦେଇଥିଲେ । ସେହିପରି ନିକଟରେ ସମଗ୍ର ପୃଥିବୀକୁ ଥରାଇ ଦେଇଥିବା ନେପାଳର ଭୟାବହ ଭୂକମ୍ପ ବେଳେ ବିଦେଶରୁ ସର୍ବ ପ୍ରଥମେ ଭାରତ ଯେଉଁ ସହଯୋଗ ଓ ପୁର୍ନଉଦ୍ଧାରର ତତ୍କାଳ ପଦକ୍ଷେପ ନେଇଥିଲା ଏହାକେବଳ ସମ୍ଭବ ହୋଇଥିଲା କେବଳ ଭାରତୀୟ ବାୟୁସେନାର ସହଯୋଗ ପାଇଁ । ଭୂକମ୍ପରେ ପୀଡ଼ିତ ହୋଇ ମାଟିତଳେ ପୋତି ହୋଇଯିବା ସହ ବର୍ଷା ବିପ୍ୱାତକୁ ସାମ୍ନା କରୁଥିବା ନେପାଳବାସୀଙ୍କୁ ଭାରତୀୟ ବାୟୁସେନାର ପ୍ରଶିକ୍ଷିତ କମାଣ୍ଡୋ ମାନେ ଭାରତୀୟ ବାୟୁସେନାର ଗର୍ବ କୁହାଯାଉଥିବା ସବୁଠାରୁ ବଡ ପରିବହନ ବିମାନ ହରକୁଲେସ୍ ବିମାନକୁ ନେଇ ସେଠାରେ ରିଲିଫ୍ ଓ ପୁର୍ନଉଦ୍ଧାରରେ ସାମିଲ ହୋଇଥିଲେ । ଭାରତୀୟ ବାୟୁସେନାର ଏହିପରି ତୁରନ୍ତ ଓ ଅକ୍ଲାନ୍ତ ସେବାକୁ ଦେଖି ପରବର୍ତୀ ସମୟରେ ପୃଥିବୀର ବିଭିନ୍ନ ରାଷ୍ଟ୍ରର ବାୟୁସେନାର ସେନା ଯବାନମାନେ ଏହି ଉଦ୍ଧାର କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ । ଭାରତ ପରି ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ଭାବରେ ଯେଉଁ ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଇଛି ସେଥିରେ ଭାରତୀୟ ବାୟୁସେନାର ସାହାଯ୍ୟ ଯେତେ ପ୍ରଶଂସା କଲେ ବି ନିଶ୍ଚିନ୍ତ ଭାବରେ କମ୍ ହେବ । ଓଡ଼ିଶାର ଭୟାବହ ମହାବାତ୍ୟା ଉପକୂଳବର୍ତୀ ଜିଲ୍ଲାକୁ ଧ୍ୱଂସର ପ୍ରଳୟ ଭିତରେ ନିଛିନ୍ନ କରିବାକୁ ବସିଥିବାବେଳେ ଖରାପ ବା ପ୍ରତିକୂଳ ପାଗ ସତ୍ୱେ ଭାରତୀୟ ବାୟୁସେନାର ବୀର ସୈନିକମାନେ ନିଜ ଜୀବନକୁ ପାଣିଛଡ଼ାଇ ଉର୍ସ୍‌ଗୀକୃତ ଯେଉଁ ସେବା ଦେଇଥିଲେ ତାହା କାଳ କାଳକୁ ପ୍ରତିଟି ଓଡ଼ିଆଙ୍କ ପାଇଁ କୃତଜ୍ଞତାର ସ୍ମରଣୀୟ ମୁହୂର୍ତ ହୋଇ ରହିବ । ପ୍ରକୃତିର ଏହିପରି କରାଳ ବିଭୀଷିକା ସମୟରେ ବିଶେଷକରି ଭାରତୀୟ ବାୟୁସେନା ଯେଉଁ ନିଃସ୍ୱାର୍ଥପର ସେବା ଯୋଗାଇଥାନ୍ତି ସେ କ୍ଷେତ୍ରରେ ସେମାନେ ନିଜ ଜୀବନକୁ ଖାତିର କରି ନଥାନ୍ତି । ଅନେକ ସମୟରେ ଏହି ବୀର ସୈନିକମାନେ ନିଜ ଜୀବନକୁ ପାଣି ଛଡ଼ାଇ ଯେଉଁ ସେବା ଯୋଗାଇଥାନ୍ତି ସର୍ବୋପରି ସେମାନଙ୍କର ଯେଉଁ ବଳୀଦାନ ତାହା ଆମ ସମସ୍ତଙ୍କ ପାଇଁ ଅବିସ୍ମରଣୀୟ ହୋଇ ରହିବ । ଗତବର୍ଷ ପଡ଼ୋଶୀ ପାକିସ୍ତାନ ଠାରୁ ହିଂସାର ବାର୍ତା ପାଇ ଜାମ୍ମୁ-କାଶ୍ମୀର ଯେତେବେଳେ ବନ୍ୟା ବିଭୀଷିକାରେ ଷଢୁ ଥିଲା ସେ ସମୟରେ ଭାରତୀୟ ବାୟୁସେନା ରିଲିଫ୍ ଓ ପୁର୍ନଉଦ୍ଧାର ପାଇଁ ସେବା ଯୋଗାଇ ଦେଲାବେଳେ କିଛି ବିଛିନ୍ନତାବାଦୀ ଗୋଷ୍ଠୀ ଓ ଆତଙ୍କବାଦୀ ସେମାନଙ୍କ ଉପରେ ଆକ୍ରମଣ କରି ଏକ ଭୁଲ ବୁଝାମଣାର ପରିବେଶ ସୃଷ୍ଟି କରିବାକୁ ଚାହିଁ ଥିଲେ ବି ଏ କ୍ଷେତ୍ରରେ ଭାରତୀୟ ବାୟୁସେନା ନିଜ ସେବାକୁ ଗୁରୁତ୍ୱ ଦେଇ କୌଣସି ପ୍ରତିକ୍ରିୟା ପ୍ରକାଶ ନ କରି ନିଜର କ୍ଷତି ସହି ମଧ୍ୟ ସେବା ପ୍ରଦାନ କରିବାକୁ ପଛେଇ ନଥିଲେ । ଯାହାର ପରବର୍ତୀ ସମୟରେ ହୁଏତ ସେହି ଅବିଚଳିତ ଓ ନିଃସ୍ୱାର୍ଥପର ସେବା ପାଇଁ ପଡ଼ୋଶୀ ପାକ୍ ଅଧିକୃତ କାଶ୍ମୀରବାସୀ ଆଜି ଭାରତରେ ମିଶିବା ପାଇଁ ସ୍ୱତଃ ଆଗ୍ରହ ପ୍ରକାଶ କରୁଛନ୍ତି । ଭାରତୀୟ ବାୟୁସେନା ସମଗ୍ର ବିଶ୍ୱରେ ନିଜର ସେନା ଦକ୍ଷତା, ସେବା ପରାୟଣତା ଓ ଦେଶ ମାତୃକାର ସେବା ପାଇଁ ଉତ୍ସର୍ଗୀକୃତ ରଖୁଥିବା ନିଜର ଦୃଢ଼ ମନୋବଳ ପାଇଁ ଅନ୍ୟ ମାନଙ୍କ ପାଇଁ ଆଦର୍ଶଣୀୟ ହୋଇପାରିଛି । ବିଭିନ୍ନ ପ୍ରତିକୂଳ ପରିସ୍ଥିତି ସତ୍ୱେ ସମଗ୍ର ପୃଥିବୀର ଏହି ଅଦ୍ୱିତୀୟ ସେନା ଭାରତ ବିରୁଦ୍ଧରେ ଲଢୁଥିବା ଶତ୍ରୁ ମାନଙ୍କ ପାଇଁ ନିଜ ଶାଣିତ ବଳ ଓ ସାହାସିକତା ଦେଖାଇ ସାରିଛି । ଦେଶମାତୃକାର ସେବାରେ ଭାରତୀୟ ବାୟୁସେନାର ଅତୁଳନୀୟ ସହଯୋଗ ରହିଛି । ଆଜି ଭାରତୀୟ ବାୟୁସେନା ଦିବସ ଅବସରରେ ଜଣେ ଭାରତୀୟ ହିସାବରେ ଏହି ସେନା ବିଭାଗର ପ୍ରତିଟି ବୀରଯୋଦ୍ଧା ଓ ସାହାସିକ ସୈନିକଙ୍କୁ ମୁଁ ଗଭୀର ପ୍ରଣାମ ଜଣାଉଛି ।

*ଦୂରସଂଚାର ଭବନ,*
*ଲିଙ୍କରୋଡ଼, କଟକ, :*
*୯୪୩୭୦୦୪୮୮୮*

# ନକାରାତ୍ମକ ବ୍ୟବହାର ଅବସାଦର କାରଣ

ସୂର୍ଯ୍ୟପ୍ରକାଶ ବହୁ ଦିନ ପରେ ଫୋନ କରି ତାଙ୍କ ବ୍ୟସ୍ତତା ଜଣାଇଲେ । ତାଙ୍କ ସାନ ଭାଇ ବେଳେ ବେଳେ ଉତେଜିତ ହୋଇ ଅନ୍ୟମାନଙ୍କ ପ୍ରତି ବିରକ୍ତିକର ମନ୍ତବ୍ୟ ଦେବା ସହ ଉତେଜିତ ହୋଇ ହିଂସାତ୍ମକ କାର୍ଯ୍ୟକଳାପ କିଛି କରିଦେଉଛି । ଯାହାଫଳରେ ତାହା ବ୍ୟକ୍ତିଗତ ଜୀବନ ଓ କର୍ମମୟ ଜୀବନ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇସାରିଲାଣି । ମୁଁ ତାଙ୍କ ବ୍ୟସ୍ତତା ସବୁ ଜାଣି କହିଲି ବାସ୍ତବରେ ଏହା ହେଉଛି, ଅନ୍ୟର କ୍ଷତି କରୁଥିବା ନକାରାତ୍ମକ ବ୍ୟବହାର କିମ୍ବା କଥାକୁ ମନୋବିଜ୍ଞାନରେ ଟକ୍ସିକ ବିହେଭିୟର ବୋଲି କୁହାଯାଉଛି । ଏହାଦ୍ୱାରା ଭାବନାତ୍ମକ ଭାବେ ଜଣେ ବ୍ୟକ୍ତି ଆହାତ ହୋଇଥାଏ । ଯାହାକି ମାନସିକ ସ୍ତରରେ ଅସନ୍ତୁଳନ ସୃଷ୍ଟି କରେ । ଏହି ଟକ୍ସିକ ବିହେଭିୟର ଅନେକ ପ୍ରକାର ହୋଇଥାଏ । ଯଥା କାହାକୁ ଧମକାଇବା, ଉକ୍ତ ବ୍ୟକ୍ତିର ଭାବନାକୁ ଆଘାତ ଦେବା, ପ୍ରତ୍ୟେକ କ୍ଷେତ୍ରରେ ନକାରାତ୍ମକ ମନ୍ତବ୍ୟ ଦେବା, ଅନ୍ୟର ଆଚରଣକୁ ତାଚ୍ଛଲ୍ୟ କରି କହିବା, ଅତ୍ୟଧିକ ରାଗିଯାଇ କାହାକୁ ଆକ୍ରମଣ କରିବା ଇତ୍ୟାଦି । ଏଭଳି ବ୍ୟବହାର ଦ୍ୱାରା ପୀଡ଼ିତ ଥିବା ବ୍ୟକ୍ତିର ଭାବନାତ୍ମକ ସ୍ୱାସ୍ଥ୍ୟ ଗଭୀର ଭାବେ ପ୍ରଭାବିତ ହୋଇଥାଏ, ଯାହାକି ଚିନ୍ତା, ଅବସାଦ, ଏଙ୍ଗଜାଇଟି ଏବଂ ନିଜ ପ୍ରତି ହୀନମନ୍ୟତା ଭାବ ସୃଷ୍ଟି କରେ । ଏହା କେବଳ ପୀଡ଼ିତ ବ୍ୟକ୍ତିଙ୍କ କ୍ଷେତ୍ରରେ ନୁହେଁ, ଟକ୍ସିକ ବ୍ୟବହାର ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କ ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ କ୍ଷତି ପହଂଚାଇ ଥାଏ ବୋଲି ଏବେ ଏକ ନୂତନ ପରୀକ୍ଷଣରୁ ଜଣାପଡ଼ିଛି । କାରଣ ସବୁବେଳେ



ଏଭଳି ବ୍ୟବହାର କରିବା ଦ୍ୱାରା ମସ୍ତିଷ୍କରେ ଏକ ନକାରାତ୍ମକ ଭାବନାର ଏକ ଫିଡବ୍ୟାକ ସଂଗୃହୀତ ହୋଇରହିଥାଏ । ଏହା ଧୀରେ ଧୀରେ ମସ୍ତିଷ୍କର ଦକ୍ଷତା ଉପରେ ପ୍ରଭାବ ପକାଏ ଏବଂ ଅସୁସ୍ଥ ମସ୍ତିଷ୍କ ଦ୍ୱାରା ଶାରୀରିକ କାର୍ଯ୍ୟପ୍ରଣାଳୀରେ ଅସନ୍ତୁଳନ ଦେଖାଯାଏ । ଉକ୍ତ ବ୍ୟକ୍ତିଙ୍କ ଠାରେ ଅବସାଦ, ଚିନ୍ତା, ଚିଡ଼ଚିଡ଼ାପଣ ଏବଂ ହାଇପରସେନ୍‌ସିଟିଭିଟି ଦେଖାଯାଏ । ଅନ୍ୟମାନଙ୍କ ସହ ଦୁର୍ବ୍ୟବହାର କରିବା ଦ୍ୱାରା ସେଲଫ ଓର୍ଥ, ବା ଆତ୍ମସମ୍ମାନ ମଧ୍ୟ ହାନି ହୋଇଥାଏ । ଏହା ଯୋଗୁଁ ନିଜ ଭିତରେ ଲଜ୍ୟାବୋଧ, ଅପରାଧି ଭାବନା ଓ ଆତ୍ମ ସନ୍ଦେହର ଭାବନା ଅନୁଭୂତ ହୋଇଥାଏ । ଟକ୍ସିକ ବିହେଭିୟର ଯୋଗୁଁ ନିଜ ଭିତରେ ଅଧିକ ଦିନ ପର୍ଯ୍ୟନ୍ତ ନିଜ ଭିତରେ ଏକ ନିରାଶାବୋଧ ମଧ୍ୟ ଅନୁଭୂତ ହୋଇଥାଏ । ଟକ୍ସିକ ବିହେଭିୟର ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କ ସହିତ କେହି ମିଶିବାକୁ ପସନ୍ଦ କରନ୍ତି ନାହିଁ । ତେଣୁ ସେମାନେ ଧୀରେ ଧୀରେ ଏକୁଟିଆ ହୋଇଯାନ୍ତି, ଯାହାଦ୍ୱାରା ସେମାନେ ଅବସାଦଗ୍ରସ୍ତ ହୋଇ ଆତ୍ମହତ୍ୟା କରିବାକୁ ମଧ୍ୟ ପଛାଇ ନଥାନ୍ତି । ଟକ୍ସିକ ବିହେଭିୟରର କୌଣସି ଲକ୍ଷଣ ଜଣାପଡୁ ନଥିଲେ ଅନ୍ୟମାନଙ୍କ ସହିତ କିଭଳି ବ୍ୟବହାରକୁ ଟକ୍ସିକ କୁହାଯାଏ ତାହାର କିଛି ନିର୍ଦ୍ଦେଷ୍ଟ ତଥ୍ୟ ରହିଛି । ଯଥା ଅନ୍ୟ କାହାର ବ୍ୟବହାର, ବିଚାର ଓ ଭାବନା ସହିତ ଖେଳିବା କିମ୍ବା ନିଜର କର୍ତୃତ୍ୱ ଜାହିର କରିବା, ନିଜ ତ୍ରୁଟି ପାଇଁ ସବୁବେଳେ ଅନ୍ୟମାନଙ୍କୁ ଦୋଷ ଦେବା, ନିଜର ଭୁଲ ମାନିବାକୁ ସବୁବେଳେ ମନା କରିବା, ନିଜର କାମ ପାଇଁ ଅନ୍ୟ ମାନଙ୍କ ଉପରେ ଲଦି ଦେବା, ଅନ୍ୟ ସହିତ ଛଳକପଟ କରିବା, ଅନ୍ୟମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ ନକରିବା, ଅନ୍ୟର ଭାବନାକୁ ଆଘାତ କରିବା, ଅନ୍ୟମାନଙ୍କ ପ୍ରତି ଗାଳି ବା ଅପଶବ୍ଦ ବ୍ୟବହାର କରିବା କିମ୍ବା ହାଥ ଉଠାଇବା ଇତ୍ୟାଦି ଟକ୍ସିକ ବିହେଭିୟର ଅନ୍ତର୍ଗତ । ତେଣୁ ଏଭଳି ଦୁର୍ବ୍ୟବହାର କରିବାର ମନୋବୃତିକୁ ପରିବର୍ତନ କରିବା ନିତାନ୍ତ ଆବଶ୍ୟକ । କାରଣ ଏହା ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇ ପାରିବ । ଏ କ୍ଷେତ୍ରରେ ଲୋକଟିର ପାଖ ଲୋକ ମାନଙ୍କର ଗୁରୁଦାୟିତ୍ୱ ରହିଛି । ସେମାନେ ସବୁବେଳେ ପୀଡ଼ିତ ଜଣଙ୍କ ପ୍ରତି ବିରକ୍ତିକର ବ୍ୟବହାର ନଦେଖାଇ ଉତମ ବ୍ୟବହାର ସହ ତାଙ୍କ ପାଇଁ ଏକ ଭଲ ରୁଟିନ ଜୀବନ ତିଆରି କରନ୍ତୁ । ତାଙ୍କ ଖାଇବା, ବିଶ୍ରାମ ଓ କର୍ମବ୍ୟସ୍ତତା ସମ୍ପର୍କରେ ମଧ୍ୟ ସଚେତନ ରୁହନ୍ତୁ । ଅଧିକ କୌଣସି ସମସ୍ୟା ଦେଖାଗଲେ ବା ପରିସ୍ଥିତି ଜଟିଳ ଅନୁଭବ କଲେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।



୧୯୭୦ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ବିରୋଧ କରି ସଂପୂର୍ଣ୍ଣ କ୍ରାନ୍ତି ବା ପୂର୍ଣ୍ଣ ବିପ୍ଳବର ଆହ୍ୱାନ ଦେଇ ଜରୁରୀକାଳୀନ ଆଇନ ବିରୋଧରେ ଭାରତୀୟଙ୍କୁ ଏକଜୁଟ କରାଇ ଥିବା ଭାରତ ରତ୍ନ ଲୋକନାୟକ ଜୟପ୍ରକାଶ ନାରାୟଣ ୧୯୦୨ରେ ବିହାରର ସୀତାବଦିୟାରା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ସ୍ୱାଧୀନତୋତର ଭାରତ ବର୍ଷର ସର୍ବଶ୍ରେଷ୍ଠ ଲୋକନେତା ଭାବେ ତାଙ୍କୁ ଗ୍ରହଣ କରାଯାଇଛି । ପିତା ହରସୁ ଦୟାଲ ଓ ମାତା ଫୁଲରାଣୀଙ୍କ କୋଳମଣ୍ଡନ କରିଥିବା ଜୟପ୍ରକାଶ ୧୯୧୮ ରେ ମାଟ୍ରିକ ପାସ୍ କଲାପରେ ୧୯୨୮ରେ ବିଏ ଓ ୧୯୨୯ରେ ଏମ୍‌ଏ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ । ଗାନ୍ଧୀଜୀଙ୍କ ନେତୃତ୍ୱରେ ୧୯୩୦ରେ କଂଗ୍ରେସ ଭାରତର ସଂପୂର୍ଣ୍ଣ ସ୍ୱାଧୀନତା ଲାଭକୁ ଜାତୀୟ ଲକ୍ଷ୍ୟ ରୂପେ ଘୋଷଣା କଲା । ଜୟପ୍ରକାଶ ନେହେରୁଙ୍କ ସହକର୍ମୀ ରୂପେ ଯୋଗ ଦେଇ ଆନନ୍ଦ ଭବନରେ ସହକର୍ମୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ୧୯୩୪ରେ ସେ ବିହାର କଂଗ୍ରେସ ସୋସିଆଲିଷ୍ଟ ପାର୍ଟି ନାମକ ଦଳ

# ଲୋକନାୟକ ଜୟପ୍ରକାଶ

◆ ଯୁଧିଷ୍ଠିର ମହାରଣା

ଗଠନ କରିଥିଲେ । ଜୟପ୍ରକାଶ ଯୌବନରେ ଗାନ୍ଧୀବାଦ ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇଥିଲେ ହେଁ ସାରା ଜୀବନ ନିଜକୁ କଂଗ୍ରେସ ମଧ୍ୟରେ ସୀମିତ ରଖିପାରି ନଥିଲେ । ତାଙ୍କର ପତ୍ନୀ ପ୍ରଭାବତୀ ମଧ୍ୟ ଥିଲେ ଗାନ୍ଧୀଙ୍କ ପ୍ରଦର୍ଶିତ ମାର୍ଗରେ ଚାଲୁଥିବା ମହିଳା । ସେ କସ୍ତୁରବା ଗାନ୍ଧୀଙ୍କର ଅତି ନିକଟତର ଥିଲେ । କଂଗ୍ରେସର ବିଭିନ୍ନ କାର୍ଯ୍ୟକଳାପ ପ୍ରସଙ୍ଗରେ ଜୟପ୍ରକାଶ ପତ୍ନୀଙ୍କ ସହ ସହମତ ହେଉ ନଥିଲେ ମଧ୍ୟ ତାଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରୁନଥିଲେ । ଜୟ ପ୍ରକାଶ ଗାନ୍ଧୀବାଦ ସହ ମାର୍କସ୍‌ବାଦକୁ ଏକତ୍ର ଗ୍ରହଣ କରିଥିବା ଜନନାୟକଙ୍କ ମଧ୍ୟରେ ଅନ୍ୟତମ । ସ୍ୱାଧୀନତା ପୂର୍ବରୁ କଂଗ୍ରେସ ଭିତରେ ରହି ସେ କଂଗ୍ରେସ ସୋସାଲିଷ୍ଟ ପାର୍ଟି ଗଠନ କରିଥିଲେ । ଦେଶ ସ୍ୱାଧୀନ ହେବା ପରେ ନେହରୁଙ୍କ ତଥାକଥିତ ସ୍ୱପ୍ନର ଭାରତର ତାଙ୍କୁ ବ୍ୟଥିତ କରିଥିଲା ଏବଂ କଂଗ୍ରେସ ରାଜନୀତିରୁ ନିଜକୁ ଦୂରେଇ ସେ ପ୍ରକୃତ ଗାନ୍ଧୀବାଦୀ ଭାବେ ବିନୋବା ଭାବେଙ୍କ ସର୍ବୋଦୟ ଆନ୍ଦୋଳନରେ ଯୋଗଦେଇଥିଲେ । ସମଗ୍ର ବିହାରରେ ଭୂଦାନ ସପକ୍ଷରେ ପ୍ରଚାର କରିଥିଲେ । ପ୍ରଜା ସୋସାଲିଷ୍ଟ ପାର୍ଟି ସହ ମଧ୍ୟ ତାଙ୍କର ସଂପର୍କ ଚିରସ୍ଥାୟୀ ହୋଇପାରି ନଥିଲା । କାରଣ ସେ ରାଜନୀତିରେ ନୁହେଁ ଲୋକନୀତିରେ ବିଶ୍ୱାସ କରୁଥିଲେ । ଗାନ୍ଧୀ ମହାତ୍ମାଙ୍କ ପରି ବର୍ଣ୍ଣବୈଷମ୍ୟବିହୀନ, ସତ୍ୟ ଓ ଅହିଂସା ଉପରେ ଆଧାରିତ ସମାଜ ସେ ଚାହୁଁଥିଲେ । ଜରୁରୀକାଳୀନ ପରିସ୍ଥିତିରେ ସେ ଇନ୍ଦିରାଙ୍କ ବିରୋଧରେ ସିଂହାସନ ଖାଲି କରୋ କେ ଜନତା ଆତୀ ହୈ, ଧ୍ୱନି ମାଧ୍ୟମରେ ସଂପୂର୍ଣ୍ଣ ବିପ୍ଳବର ଆହ୍ୱାନ ଦେଇଥିଲେ । ତାଙ୍କ ଉଦ୍ୟମରେ ୧୯୭୭ରେ ପ୍ରଥମ ଅଣକଂଗ୍ରେସ ଦଳ ଭାବେ ଜନତା ପାର୍ଟି କେନ୍ଦ୍ରରେ ସରକାର ଗଢ଼ିଥିଲା । ୧୯୭୫ ଜୁନ୍ ୨୫ ତାରିଖରେ ଦେଶରେ ଜରୁରୀ କାଳୀନ ଅବସ୍ଥା ଜାରି ହେଲା । ଜୁନ୍ ୨୬ରେ ସେ କାରାବରଣ କରିଥିଲେ । ତେବେ ପାଂଚ□ମାସ କାରାଗାରରେ ରହିବା ପରେ ତାଙ୍କ ଦେହ ଖରାପ ହୋଇ ପଡ଼ିବାରୁ ନଭେମ୍ବର ୧୨ରେ ଖଲାସ କରାଯାଇ ମୁମ୍ବାଇର ଯଶଲୋକ ହସ୍‌ପିଟାଲରେ ଚିକିତ୍ସା କରାଯାଇଥିଲା । ୧୯୭୭ ମସିହାର ପ୍ରଥମ ଭାଗରେ ନିର୍ବାଚନ ଘୋଷଣା ପ୍ରକାଶ ପାଇବାପରେ ଜୟପ୍ରକାଶଙ୍କ ନେତୃତ୍ୱରେ ଜନତା ଦଳ ଗଠନ ହୋଇ ନିର୍ବାଚନରେ ଅଂଶ ଗ୍ରହଣ କରିଥିଲା । ୧୯୭୬ ମାର୍ଚ୍ଚ ୨୪ ତାରିଖରେ ମୋରାଜୀ ଦେଶାଇ ଭାରତର ପ୍ରଧାନ ମନ୍ତ୍ରୀ ହେଲା ଓ ବ୍ୟକ୍ତି ସ୍ୱାଧୀନତା ଫେରାଇ ଦେବାକୁ ଶପଥ ନେଲେ । ଯାହାଦ୍ୱାରା ଜୟପ୍ରକାଶଙ୍କ ସାଧନା କେତେକାଂଶରେ ପୂର୍ଣ୍ଣ ହୋଇ ଥିଲା । ଗୀତା ବର୍ଣ୍ଣିତ କର୍ମଯୋଗୀ ପରି ଜୀବନର ଯାତ୍ରା ପଥରେ ସେ ନିଃସ୍ୱାର୍ଥପର ଅବିଚଳିତ ଭାବରେ କର୍ମ ସମ୍ପାଦନ କରି ଫଳ ଲାଭର ଆଶା ନରଖି ନିଜ ଜୀବନକୁ ଅତି ସାଧାରଣ ସ୍ତରରେ ନିର୍ବାହ କରିଥିଲେ । ତେବେ ସେ ମଧ୍ୟ ଗାନ୍ଧୀଙ୍କ ପରି କ୍ଷମତା ରାଜନୀତି ଠାରୁ ଦୂରେଇ ରହିବାକୁ ଚାହୁଁ ଥିଲେ; ନ ହେଲେ ଭାରତବର୍ଷର ପ୍ରଧାନମନ୍ତ୍ରୀ ଅବଶ୍ୟ ହୋଇ ପାରି ଥାଆନ୍ତେ । ୧୯୭୯ ଅକ୍ଟୋବର ୮ ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ :*
*୯୪୩୭୧୬୩୫୨୮*

## ତୀର୍ଯ୍ୟକ

# କହିଲେ କହିବ କହୁଛି

ବର୍ତମାନ ସମୟରେ ନାରୀ ସଶକ୍ତିକରଣ କରାଯିବାକୁ ବହୁ ଡିଣ୍ଡିମ ପିଟା ଯାଉଛି ଏହା ନିଶ୍ଚିତ ସତ୍ୟ । କିନ୍ତୁ ସଶକ୍ତିକରଣ ନାମରେ ନାରୀ ମାନେ ନିଜର ମୁଖ୍ୟ ଦାୟିତ୍ୱକୁ ଭୁଲି ଯାଉଥିବା ଦେଖାଯାଉଛି । ନାରୀ ଜଣେ କନ୍ୟା, ଭଗିନୀ, ଜାୟା, ଜନନୀ ରୂପରେ ସର୍ବପୂଜିତ ହେଉଥିବା ବେଳେ ଏବେ କିନ୍ତୁ ନାରୀ ମାନଙ୍କ ପ୍ରତି କାହିଁକି କେଜାଣି ଭାବନାରେ କିଛିଟା ପରିବର୍ତନ ଆସୁଥିବା ନିଜ ହୃଦୟରେ ହିଁ ପ୍ରଶ୍ନ ସୃଷ୍ଟି କରୁଛି । ନାରୀ ସେ ମାଆ, ସେ ଦେବୀ । ମାଆ ମରି ହୃଦୟ ନେଇ ସେ ସମସ୍ତଙ୍କୁ ନିଜ ଠାରୁ ପର ପର୍ଯ୍ୟନ୍ତ କୀଟ ଠାରୁ ପକ୍ଷୀ ପର୍ଯ୍ୟନ୍ତ ସମସ୍ତଙ୍କୁ ମମତାର ବନ୍ଧନରେ ବାନ୍ଧି ସେମାନଙ୍କ ପେଟ ପୁରାଇବାରେ ଯେଉଁ ଦାୟିତ୍ୱ ନେବା କଥା ତାହା କିନ୍ତୁ ଯେପରି ଏବେ ଦୂରେଇ ଯାଉଛି । ନିଜ ସ୍ୱାର୍ଥ ଛଡ଼ା ନାରୀଟିଏ ଆଉ କାହାରିକୁ ଅନାଉ ନାହିଁ । ଅଧିକ ଶିକ୍ଷା, ଜ୍ଞାନ, ଦକ୍ଷତାରେ ପରିପୂର୍ଣ୍ଣ ହାସଲ କରିଥିଲେ ମଧ୍ୟ ସ୍ୱେଚ୍ଛାଚାରିତା ସେମାନଙ୍କ ହୃଦୟକୁ ଯେପରି ଖିନଭିନ୍ କରି ଦେଉଛି । ବଡ଼ ସାନ ପ୍ରତି କାହାରିକୁ ସ୍ନେହ, ଶ୍ରଦ୍ଧା ଆପଣାର କରିବାକୁ ଆଉ ଚାହୁଁ ନାହାଁନ୍ତି । ବାହାର ଦୁନିଆକୁ ଯାଇ ଟଙ୍କା ରୋଜଗାର କରିବାର ସୁଯୋଗକୁ ସେମାନେ କେବେ ବି ହାତଛଡ଼ା କରୁନାହାଁନ୍ତି । ଏହାଛଡ଼ା ଚଳି ଚଳନ ଆଦବ କାଇଦାରେ ମଧ୍ୟ କିଛିଟା କ୍ରୁରତା ଦେଖାଯାଉଛି । ଖାଲି ସେତିକି ନୁହେଁ ବର୍ତମାନ ଆଉ ଏକ ଅପରିଣାମ ସୃଷ୍ଟି କରୁଛି ମୋବାଇଲ ଫୋନ୍ । ଯାହା ଦ୍ୱାରା ପରିବାରରେ ଫାଟ ସୃଷ୍ଟି କରିବାଟା ସହଜ ହୋଇ ଯାଇଛି । ଗୃହ ସେବା ବା ଆତ୍ମା ସେବା କରିବାକୁ ନାରୀମାନେ ଏବେ ଯେପରି ଗୋଟେ ପାପ ବୋଲି ମନେ କରୁଛନ୍ତି । ଦୁଇ ଚକିଆ ଗାଡ଼ି ନେଇ ଏଇ ମହିଳା ମାନେ ମଧ୍ୟ ଫୋନ୍‌କୁ କାନ ପାଖରେ ରଖି ଗପି ଗପି ଯାଉଥିବା ଦୃଶ୍ୟ ଅନ୍ୟମାନଙ୍କ ମନରେ ଭୟ ସୃଷ୍ଟିସ କରୁଛି । ଯେଉଁଭଳି ଭାବେ ଅମାନିଆ ହୋଇ ଲୋକମାନେ ଗାଡ଼ି ଚଳାଉଛନ୍ତି ସେମାନେ ଦେଖି ପାରୁ ନାହାଁନ୍ତି ଅନ୍ୟ ମାନଙ୍କ ବହୁ ମୂଲ୍ୟ ଜୀବନକୁ । ଦୁର୍ଘଟଣା ଯେପରି ସେମାନଙ୍କ ପାଇଁ ଏକ ସାଲିସ ବିହୀନ ଅବା କଟକଣା ବିହୀନ କର୍ମ ହୋଇ ଯାଇଛି । ସବୁ କିଛି ବୁଝିବା ଆଗରୁ ଏମାନଙ୍କ ପାଇଁ ଦୁନିଆ ଖଣ୍ଡବିଖଣ୍ଡିତ ହୋଇ ଯାଉଛି । ସବୁ ଜାଣିଶୁଣି ରାସ୍ତାକୁ ବାହାରୁ ଥିବା ବେଳେ ନିଜକୁ ସୁରକ୍ଷିତ ରଖି ଅନ୍ୟମାନଙ୍କୁ ସୁରକ୍ଷିତ ରଖିବାକୁ କାହିଁକି ସେମାନଙ୍କର ମନ ଚାହୁଁ ନାହିଁ । ବେପରୁଆ ଗାଡ଼ି ଚଳନା ଧନ ଜୀବନ ଯେ ହାନି କରେ କେବେ ସେମାନଙ୍କ ମନକୁ ଆସିବ । ନାରୀ ହୋଇ ସଂସ୍କାର ବିହିନ କାମ କଲେ ଅନ୍ୟମାନଙ୍କ ଧନ ଜୀବନ ପ୍ରତି ଯେ ବିପଦ ସୃଷ୍ଟି ନ ହେବ ତାହା କିଏ କହିପାରିବ ? ପ୍ରତି ମୁହୂର୍ତରେ ପ୍ରତି ସେକେଣ୍ଡରେ ଅବା କେଉଁ ମୁହୂର୍ତରେ ଦୁର୍ଭାଗ୍ୟ ଯେ ନ ପହଂଚିବ ତାହା କିଏ କହିବ ? ତେଣୁ ବେଳ ହୁଁ ସାବଧାନ ହେବା ଉଚିତ ।











# ଯୁଗ୍ମ ଜନ ଶୁଣାଣୀ ଶିବିର ଅନୁଷ୍ଠିତ ମୋଟ ୨୭୫ ଗୋଟି ଅଭିଯୋଗର ହେଲା ଶୁଣାଣୀ



ବାରିପଦା : ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଜିଲ୍ଲାପାଳ ହେମକାନ୍ତ ସୟ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଜନଶୁଣାଣୀ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଂଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ବାରିପଦା ଉପ-ଜିଲ୍ଲାପାଳ କସ୍ତୁରୀ ପଣ୍ଡା, ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତି ଅଭିଯୋଗର ଶୁଣାଣି କରିଥିଲେ । ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୨୭୫ ଗୋଟି ଅଭିଯୋଗର ଶୁଣାଣି କରାଯାଇଛି । ଏଥିରେ ୨୩୬ ଗୋଟି ବ୍ୟକ୍ତିଗତ ଏବଂ ୩୯ ଗୋଟି ସାମୂହିକ ସମସ୍ୟା ଆଧାରିତ ଅଭିଯୋଗ ହୋଇଛି । ଏହାସହ ୧୬ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଓ ୨ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସେହିପରି ଆଜିର ଜନ ଅଭିଯୋଗ ଶୁଣାଣିରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ଶ୍ରୀ ସୟ ନିର୍ଦ୍ଦେଶ ଦେଇଛନ୍ତି । ଜନ ଅଭିଯୋଗ ଶୁଣାଣୀ ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ।

# ଫୁଟପାଥ ଉପରେ ଚେକ୍‌ପୋଷ୍ଟ ନିର୍ମାଣ ଉଚ୍ଛେଦ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା : କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଦୁହୁରିଆ ଠାରେ ୫୩ନମ୍ବର ଜାତୀୟ ରାଜପଥ କ୍ରସ କରୁଥିବାରୁ ସେଠାରେ ଓଭରବ୍ରିଜ ନିର୍ମାଣ ହୋଇଛି । ସେହି ଓଭର ବ୍ରିଜ ତଳେ ଏବଂ କଟକ-ଚାନ୍ଦବାଲି ରାସ୍ତାର ବାମପାର୍ଶ୍ୱରେ ଥିବା ଫୁଟପାଥ ଉପରେ ଏକ ପୋଲିସ ଚେକ ପୋଷ୍ଟ ବେଆଇନ ଭାବରେ ନିର୍ମାଣ କରାଯାଇଥିବାରୁ ତୁରନ୍ତ ସେହି ଚେକ୍‌ପୋଷ୍ଟକୁ ଉଚ୍ଛେଦ କରିବା ପାଇଁ କେନ୍ଦ୍ରାପଡା ଜିଲ୍ଲା କୃଷକ ବିକାଶ ପରିଷଦ ସଭାପତି ବରିଷ୍ଠ ଆଇନଜୀବୀ ବିଜୟ କୁମାର ପରିଡା ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି । ସେହି ଫୁଟପାଥ ଉପରେ ପରିବା, ଫଳ ଓ ଛତୁ ଦୋକାନ କରି ନିଜ ପରିବାରର ଗୁଜୁରାଣ ମେଂଟାଉଥିବା ଲୋକମାନଙ୍କୁ ବୃହ□ର ସ୍ୱାର୍ଥ ଦୃଷ୍ଟିରୁ ଉଚ୍ଛେଦ କରାଯାଇଥିବା ବେଳେ ସେହି ସ୍ଥାନକୁ ଜୋରଜବରଦସ୍ତ ଦଖଲ କରି ପୋଲିସ ଚେକପୋଷ୍ଟ କରାଯିବା ଅତ୍ୟନ୍ତ ବେଆଇନ ଓ ଜନସ୍ୱାର୍ଥ ବିରୋଧୀ ବୋଲି ବିକାଶ ପରିଷଦ ସଭାପତି ଶ୍ରୀ ପରିଡା ଜିଲ୍ଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ପ୍ରଦାନ କରି ଦାବି କରିଛନ୍ତି ।ସେହି ସ୍ଥାନରେ ଯାତ୍ରୀମାନେ କଟକ, ଭୁବନେଶ୍ୱରକୁ ଏବଂ ଚଣ୍ଡିଖୋଲକୁ ବସରେ ଯିବା ପାଇଁ ଅପେକ୍ଷା କରୁଥିବା ବେଳେ ଯାତ୍ରୀମାନଙ୍କ ସ୍ୱାର୍ଥ ବିରୋଧରେ ଯାଇ ସେଠାରେ ପୋଲିସ ଚେକ୍‌ପୋଷ୍ଟ କରିବା ଅତ୍ୟନ୍ତ ନିନ୍ଦନୀୟ ଓ ଜନସ୍ୱାର୍ଥ ବିରୋଧୀ ବୋଲି ଶ୍ରୀ ପରିଡା କହିଛନ୍ତି । ଏହାଦ୍ୱାରା ସେହିସବୁ ଅ□ଳକୁ ବସରେ ଯିବା ପାଇଁ ଅପେକ୍ଷାରତ ଲୋକମାନେ ରାସ୍ତା ଉପରେ ଛିଡା ହେବାକୁ ବାଧ୍ୟ ହେବେ ଏବଂ ଦୁର୍ଘଟଣାର ଶୀକାର ହୋଇ ବହୁ ମୂଲ୍ୟବାନ ଧନଜୀବନର କ୍ଷୟକ୍ଷତି ହେବ ବୋଲି ଶ୍ରୀ ପରିଡା ଅଭିଯୋଗ କରିଛନ୍ତି । ସେହିସ୍ଥାନରୁ ତୁରନ୍ତ ପୋଲିସ ଚେକପୋଷ୍ଟ ହଟାନଗଲେ ବାଧ୍ୟ ହୋଇ ଲୋକମାନଙ୍କ ବୃହ□ର ସ୍ୱାର୍ଥ ଦୃଷ୍ଟିରୁ କୃଷକ ବିକାଶ ପରିଷଦ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ବାଧ୍ୟ ହେବ ବୋଲି ଶ୍ରୀ ପରିଡା ପ୍ରଶାସନକୁ ଚେତାବନୀ ଦେଇଛନ୍ତି ।

# ଜିଲ୍ଲାସ୍ତରୀୟ ୯ମ ରାଷ୍ଟ୍ରୀୟ ପୋଷଣ ମାସ-୨୦୨୬

ଖୋର୍ଦ୍ଧା:ଖୋର୍ଦ୍ଧା ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଜିଲ୍ଲାସ୍ତରୀୟ ୯ମ ରାଷ୍ଟ୍ରୀୟ ପୋଷଣ ମାସ-୨୦୨୬ ଅନୁଷ୍ଠିତ ହୋଇ ଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭ ରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ କୁସୁମ କୁମାରୀ ପ୍ରହରାଜ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ପୋଷଣ ମାସ ପାଳନର ପାଂଚଟି ମୁଖ୍ୟ ବିଷୟ ଉପରେ ଗୁରୁତ୍ୱାରୋପ କରିଥିଲେ । ସେଗୁଡ଼ିକ ହେଲା - ମାତୃ ଓ ଶିଶୁ ପୋଷଣ,ମସ୍ତିଷ୍କ ବିକାଶ ପାଇଁ ପ୍ରାରମ୍ଭିକ ଉତେଜନା (୦-୩ ବର୍ଷ), ପ୍ରାରମ୍ଭିକ ବୟସରେ ଖେଳାଧାରିତ ଶିକ୍ଷା (୩-୬ ବର୍ଷ), ଶିଶୁ ମାନଙ୍କର ସ୍କ୍ରିନ୍ ସମୟ ହ୍ରାସ କରିବାରେ ଅଭିଭାବକ ଓ ସମୁଦାୟର ଭୂମିକା ଏବଂ ଶକ୍ତିଶାଳୀ ଅଙ୍ଗନବାଡ଼ି କେନ୍ଦ୍ର ଗଠନରେ ସମୁଦାୟର ସହଯୋଗ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା କହିଥିଲେ ଯେ, ଜିଲ୍ଲାର କୌଣସି ମା’ କିମ୍ବା ଶିଶୁ ଯେପରି ପୋଷଣ ଅଭାବର ଶିକାର ନ ହୁଅନ୍ତି, ତାହା ସୁନିଶ୍ଚିତ କରିବା ହିଁ ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ । ସେ ପୋଷଣ ମାସର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ସମସ୍ତ ବିଭାଗ, କର୍ମଚାରୀ ଓ ସମୁଦାୟର ସହଯୋଗରେ ଏହାକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ପୋଷଣ ସମ୍ବନ୍ଧୀୟ ସଚେତନତା ସୃଷ୍ଟି ନିମନ୍ତେ ପଦଯାତ୍ରା ଆୟୋଜନ କରାଯାଇଥିଲା । ଏଥିସହ ପୁଷ୍ଟିକର ଖାଦ୍ୟ, ଆଦ୍ୟଶୈଶବ ଯତ୍ନ ଓ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ଉପକରଣର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ଏହା ସହିତ ରକ୍ତହୀନତା ପରୀକ୍ଷା ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ମଧ୍ୟ ଆୟୋଜନ କରାଯାଇଥିଲା । ଏହି ଅବସରରେ ଚିତ୍ରାଙ୍କନ, ତର୍କ, ସାଧାରଣ ଜ୍ଞାନ ଓ ରଚନା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ପୁରସ୍କୃତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ପ୍ରକଳ୍ପ ଅଧିକାରୀ, ସି.ଡି.ପି.ଓ., ଡି.ସି. ପୋଷଣ ଶ୍ରୀମତୀ ସୁଚିତ୍ରା ନାୟକ, ଡି.ପି.ଏ. ପୋଷଣ ଶ୍ରୀ ବି. ସନ୍ତୋଷଙ୍କ ସମେତ କଳ୍ପନା ପରିଡ଼ା, ଶୁଭସ୍ମିତା ବେହେରା, ଚନ୍ଦନ ହାଁସଦା, ସମିତା ମହାନ୍ତି, ଶଶୀ ଭୂଷଣ ନାୟକ, ଭାନୁମତୀ ମହାପାତ୍ର, ଶୁଭଲକ୍ଷ୍ମୀ ବଲବନ୍ତରାୟ, ଶିବ ସ୍ୱୟଂ, ଏଆଜ ଖାଁ, ଗୋବିନ୍ଦ ପରିଡ଼ା, ଦୀପ୍ତି ରଞ୍ଜନ ମହାନ୍ତି, ସୁରଥ ଚନ୍ଦ୍ର ବିଶ୍ୱାଳ, ରାକେଶ କୁମାର ହରିଚନ୍ଦନ, ସୁପରଭାଇଜରମାନେ, ବି.ସି. ପୋଷଣ, ଅଙ୍ଗନବାଡ଼ି କର୍ମୀ ଏବଂ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ସକ୍ରିୟ ଭାବେ ଯୋଗଦେଇଥିଲେ । ପରିଶେଷରେଜିଲ୍ଲା ସୁରକ୍ଷା ଅଧିକାରୀ (ଘରୋଇହିଂସା) ଶ୍ରୀମତୀ ଦେବକୀ ସାହୁ ଧନ୍ୟବାଦ ଅର୍ପଣ କରିବା ସହ କାର୍ଯ୍ୟକ୍ରମର ପରିସମାପ୍ତି ଘୋଷଣା କରିଥିଲେ ।

# ୩୫୩ ନମ୍ବର ଜାତୀୟ ରାଜପଥରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ମୋ ବସ୍’ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ, ଜଣେ ଗୁରୁତର



ନୂଆପଡ଼ା (ନି.ପ୍ର): ନୂଆପଡ଼ା ସଦର ମହକୁମା ନିକଟସ୍ଥ ୩୫୩ ନମ୍ବର ଜାତୀୟ ରାଜପଥର ଗୋତମା ଛକ ନିକଟରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି । ସରକାରୀ ‘ମୋ ବସ୍’ (OSRTC) ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ମୃତ ଯୁବକ ଜଣକ ସ୍ଥାନୀୟ ତେଲିପଡ଼ାର ଥାନୁ ରାମ ସାହୁ (୩୨) ବୋଲି ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ତେଲିପଡ଼ା ନିବାସୀ ଥାନୁରାମ ସାହୁ ଏବଂ ରେଖୁରାମ ସାହୁ ଏକ ବାଇକ୍ ଯୋଗେ ଖରିଆର ରୋଡ୍ ପଟୁ ନୂଆପଡ଼ା ଆଡ଼କୁ ଆସୁଥିଲେ । ଏହି ସମୟରେ ନୂଆପଡ଼ା ପଟୁ ଖରିଆର ରୋଡ୍ ଅଭିମୁଖେ ଯାଉଥିବା OSRTC ର ‘ମୋ ବସ୍’ ଏକ ଟ୍ରକକୁ ଓଭରଟେକ୍ କରିବାକୁ ଚେଷ୍ଟା କରୁଥିବା ବେଳେ ସମ୍ମୁଖରୁ ଆସୁଥିବା ବାଇକକୁ ସଜୋରରେ ଧକ୍କା ଦେଇଥିଲା । ଧକ୍କା ଏତେ ଭୟଙ୍କର ଥିଲା ଯେ, ଥାନୁରାମଙ୍କର ଘଟଣାସ୍ଥଳରେ ହିଁ ପ୍ରାଣବାୟୁ ଉଡ଼ିଯାଇଥିଲା । ସେହିପରି ବାଇକରେ ଥିବା ଅନ୍ୟ ଜଣେ ଆରୋହୀ ରେଖୁରାମ ସାହୁ ସଂଘାତିକ ଭାବେ ଆହତ ହୋଇଛନ୍ତି । ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଚାପା ଉତେଜନା ପ୍ରକାଶ ପାଇଛି । ସ୍ଥାନୀୟ ଲୋକେ ଓ ମୃତକଙ୍କ ପରିବାରବର୍ଗ କ୍ଷତିପୂରଣ ଏବଂ ଆର୍ଥିକ ସହାୟତା ଦାବି କରିଛନ୍ତି । ଖବର ପାଇ ଜୋଙ୍କ ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହ ଜବତ କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ନିଜ ଜିମାକୁ ନେଇ ଅଧିକ ତଦନ୍ତ ଜାରି ରଖିଛି ।

# ଗୋଟିଏ ପଂଚାୟତ ସମସ୍ୟା ଅନେକ: ଶତାୟୁ ସ୍କୁଲର ଶୋଚନୀୟ ସ୍ଥିତି, ନୂତନ ଗୃହରେ ଝୁଲୁଛି ତାଲା




ନୂଆପଡ଼ା (ନି.ପ୍ର): ‘ଗୋଟିଏ ପଂଚାୟତ ସମସ୍ୟା ଅନେକ, ସମାଧାନ ପାଇଁ ପ୍ରଶାସନ ନିରବ ।’ ଏଭଳି ଏକ ଚିନ୍ତାଜନକ ଚିତ୍ର ଦେଖିବାକୁ ମିଳିଛି ନୂଆପଡ଼ା ଜିଲ୍ଲା ବରଗାଁ ଗ୍ରାମ ପଂଚାୟତରେ । ବିଶେଷ କରି ଅଂଚଳର ଭବିଷ୍ୟତ ଗଢୁଥିବା କୋମଳମତି ଶିଶୁଙ୍କ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ୧୦୮ ବର୍ଷର ପୁରାତନ ଅନୁଷ୍ଠାନ, ହେଲେ ସମସ୍ୟା ଅସମ୍ଭାଳ: ଗତ ୨୧.୦୫.୧୯୧୮ ମସିହାରେ ଖଡ଼ିଆଳ ବରଗାଁଠାରେ ଏହି ପ୍ରାଥମିକ ଶିକ୍ଷା ଅନୁଷ୍ଠାନ ଗଢ଼ି ଉଠିଥିଲା । ୨୦୧୮ ମସିହାରେ ଏହା ନିଜର ଶତାବ୍ଦୀ ପୂରଣ କରିସାରିଥିବା ବେଳେ ଆଜି ୧୦୮ ବର୍ଷରେ ପାଦ ଥାପିଛି । ମାତ୍ର ଅତି ଦୁର୍ଭାଗ୍ୟର ବିଷୟ, ଏହି ଐତିହାସିକ ସ୍କୁଲଟି ଆଜି ଅବହେଳାର ଶିକାର । ପ୍ରାଚୀନ ସ୍କୁଲ ଗୃହଟି ବିପଦସଙ୍କୁଳ ଅବସ୍ଥାରେ ରହିଥିବା ବେଳେ ମାତ୍ର ଗୋଟିଏ କୋଠରୀ ମଧ୍ୟରେ ପ୍ରଥମରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀ ଏକାଠି ବସି ପାଠ ପଢ଼ିବାକୁ ବାଧ୍ୟ ହେଉଛନ୍ତି । ସ୍କୁଲରେ ମାତ୍ର ୨ ଜଣ ଶିକ୍ଷକ ଥିବା ବେଳେ ସେଥିମଧ୍ୟରୁ ଜଣେ ଅବସର ନେବା ନିକଟତର ।ନିର୍ମାଣ ସରିଛି, ହେଲେ ଉଦଘାଟନ ପୂର୍ବରୁ ତାଲା: ସରକାରୀ ଅର୍ଥରେ ନୂତନ ସ୍କୁଲ ଗୃହ ନିର୍ମିତ ହୋଇସାରିଛି ଏବଂ ଅନ୍ୟ ଏକ କୋଠରୀ ଶେଷ ପର୍ଯ୍ୟାୟରେ ରହିଛି । ହେଲେ ହସ୍ତାନ୍ତର ସମସ୍ୟା କାରଣରୁ ନିର୍ମାଣ ସରିବା ପରେ ମଧ୍ୟ ଏହି ନୂତନ ଗୃହରେ ତାଲା ଝୁଲୁଛି । ନିର୍ମିତ କୋଠରୀକୁ କାହିଁକି ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ କରାଯାଉ ନାହିଁ, ସେ ନେଇ ପ୍ରଶାସନିକ ନୀରବତା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି । ଅଧିକାର ହନନ, ଚୁପ୍ ସଚେତନ ନାଗରିକ: କୋମଳମତି ଶିଶୁମାନେ ନିଜ ହକ୍ ଓ ଅଧିକାର ପାଇଁ ସ୍ୱର ଉତୋଳନ କରିପାରୁ ନଥିବାରୁ, ସେମାନଙ୍କ ଶିକ୍ଷାଗତ ଅଧିକାରକୁ ମିଳିତ ଭାବେ ଚାପି ଦିଆଯାଉ ଥିବା ଏକ ନଗ୍ନ ଉଦାହରଣ ସାମ୍ନାକୁ ଆସିଛି । ଅନ୍ୟପକ୍ଷରେ, ଅଂଚଳର ଶିକ୍ଷିତ, ବୁଦ୍ଧିଜୀବୀ ଓ ସଚେତନ ନାଗରିକଙ୍କ ନିଷ୍କ୍ରିୟତା ଯୋଗୁଁ ନିଜ ଅଂଚଳର ଭବିଷ୍ୟତ ତଳିତଳାନ୍ତ ହେବାକୁ ବସିଛି । ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ନୂତନ ଗୃହର ତାଲା ଖୋଲିବା ସହ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବାକୁ ସାଧାରଣରେ ଦାବି ହେଉଛି ।

# ଏମଭି ୭୯ ରେ ସଡ଼କ ସୁରକ୍ଷା ସଚେତନତା ଅଭିଯାନ : ସଡ଼କ ନିୟମ ପାଳନ ପାଇଁ ଛାତ୍ରଛାତ୍ରୀଙ୍କ ସଚେତନତା ଶୋଭାଯାତ୍ରା

ମାଲକାନଗିରି : (ହି.ସ.)- ଜିରୋ ଫାଟାଲିଟି ସପ୍ତାହ ଅବସରରେ ଏମଭି ୭୯ ଥାନା ଓ ଏମଭି ୭୯ ଡାକ୍ତର ଶ୍ୟାମା ପ୍ରସାଦ ଜୁନିଅର କଲେଜ ପରିସରରେ ରୋଡ୍ ସେଫ୍ଟି ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଆଜି ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଆଂଚଳିକ ପରିବହନ ଅଧିକାରୀ ସାଇକ ୟୁନୁସ, ଏମଭି ୭୯ ପୋଲିସ, ଡାକ୍ତର ଶ୍ୟାମା ପ୍ରସାଦ ଜୁନିଅର କଲେଜ ପ୍ରିନସିପାଲ ପ୍ରଦୀପ୍ତ କୁମାର ମିଶ୍ର ଏବଂ କଲେଜ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ସାଧାରଣ ଲୋକ ଯୋଗଦେଇଥିଲେ । ଏମଭି ୭୯ ଥାନା ଅଧିକାରିଣୀ ପୂର୍ଣ୍ଣିମା ଟେଟେ, ଏସ ଆଇ ଶ୍ରୀଚନ୍ଦନ ବେହେରା ହେଲମେଟ୍ ବ୍ୟବହାର, ସୁରକ୍ଷିତ ଭାବେ ଗାଡ଼ି ଚାଳନା, ଟ୍ରାଫିକ୍ ନିୟମ ପାଳନ ଏବଂ ଦୁର୍ଘଟଣାରୁ ନିଜକୁ ସୁରକ୍ଷିତ ରଖିବା ନେଇ ସମସ୍ତଙ୍କୁ ସଚେତନ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ସଡ଼କ ସୁରକ୍ଷା ଓ ଟ୍ରାଫିକ୍ ନିୟମ ସମ୍ପର୍କରେ ବିସ୍ତୃତ ଭାବେ ସଚେତନ କରାଯାଇଥିଲା । ଦୁଇଚକିଆ ଯାନ ଚଳାଇବା ସମୟରେ ଅନିବାର୍ଯ୍ୟ ଭାବେ ହେଲମେଟ୍ ପିନ୍ଧିବା ଏବଂ ଚାରିଚକିଆ ଯାନରେ ଯାତ୍ରା କରିବା ବେଳେ ସିଟ୍ ବେଲ୍ଟ ବ୍ୟବହାର କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଏହାପରେ ମହାବିଦ୍ୟାଳୟ ପରିସରରୁ ଏକ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଶୋଭାଯାତ୍ରାରେ ଛାତ୍ରଛାତ୍ରୀମାନେ ବିଭିନ୍ନ ସଚେତନତାମୂଳକ ବାର୍ତ୍ତା ଦେଇ ଗାଡ଼ି ଚାଳକ ଓ ସାଧାରଣ ଲୋକଙ୍କୁ ଟ୍ରାଫିକ୍ ନିୟମ ପାଳନ ପାଇଁ ଆହ୍ୱାନ କରିଥିଲେ । ଛାତ୍ରଛାତ୍ରୀମାନେ “ଗତି ସୀମା ମାନନ୍ତୁ”, “ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ବ୍ୟବହାର କରନ୍ତୁ ନାହିଁ”, “ମଦ୍ୟପାନ କରି ଗାଡ଼ି ଚଳାନ୍ତୁ ନାହିଁ”, “ବାମ ପାର୍ଶ୍ୱରେ ଚାଳନା କରନ୍ତୁ”, “ଟ୍ରାଫିକ୍ ନିୟମ ମାନନ୍ତୁ”, “ପଥଚାରୀଙ୍କୁ ସୁରକ୍ଷା ଦିଅନ୍ତୁ”, “ହେଲମେଟ୍ ଓ ସିଟ୍ ବେଲ୍ଟ ବ୍ୟବହାର କରନ୍ତୁ” ଭଳି ବିଭିନ୍ନ ସଚେତନତାମୂଳକ ବାର୍ତ୍ତା ଦେଇଥିଲେ । ସଡ଼କ ଦୁର୍ଘଟଣା ହ୍ରାସ କରିବା ସହ ପ୍ରତ୍ୟେକ ନାଗରିକଙ୍କ ଜୀବନ ସୁରକ୍ଷା ପାଇଁ ଟ୍ରାଫିକ୍ ନିୟମର କଡ଼ାକଡ଼ି ପାଳନ ଆବଶ୍ୟକ ବୋଲି ଏହି ଅଭିଯାନ ମାଧ୍ୟମରେ ବାର୍ତ୍ତା ଦିଆଯାଇଥିଲା । ଛାତ୍ରଛାତ୍ରୀଙ୍କ ଏଭଳି ସଚେତନତାମୂଳକ ପଦକ୍ଷେପକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଥିଲେ ।

# ଅନ୍ତ୍ୟୋଦୟ ନଗର ପାଇଁ ୧୩ ପରିବାର ଙ୍କୁ କାର୍ଯ୍ୟାଦେଶ ବଂଟନ




ଗୋଲାମୁଣ୍ଡା : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ତୁର୍ଲାପଡା ରେ କେବଳ ଆଦିବାସୀ ୧୪ ଟି ପରିବାର ର ୪୫ ଜଣ ବସବାସ କରୁଥିବା ବେଳେ ଜଣେ ପରିବାର ଛଡା ସବୁ ପରିବାର ର ମୁରବି ମାନଙ୍କର ମୃତ୍ୟୁ ହୋଇଛି କ୍ଷ ଏହି ପଡା ରେ କେବଳ କାହିଁକି ପୁରୁଷ ମାନଙ୍କର ମୃତ୍ୟୁ ହେଉଛି ବୋଲି ଖବର ପାଇବା ପରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଏକ ଟିମ ସହିତ ସର୍ଜମିନ କୁ ଯାଇ ସବୁ ପଚାରି ବୁଝିଥିଲେ । ଟିମ ରେ ତହସିଲଦାର ଚନ୍ଦନ କୁମାର ନାଏକ, ଏଇ ଚିତ ରଞ୍ଜନ ଜେନା, ରାଜସ୍ୱ ନିରୀକ୍ଷକ, ଜଳ ଓ ପରିମଳ ବିଭାଗ ତଥା ସବୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏ ଖବର ନେଇ ବିଭିନ୍ନ ଗଣ ମାଧ୍ୟମ ରେ ପ୍ରକାଶ ପାଇଥିଲା ଓ ବ୍ଲକ ଅଧ୍ୟକ୍ଷ ଶ୍ରୀ ମହାନନ୍ଦ ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ଓ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୌମ୍ୟ ରଞ୍ଜନ ପ୍ରଧାନ ସହିତ ବିସ୍ତୃତ ଭାବରେ ଆଲୋଚନା କରିଥିଲେ କ୍ଷ ଜିଲ୍ଲା ପ୍ରଶାସନ ଏହି ଘଟଣା କୁ ଗୁରୁତ୍ୱ ସହ ନେଇ ରାଜ୍ୟ ସରକାର ଙ୍କ ଅନ୍ତ୍ୟୋଦୟ ଯୋଜନା ରେ ସାମିଲ କରି ଦୁଇ ଏକଡ଼ ସରକାରୀ ଜାଗା ନେଇ ଅନ୍ତ୍ୟୋଦୟ ନଗର ନାମ କରଣ କରି ଆଜି ୧୩ ଟି ପରିବାର ଙ୍କୁ ଆବାସ ର କାର୍ଯ୍ୟାଦେଶ ବଂଟନ କରାଗଲା । ନଗର ରେ ଏକ ନୂତନ ପୋଖରୀ, ଧରନିଶାଳ, ପିଇବା ପାଣି ର ବ୍ୟବସ୍ଥା, ବିଦ୍ୟୁତ ସଂଯୋଗୀ କରଣ,ପାଇଖାନା ଓ ରୋଷେଇ ଘର ବ୍ୟବସ୍ଥା, ଗାଈ ଓ ଛେଳି ଗୁହାଳ ର ବ୍ୟବସ୍ଥା କରାଯିବ ବୋଲି ସୂଚନା ଦେଇଛନ୍ତି । ବଂଟନ କାର୍ଯ୍ୟକ୍ରମ ରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୌମ୍ୟ ପ୍ରଧାନ, ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଏବିଡ଼ିଓ ବିଜୟ କୁମାର ନାଏକ,ଏପିଡି ଆରଏଚ ଅମୂଲ୍ୟ ବେହେରା, ଏପିଡି ସ୍କିମ ବିଭାଗର ବିଦ୍ୟାଧର ସାହୁ, ଭିବିଜିରାମ ଜୀ ଏମସି ପାର୍ବତୀ ପଟ୍ଟନାୟକ, ଅତିରିକ୍ତ ଜିଲାପାଳ ଡ଼. ମାନସ ରଞ୍ଜନ ତ୍ରିପାଠୀ, ଆରଏଚ ବିପିସି ମଧୁ ସାହୁ, ଏଇ ଚିତରଞ୍ଜନ ଜେନା, ନିକୁଞ୍ଜ ନାଏକ, ଅଲେଖ ସା,ରାଜ ମୋହନ ଶବର, ଦିନେଶ ପାନକା, ଜୟରାମ ସାହୁ, ଲଳିତ ମଙ୍ଗରାଜ, ସଂଜୀବ ନିଆଲ, ଜୟନ୍ତ ସିଂ, ଜୟ କୃଷ୍ଣ ସାହୁ, ତାପସ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଦୁଃସାହସିକ ମୋଟର ସାଇକେଲ ଯାତ୍ରା ପାଇଁ ଅଜୟ ଗୁରୁଙ୍କୁ ସମ୍ବର୍ଦ୍ଧନା

ଭୁବନ : (ହି.ସ.)- ଢେଙ୍କାନାଳ ଜିଲ୍ଲା ଭୁବନର ଉଦୀୟମାନ ଯୁବକ ଅଜୟ ଗୁରୁ ଦୁଃସାହସିକ ମୋଟର ସାଇକେଲ ଯାତ୍ରା କରି ଲଦାଖରୁ ଫେରିଛନ୍ତି । ଏହି ଅବସରରେ ଭୁବନ କାପୁଡିଆ ସମାଜ ( ୟୁଥ ଅର୍ଗାନାଇଜେସନ୍) ତରଫରୁ ତାଙ୍କୁ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ଉତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମ୍ବର୍ଦ୍ଧନା ସଭାରେ ଉମେଶ ଚନ୍ଦ୍ର ଦାସ, ଲକ୍ଷ୍ମଣ କୁମାର ଦାସ, ଦିଲ୍ଲୀପ କୁମାର ଦାସ, ଅମ୍ବୁଜ କୁମାର ସାହୁ, ନିରଞ୍ଜନ ଗୁରୁ, ନରେନ୍ଦ୍ର କୁମାର ବେହେରା, ସନ୍ତୋଷ ରାଉଳ, ଦେବାନନ୍ଦ ସାହୁ, ନାରାୟଣ ନାୟକ, ରାକେଶ କୁମାର ପୃଷ୍ଟି, ଲିଙ୍ଗରାଜ ସାହୁ, ପିଂଟୁ ଦାସ, ମିଥୁନ ପାତ୍ର, ରାମଚନ୍ଦ୍ର ନାୟକେ, ଟିଟୁ ଦାସ, ଜଗନ୍ନାଥ ଗୁରୁ, ରାଜେନ୍ଦ୍ର ଗୁରୁ, ସୁଶାନ୍ତ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ । ଅଜୟ ଗୁରୁଙ୍କ ଏହି ଯାତ୍ରା ଭୁବନ ପାଇଁ ଗର୍ବ ଓ ଯୁବ ସମାଜ ପାଇଁ ଏକ ପ୍ରେରଣା ବୋଲି କୁହାଯାଇଥିଲା ।

# ପାରୁଡ଼ି ପଶିରେ ପ୍ରଥମ ବାର୍ଷିକ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଂଟ : ବି.ପି. ସ୍ପୋର୍ଟିଙ୍ଗ୍ ଚାମ୍ପିଅନ୍

ଚମ୍ପୁଆ : (ହି.ସ.)- ସ୍ଥାନୀୟ ଅଂଚଳରେ କ୍ରୀଡ଼ା ଜଗତରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି । ପାରୁଡ଼ି ପଶି ମିନି ଷ୍ଟାଡିୟମ୍ ପରିସରରେ ଗ୍ରାମର ପ୍ରଥମ ବାର୍ଷିକ ଏକଦିବସୀୟ ଫୁଟବଲ୍ ପ୍ରତିଯୋଗିତା ଅତ୍ୟନ୍ତ ଆନନ୍ଦୋଲ୍ଲାସ ଓ ବେଶ୍ ଆକର୍ଷଣୀୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରୀଡ଼ା ମହାକୁମ୍ଭରେ ଆଖପାଖ ଅଂଚଳରୁ ମୋଟ୍ ୧୬ଟି ଟିମ୍ ଅଂଶଗ୍ରହଣ କରି ସେମାନଙ୍କର ଖେଳ କୌଶଳ ପ୍ରଦର୍ଶନ କରିଥିଲେ । ଦର୍ଶକଙ୍କ ପ୍ରବଳ ଭିଡ଼ ଓ କରତାଳିରେ ସମଗ୍ର ଷ୍ଟାଡିୟମ୍ କମ୍ପି ଉଠିଥିଲା । ପ୍ରତିଯୋଗିତାର ଉଦ୍ଘାଟନୀ ତଥା ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ସେନା ଅଧିକାରୀ ଯଦୁମଣି ମାଝି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ମଙ୍ଗୁଲୁ ମାଝୀ, ମିତ୍ରଭାନୁ ବେହେରା, ପ୍ରତାପ ବେହେରା ଏବଂ ଗୌରାଙ୍ଗ ବେହେରା ପ୍ରମୁଖ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ରୋମାଚଂକର ମ୍ୟାଚ୍ ଗୁଡ଼ିକୁ ଅତି ସୂଚାରୁ ଏବଂ ନିରପେକ୍ଷ ଭାବେ ପରିଚାଳନା କରିଥିଲେ ପୂର୍ବତନ ସୁନାମଧନ୍ୟ ତଥା ଲୋକପ୍ରିୟ ଖେଳାଳି ନାରାୟଣ ମାଝି ଏବଂ ଜୁନିଅର୍ ଲବ-କୁଶ । ଏହି ସଫଳ ଆୟୋଜନକୁ କମିଟିର ମୁଖ୍ୟ ଦକ୍ଷଦତ ବେହେରା, ସ୍ୱପ୍ନ ସାଗର ବେହେରା, ସୁଜିତ୍ କୁମାର ବେହେରା, ସଂଜିତ୍ ବେହେରା ପ୍ରମୁଖ ପରିଚାଳନା କରିଥିବା ବେଳେ ସ୍ଥାନୀୟ ସମସ୍ତ ଯୁବକ ଏବଂ ଗ୍ରାମବାସୀଙ୍କ ଅକ୍ଲାନ୍ତ ପରିଶ୍ରମ ଓ ସହଯୋଗ ରହିଥିଲା । ଦିନବ୍ୟାପୀ ଚାଲିଥିବା ଏହି ମ୍ୟାଚ୍ ର ଚୂଡ଼ାନ୍ତ ପର୍ଯ୍ୟାୟରେ ବି.ପି. ସ୍ପୋର୍ଟିଙ୍ଗ୍ ପାରୁଡ଼ି ପଶି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଆଜା ମେରେ ବୁଲ୍ ବୁଲ୍ ବର୍ଦ୍ଧନା, ତୃତୀୟ ସ୍ଥାନରେ ଜେ.କେ. ସ୍ପୋର୍ଟିଙ୍ଗ୍ ଖୁଂଟା ପଡ଼ା, ଚତୁର୍ଥ ସ୍ଥାନରେ ଟୁକୁଡ଼ିହ ରହିଥିଲେ । ଶେଷରେ ଅତିଥିମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀ ଓ ବିଜେତା ଦଳ ଗୁଡ଼ିକୁ ଟ୍ରଫି ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଖେଳ କାର୍ଯ୍ୟକ୍ରମ ସ୍ଥାନୀୟ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଏକ ନୂତନ ଉତ୍ସାହ ସୃଷ୍ଟି କରିପାରିଥିବା କୁହାଯାଇଛି ।

# ସେବା ସଂକଳ୍ପ ଅଭିଯାନ ‘ସୁରକ୍ଷିତ ଘରକୁ ଫେରନ୍ତୁ’ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ

ଭଦ୍ରକ : ଜିଲ୍ଲାର ପିଏମ୍ ଶ୍ରୀ ବି.ଏମ୍. ବାଗୁରାଇ ହାଇସ୍କୁଲରେ ସେବା ସଂକଳ୍ପ ଅଭିଯାନ ରେ ‘ସୁରକ୍ଷିତ ଘରକୁ ଫେରନ୍ତୁ’ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ ଏବଂ ଆଂଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ସଡ଼କ ସୁରକ୍ଷା ନିୟମ ସମ୍ପର୍କରେ ସଚେତନ କରାଇ ହେଲମେଟ୍ ପିନ୍ଧିବା, ସିଟ୍ ବେଲ୍ଟ ବ୍ୟବହାର, ଦ୍ରୁତ ଗତିରେ ଗାଡ଼ି ନ ଚଲାଇବା, ମୋବାଇଲ ଫୋନ୍ ବ୍ୟବହାର କରି ଗାଡ଼ି ନ ଚଲାଇବା ଏବଂ ଟ୍ରାଫିକ ନିୟମ ପାଳନ ଉପରେ ଛାତ୍ର ଛାତ୍ରୀ ଙ୍କୁ ପରାମର୍ଶ ଦେଇଥିଲେ । ନିଜେ ସୁରକ୍ଷିତ ରହି ଅନ୍ୟକୁ ସୁରକ୍ଷିତ ରଖି ସୁରକ୍ଷିତ ଭାବେ ଘରକୁ ଫେରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା ।



# ମୋଦୀ ଯୁଗରେ ଭାରତର ପୁନଃପରିକଳ୍ପନା

**- ସ୍ୱପନ ଦାସଗୁପ୍ତା**

ଏକ ଦୀର୍ଘ ରାଜନୈତିକ କାର୍ଯ୍ୟକାଳ ସର୍ବଦା ଯେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ସୃଷ୍ଟି କରେ, ତାହା ନୁହେଁ । ମହମ୍ମଦ ଶାହ 'ରଙ୍ଗିଲା' ୧୭୧୯ରୁ ୧୭୪୮ ମସିହା ପର୍ଯ୍ୟନ୍ତ—ଅର୍ଥାତ୍ ପ୍ରାୟ ୨୯ ବର୍ଷ ଧରି—ନାମମାତ୍ର ମୋଗଲ ସମ୍ରାଟ ଭାବେ କାର୍ଯ୍ୟ କରିଥିଲେ । ତାଙ୍କର ଜଣେ ଉତରାଧିକାରୀ, ଦୁର୍ଭାଗ୍ୟପୂର୍ଣ୍ଣ ଓ ଲୋକଙ୍କ ଉପହାସର ପାତ୍ର ସାଜିଥିବା ଶାହ ଆଲମ୍ ଦ୍ୱିତୀୟ, ୧୭୬୦ରୁ ୧୮୦୬ ମସିହା ପର୍ଯ୍ୟନ୍ତ ୪୬ ବର୍ଷ ଧରି ତିମୁରିଦ୍ ସିଂହାସନ ଅଧିକାର କରି ରହିଥିଲେ । ଉଭୟ କ୍ଷେତ୍ରରେ, ଆକବର ଏବଂ ଏପରିକି ଔରଙ୍ଗଜେବଙ୍କ ଭଳି ସମ୍ରାଟମାନେ ଯେଉଁ କ୍ଷମତାର ଆସନରେ ବସିଥିଲେ, ସେହି ଆସନରେ ଏତେ ଦୀର୍ଘ ସମୟ ରହିବା ଶେଷରେ କେବଳ ପ୍ରତୀକାତ୍ମକ ହୋଇ ରହିଗଲା । 'ପତନର ଇତିହାସ'—ଯାହା ୟୁନାଇଟେଡ୍ କିଙ୍ଗଡମ୍ ଏବଂ ନିକଟ ଅତୀତ ପର୍ଯ୍ୟନ୍ତ ମୋ ରାଜ୍ୟ ପଶ୍ଚିମବଙ୍ଗରେ ଏକ ଲୋକପ୍ରିୟ ବିଷୟବସ୍ତୁ ଥିଲା—ତାହାର ନିଷ୍ଠାବାନ ଅଧ୍ୟୟନକାରୀଙ୍କୁ ଛାଡ଼ିଦେଲେ, ପରବର୍ତ୍ତୀ କାଳର ଏହି ମୋଗଲ ଶାସକମାନଙ୍କ ପ୍ରଭାବ ବରଫ ଉପରେ ଚାଲିବା ସଦୃଶ ଥିଲା, ଯେଉଁଥିରେ ଚାଲିବା ପରେ କୌଣସି ପାଦଚିହ୍ନ ରହେନାହିଁ ।

ଭବିଷ୍ୟତର ଇତିହାସକାରମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏଭଳି ଘୃଣା କିମ୍ବା ଅବଜ୍ଞା ଦୃଷ୍ଟିରେ ଦେଖିବାର ସମ୍ଭାବନା କମ୍ । ତୀବ୍ର ପ୍ରତିଯୋଗିତାମୂଳକ ଗଣତନ୍ତ୍ରରେ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ସର୍ବଦା ଏକ ଆହ୍ୱାନପୂର୍ଣ୍ଣ କାର୍ଯ୍ୟ; ଏବଂ ଭାରତର ଦୀର୍ଘତମ ସମୟ ପାଇଁ ପ୍ରଧାନମନ୍ତ୍ରୀ ରହିଥିବା ବ୍ୟକ୍ତି ଭାବରେ ଇତିହାସ ପୃଷ୍ଠାରେ ମୋଦୀଙ୍କ ନାମ ସ୍ଥାନ ପାଇବା କିଛି ଲୋକଙ୍କୁ ନିଶ୍ଚିତ ଭାବେ ଆଶ୍ୱସ୍ତି ଦେବ । ବିଶେଷକରି ଦଳୀୟ ରାଜନେତା ଓ ବୁଦ୍ଧିଜୀବୀମାନଙ୍କ ପାଇଁ ମୋଦୀଙ୍କ ବର୍ତମାନର କାର୍ଯ୍ୟକାଳକୁ ଜବାହରଲାଲ ନେହେରୁ ଓ ଇନ୍ଦିରା ଗାନ୍ଧୀଙ୍କ କାର୍ଯ୍ୟକାଳ ସହ ତୁଳନା କରିବା ଏକ ସ୍ୱାଭାବିକ କଥା—ଯେହେତୁ ଏହି ଦୁଇ ନେତା ଦୀର୍ଘ ସମୟ ଧରି କ୍ଷମତାରେ ରହିଥିଲେ ଏବଂ ବ୍ୟାପକ ପ୍ରଭାବ ବିସ୍ତାର କରିଥିଲେ । ତଥାପି, ଯଦିଓ ତୁଳନାତ୍ମକ ଇତିହାସ—ଯାହାକି କଳ୍ପନାପ୍ରସୂତ 'ଯଦି ଏପରି ହୋଇଥାନ୍ତା' ଭଳି ତଥ୍ୟ-ବିରୋଧୀ ଇତିହାସର ପରିକଳ୍ପନା ସଦୃଶ ଏକ ସ୍ୱତନ୍ତ୍ର ଆକର୍ଷଣ ରଖିଥାଏ, ତଥାପି ମୋଦୀଙ୍କ କାର୍ଯ୍ୟକାଳର ବିଭିନ୍ନ ଦିଗକୁ ସେଗୁଡ଼ିକର ନିର୍ଦ୍ଦିଷ୍ଟ ପରିପ୍ରେକ୍ଷୀରେ ବୁଝିବା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

୨୦୧୪ ମସିହାରେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ, ମୋଦୀ ଭାରତର କାହାଣୀକୁ ଯେପରି ପୁନଃଲିଖନ କରିଛନ୍ତି; ତାଙ୍କର କଠୋର ସମାଲୋଚକମାନେ ମଧ୍ୟ ଏହାକୁ ସ୍ୱୀକାର କରନ୍ତି । ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ନେତୃତ୍ୱରେ ଚାଲିଥିବା ଦୁଇଟି କାର୍ଯ୍ୟକାଳର ଅସ୍ଥିର ମେଂଟ ସରକାରଙ୍କଠାରୁ ସେ ଯେଉଁ ଦେଶର ଦାୟିତ୍ୱ ଗ୍ରହଣ କରିଥିଲେ, ତାହା ସମ୍ପୂର୍ଣ୍ଣ ଭିନ୍ନ ଥିଲା । ମନମୋହନ ସିଂହ ଜଣେ ସଚ୍ଚୋଟ ବ୍ୟକ୍ତି ଥିଲେ, କିନ୍ତୁ ଦୁଃଖର ବିଷୟ ଯେ, ତାଙ୍କର ସ୍ୱାଧୀନ ନିଷ୍ପତି ନେବାର ସ୍ୱାଧୀନତା ନଥିଲା । ଦେଶ ପ୍ରାୟତଃ ମହାନତାର ଦ୍ୱାରଦେଶରେ ଥିବା ପରି ମନେ ହେଉଥିଲା କିନ୍ତୁ କେବେବି ଏହାର ପ୍ରକୃତ ସମ୍ଭାବନାକୁ ପୂର୍ଣ୍ଣ ଭାବରେ ଅନୁଭବ କରିନଥିଲା । ୨୦୦୪ ରୁ ୨୦୧୪ ମଧ୍ୟରେ ଦେଶର ସାମଗ୍ରିକ ପ୍ରଗତି ଅପେକ୍ଷା କିଛି ଭାରତୀୟମାନଙ୍କର ବ୍ୟକ୍ତିଗତ ସଫଳତା ଅଧିକ ଚର୍ଚ୍ଚିତ ହେଉଥିଲା ।

ମୁଖ୍ୟମନ୍ତ୍ରୀ ଭାବରେ ତାଙ୍କର ତେର ବର୍ଷର କାର୍ଯ୍ୟକାଳ ମଧ୍ୟରେ, ଗୁଜରାଟକୁ ଉଲ୍ଲେଖନୀୟ ଉଚ୍ଚତାରେ ପହଂଚାଇଥିବା ନେତାଙ୍କ ଉପରେ ସର୍ବଦା ଉଚ୍ଚ ଆଶା ରଖାଯାଇଥିଲା । ତଥାପି, ଏହି ଆଶାଗୁଡ଼ିକ ସହିତ ଏକ ଆଶଙ୍କା ଥିଲା - ବିଶେଷକରି ବିଦେଶରୁ ଯେ ବିଜେପିର ଏକ ଗୋଷ୍ଠୀ ମଧ୍ୟରେ ପ୍ରଚଳିତ ସଂରକ୍ଷଣବାଦୀ ମାନସିକତା ଦ୍ୱାରା ମୋଦୀ ଚୁପ୍ ଚାପ୍ ଦୁର୍ବଳ ହୋଇପାରନ୍ତି । ବିଶ୍ୱସ୍ତରୀୟ ନିବେଶକମାନଙ୍କ ମଧ୍ୟରେ ଚିନ୍ତା ଥିଲା ଯେ ଭାରତ ଅର୍ଥନୈତିକ ଓ ସାଂସ୍କୃତିକ ଦୃଷ୍ଟିରୁ 'ସ୍ୱଦେଶୀ'ର ସୀମିତ ପରିସର ମଧ୍ୟକୁ ସଙ୍କୁଚିତ ହୋଇଯାଇପାରେ ଏବଂ ନୂତନ ବିଶ୍ୱ ବ୍ୟବସ୍ଥା ଗଠନ କରୁଥିବା ବିଶ୍ୱାୟନ ପ୍ରକ୍ରିୟାକୁ ମନ୍ଥର କରିଦେଇପାରେ ।

୨୦୧୪ ମସିହାରେ ଯୁବବର୍ଗଙ୍କ ପ୍ରଚୁର ସମର୍ଥନ ଦ୍ୱାରା ଅନୁପ୍ରାଣିତ ହୋଇ, ମୋଦୀ ନିର୍ବାଚନୀ ରଣନୀତିରେ ସମ୍ପୂର୍ଣ୍ଣ ପରିବର୍ତନ ଆଣିଥିଲେ । ତାଙ୍କୁ ଯୁବବର୍ଗଙ୍କ ବ୍ୟାପକ ଆକାଂକ୍ଷା ଏବଂ ମଧ୍ୟବିତ ଶ୍ରେଣୀର ପାରମ୍ପାରିକ ମାନସିକତା ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରିବାକୁ ପଡ଼ିଥିଲା । ଏହି ଦୁଇଟି ବର୍ଗ ମଧ୍ୟରୁ କାହାକୁ ବି ଅଣଦେଖା କରାଯାଇପାରି ନଥାନ୍ତା ବିଶେଷକରି ଭାରତର କ୍ଷୁଦ୍ର ବ୍ୟବସାୟୀମାନଙ୍କୁ, ଯେଉଁମାନେ ପ୍ରତ୍ୟେକ କଠିନ ସମୟରେ ବିଜେପି ସହିତ ଛିଡ଼ା ହୋଇଥିଲେ ।

ମୋଦୀଙ୍କ ସଫଳତା ରାଜନୀତିର ଭାଷା ଓ ଶୈଳୀକୁ ନୂଆ ରୂପ ଦେବାରେ ନିହିତ ଥିଲା । ଯେଉଁମାନେ ବିଶ୍ୱସ୍ତରରେ ସକ୍ରିୟ ଥିଲେ ମଧ୍ୟ ନିଜର ଦେଶୀୟ ପରିଚୟ ସହ ଗଭୀର ଭାବେ ଜଡ଼ିତ ଥିଲେ, ସେମାନଙ୍କ ପାଇଁ 'ସ୍ୱଦେଶୀ' ଧାରଣାଟି ଯଦିଓ ପୁରୁଣା ବା ଅପ୍ରଚଳିତ ମନେହେଉଥିଲା, ତଥାପି ମେକ୍ ଇନ୍ ଇଣ୍ଡିଆ ଅଭିଯାନ ଜାତୀୟ ଗର୍ବ ଏବଂ ଉଦ୍ୟୋଗୀ ମନୋଭାବ ପାଇଁ ଉତ୍ସାହ ସୃଷ୍ଟି କରିଥିଲା । ମୋଦୀଙ୍କ ନେତୃତ୍ୱରେ ଭାରତୀୟମାନେ ସାଂସ୍କୃତିକ ଗର୍ବ ସହିତ ପ୍ରଯୁକ୍ତିବିଦ୍ୟା ଏବଂ ଉଦ୍ୟୋଗୀ ମନୋଭାବକୁ ଆପଣାଇ ନେଇଥିଲେ । ସେ ସ୍ପଷ୍ଟ କରିଦେଇଥିଲେ ଯେ ଭାରତୀୟ ଉଦ୍ୟୋଗଗୁଡ଼ିକ ଏବଂ ବିଶେଷକରି ବଡ଼ ସ୍ୱପ୍ନ ଦେଖୁଥିବା ଯୁବବର୍ଗଙ୍କ ସାହସିକ ମନୋଭାବ ବିଶ୍ୱସ୍ତରରେ ବଡ଼ ସଫଳତା ହାସଲ କରୁ ।

ମୋଦୀ ଦ୍ୱୈତତାର ସେହି ପୁରୁଣା ଦୁନିଆକୁ ବଦଳାଇଦେଇଛନ୍ତି । ସେ ସଂସ୍କାର ଓ ଜନକଲ୍ୟାଣ ମଧ୍ୟରେ ଥିବା ସୀମାରେଖାକୁ ଧୂସର କରିଦେଇଛନ୍ତି, ଯାହା ଫଳରେ ଏକ ସାଧାରଣ ଲକ୍ଷ୍ୟ ପୂରଣରେ ଅନ୍ତ୍ୟୋଦୟ ଓ ଡିଜିଟାଲ ଇଣ୍ଡିଆ ପରସ୍ପର ସହିତ ସହାବସ୍ଥାନ କରିପାରିଛି । ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର୍ (ଡିବିଟି), ଉଜ୍ଜ୍ୱଳା, ଆୟୁଷ୍ମାନ ଭାରତ ଏବଂ ଆଧାର ଭଳି ପଦକ୍ଷେପ ସହିତ ଜଡ଼ିତ ବ୍ୟାପକ ଓ ପ୍ରଯୁକ୍ତିବିଦ୍ୟା-ଭିତିକ (ଏବଂ ଅତିଶୀଘ୍ର ଏଆଇ-ସକ୍ଷମ ହେବାକୁ ଥିବା) ସେବା ପ୍ରଦାନ ବ୍ୟବସ୍ଥାଗୁଡ଼ିକ କଲ୍ୟାଣକାରୀ ଢାଂଚାର ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି । ତଥାପି, ପୂର୍ବ ସରକାରଗୁଡ଼ିକର ମାଗଣା ସୁବିଧା ସଂସ୍କୃତି ଠାରୁ ଭିନ୍ନ, ଏହି ଯୋଜନାଗୁଡ଼ିକ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଂଚିବା ଏବଂ ପ୍ରଶାସନିକ ଦକ୍ଷତା ବୃଦ୍ଧି କରିବା ଲକ୍ଷ୍ୟରେ ଆରମ୍ଭ କରାଯାଇଥିଲା । ଏହା ମଧ୍ୟ ଉଲ୍ଲେଖନୀୟ ଯେ ବିଭିନ୍ନ ସାର୍ବଜନୀନ କ୍ଷେତ୍ରର ଉଦ୍ୟୋଗ (ପିଏସୟୁ) ଗୁଡ଼ିକର ଘରୋଇକରଣ ଏବଂ ସାର୍ବଜନୀନ ସେବାର ନିୟନ୍ତ୍ରଣ କୋହଳ କରାଯିବା ସହିତ, ଏହି ଉଦ୍ୟୋଗଗୁଡ଼ିକର କାର୍ଯ୍ୟଶୈଳୀରେ ମଧ୍ୟ ବଡ଼ ପରିବର୍ତନ ଆସିଛି । ଆଜି ପିଏସୟୁ ଗୁଡ଼ିକର ସେୟାର ନିବେଶକମାନଙ୍କ ପୋର୍ଟଫୋଲିଓର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଛି—ଯାହା ସେହି ସମୟ ତୁଳନାରେ ସମ୍ପୂର୍ଣ୍ଣ ଭିନ୍ନ ଯେତେବେଳେ ଏହି କମ୍ପାନୀଗୁଡ଼ିକୁ କେବଳ ଅର୍ଥ ଉପାର୍ଜନର ଉତ୍ସ ଭାବରେ ଦେଖାଯାଉଥିଲା ।

ମୋଦୀଙ୍କ ଭାରତ ବିଶ୍ୱ ସହିତ କିପରି ଜଡିତ ତାହାର ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ହେଉଛି ଜାତୀୟ ସ୍ୱାର୍ଥ ଉପରେ ସ୍ଥିର ଭାବରେ ଧ୍ୟାନ ଦେବା ସହିତ ପରସ୍ପର ବିରୋଧୀ ଉପାଦାନଗୁଡ଼ିକୁ ସମନ୍ୱିତ କରିବାର କ୍ଷମତା । ଭାରତ ଇସ୍ରାଏଲ ଏବଂ ଇରାନ ଉଭୟ ସହିତ - ଏବଂ ଆରବ ରାଷ୍ଟ୍ରଗୁଡ଼ିକ ସହିତ ଯେଉଁ ସହଜତାରେ ଭଲ ସମ୍ପର୍କ ବଜାୟ ରଖିଛି ତାହା ଉଲ୍ଲେଖନୀୟ । ୟୁରୋପୀୟ ସଂଘ କିମ୍ବା ଆମେରିକା ସହିତ ସମ୍ପର୍କକୁ ବିପଦରେ ନ ପକାଇ ରୁଷ ସହିତ ଭାରତର ବନ୍ଧୁତା ରାଷ୍ଟ୍ରପତି ଟ୍ରମ୍ପଙ୍କ ଭଳି ନେତାଙ୍କଠାରୁ ସମାଲୋଚନା ଏବଂ ପ୍ରତିଶୋଧର ଧମକ ମଧ୍ୟ ପାଇଛି । ତଥାପି, ପଶ୍ଚିମ ଏସିଆରେ ଗଭୀର ଦ୍ୱନ୍ଦ୍ୱର ଅଶାନ୍ତି ଏବଂ ଅନିଶ୍ଚିତତାରୁ ଭାରତର ଶକ୍ତି କ୍ଷେତ୍ରକୁ ରକ୍ଷା କରିବାରେ ଏହି ରଣନୈତିକ ସ୍ୱାୟତତାର ଗୁରୁତ୍ୱକୁ ଅସ୍ୱୀକାର କରାଯାଇପାରିବ ନାହିଁ ।

ବିରୋଧାଭାସ ପରିଚାଳନା ଦୀର୍ଘ ଦିନ ଧରି ଭାରତୀୟ ସାମାଜିକ ପରିଚାଳନାର ଏକ ପ୍ରମୁଖ ପରିଚୟ ହୋଇଛି; ଏହି କାରଣରୁ ଯେଉଁମାନେ ସମ୍ପୂର୍ଣ୍ଣ ନିଶ୍ଚିତତା ଖୋଜନ୍ତି ସେମାନେ ପ୍ରାୟତଃ ହିନ୍ଦୁ ଐତିହ୍ୟକୁ ବୁଝିବା ପାଇଁ ସଂଘର୍ଷ କରନ୍ତି । ମୋଦୀ ସାର୍ବଜନୀନ ନୀତି ଏବଂ କୂଟନୀତି କ୍ଷେତ୍ରରେ ଏହି ପଦ୍ଧତିକୁ ନୂତନ ଶିଖରକୁ ଉଠାଇଛନ୍ତି । ପ୍ରକୃତରେ, ସେ ପୂର୍ବରୁ ବୈଚାରିକ ଧ୍ରୁବୀକରଣ ଉପରେ ଦିଆଯାଇଥିବା ଗୁରୁତ୍ୱକୁ କମ କରିଛନ୍ତି । ଏକଦା ନିଜର ବିଚାରଧାରାଗତ ସ୍ୱତନ୍ତ୍ରତା ଯୋଗୁଁ ପୃଥକ୍ ହୋଇଥିବା ଏକ ଦଳର ନେତାଙ୍କ କ୍ଷେତ୍ରରେ ଏହା ବେଶ୍ ଅଦ୍ଭୁତ ମନେହୋଇପାରେ । ତଥାପି, ନିଜସ୍ୱ ଉପାୟରେ ଏବଂ ବିନା ଧୂମଧାମରେ ମୋଦୀ ବୈଚାରିକ ସ୍ୱତନ୍ତ୍ରତାର ଗୁରୁତ୍ୱକୁ ହ୍ରାସ କରିଛନ୍ତି । ସେ ପାରମ୍ପରିକ ରାଜନୈତିକ ବିଭାଜନରୁ ଉପରକୁ ଉଠି ଭାରତୀୟ ରାଜନୀତିକୁ ପୁନଃପରିଭାଷିତ କରିଛନ୍ତି ।

**(ଲେଖକ ପଶ୍ଚିମବଙ୍ଗର ଅର୍ଥମନ୍ତ୍ରୀ ଅଟନ୍ତି)**

# ଆକାଂକ୍ଷାରୁ ଆତ୍ମନିର୍ଭରତା ଯାଏଁ ଭାରତର ଯାତ୍ରା

**ଅନିରୁଦ୍ଧ ଶର୍ମା ଏବଂ ତନଭୀର ଅହମ୍ମଦ**





କୌଣସି ରାଷ୍ଟ୍ର ନିଜ ପାଇଁ ନିଜେ ଗଢ଼ିବା ଆରମ୍ଭ କଲେ ହିଁ ତାହାର ମନରେ ଏକ ସ୍ୱତନ୍ତ୍ର ପ୍ରକାରର ଆତ୍ମବିଶ୍ୱାସ ଜନ୍ମ ନିଏ । ଗତ ଏକ ଦଶନ୍ଧିରୁ ଅଧିକ ସମୟ ଧରି ଭାରତ ଧୀରେ ଧୀରେ, କିନ୍ତୁ ସ୍ପଷ୍ଟ ଭାବରେ, ସେହି ଆତ୍ମବିଶ୍ୱାସ ହାସଲ କରିଆସୁଛି ।ଆଜି ଯେତେବେଳେ ଆମେ 'ଆତ୍ମନିର୍ଭର ଭାରତ' ଶବ୍ଦ ଶୁଣୁ, ସେତେବେଳେ ଆମ ମନରେ କେବଳ ଏକ ନୀତିର ଧାରଣା ନୁହେଁ, ବରଂ ଏକ ମାନସିକତାର ଚିତ୍ର ମଧ୍ୟ ଉଭା ହୁଏ—ଏମିତି ଏକ ଦେଶ, ଯିଏ ଆଉ ସମାଧାନ ପାଇଁ ଅନ୍ୟମାନଙ୍କ ଉପରେ ଅପେକ୍ଷା କରେ ନାହିଁ; ବରଂ ନିଜ ଯୁବପିଢ଼ିର ସୃଜନଶୀଳତା, ପ୍ରତିଭା ଓ ଉଦ୍ଭାବନୀ ଚିନ୍ତାଧାରା ଉପରେ ଆସ୍ଥା ରଖି ନିଜ ସମାଧାନ ନିଜେ ସୃଷ୍ଟି କରିବାରେ ବିଶ୍ୱାସ କରେ ।

ସଠିକ୍ ଭାବରେ ବୁଝିଲେ, ଆତ୍ମନିର୍ଭରତାର ଅର୍ଥ କେବେବି ଆତ୍ମସନ୍ତୋଷ କିମ୍ବା କେବଳ ନିଜ ଭିତରେ ସୀମିତ ରହିବା ନୁହେଁ । ଏହାର ଅର୍ଥ ହେଉଛି ଏପରି ପରିବେଶ ସୃଷ୍ଟି କରିବା, ଯେଉଁଥିରେ ଆକାଂକ୍ଷା ବାସ୍ତବତା ସହ ନିଜର ପ୍ରଥମ ସାମ୍ନାସାମ୍ନିରେ ମଧ୍ୟ ତିଷ୍ଠି ରହିପାରିବ; ଯେଉଁଠାରେ ଜଣେ ଯୁବକ ଝୁଂଟିପାରେ, ଶିଖିପାରେ, ପୁନର୍ବାର ନିଜକୁ ଗଢ଼ିପାରେ ଏବଂ ଚେଷ୍ଟା କରି ବିଫଳ ହେବା ଦ୍ୱାରା ନିନ୍ଦିତ ନହୋଇ ପୁଣି ଥରେ ପ୍ରଚେଷ୍ଟା କରିପାର ! ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଫଳତାକୁ ଠିକ୍ ଏହି ଶବ୍ଦରେ ବର୍ଣ୍ଣନା କରିଛନ୍ତି—ସଫଳତା ଆଡ଼କୁ ଯିବାର ଏକ ବାଟ ଏବଂ 'କମ୍ଫୋର୍ଟ ଜୋନ୍' ବା ସୁରକ୍ଷିତ ପରିସରରୁ ବାହାରିବାର ମାଧ୍ୟମ । ସୁରକ୍ଷିତ ପଥ ବାଛିବା ପାଇଁ ବଢ଼ିଥିବା ଗୋଟିଏ ପିଢ଼ି ପାଇଁ, ଦେଶର ସର୍ବୋଚ୍ଚ ପଦବୀରୁ ଏଭଳି ବାର୍ତା ଶୁଣିବା ଏକ ଅସାଧାରଣ କଥା । ଅନେକ ଦିଗରୁ ଦେଖିଲେ 'ଦିଗନ୍ତରା' ହେଉଛି ଏହାର ଏକ ପ୍ରତିଫଳନ ।

ଅତ୍ୟନ୍ତ ସାଧାରଣ ଭାବେ ଆମର ଯାତ୍ରା ୨୦୧୮ ମସିହାରେ ଆରମ୍ଭ ହୋଇଥିଲା । ମୁଁ ପଞ୍ଜାବରେ କମ୍ପ୍ୟୁଟର ସାଇନ୍ସ ପଢୁଥିଲି ଏବଂ ମୋର ସ୍କୁଲ୍ ସାଙ୍ଗ ତନଭୀର ଅହମ୍ମଦ ବେଙ୍ଗାଲୁରୁରେ ଏରୋସ୍ପେସ୍ ଇଞ୍ଜିନିୟରିଂ ପଢୁଥିଲେ । ଏହାସହ ସେ ଏକ ଛାତ୍ର ସାଟେଲାଇଟ୍ ପ୍ରକଳ୍ପରେ କାମ କରୁଥିଲେ । ସେହି ବର୍ଷ ଜଣେ ଗ୍ରାହକଙ୍କୁ ଏକ ଇନ୍ଫ୍ରେସ୍ ତିଆରି କରିବାକୁ ଏକ କମ୍ପାନୀର ଆବଶ୍ୟକତା ପଡ଼ିଲା ଆଉ ସେଇଠୁ ଜନ୍ମ ନେଲା ଆମର ଦିଗନ୍ତରା । ପଞ୍ଜୀକରଣର ବର୍ଷକ ପରେ, ଆମେ ଯୋଗାଇଥିବା ଯନ୍ତ୍ରାଂଶ ବହନ କରୁଥିବା ଏକ ଉପଗ୍ରହ ମହାକାଶ ଆବର୍ଜନା ଦ୍ୱାରା କ୍ଷତିଗ୍ରସ୍ତ ହେଲା । କକ୍ଷପଥର ବିଶାଳତା ଭିତରେ ଏହା ଏକ ଛୋଟ ଘଟଣା ଥିଲା, ତଥାପି ଏହା ଆମକୁ ଏକ ବଡ଼ ଶିକ୍ଷା ଦେଇଥିଲା, ତାହା ହେଲା: ଆମ ପୃଥିବୀ ଚାରିପାଖରେ ଥିବା ମହାକାଶ ଏତେ ଦ୍ରୁତ ଗତିରେ ଭର୍ତି ହେଉଛି ଯେ ତାହା ଉପରେ କେହି ଉପରେ କେହି ନଜର ରଖିପାରୁନାହାନ୍ତି । ମନରେ ଏକ ଭାବନା ଆସିଲା ଯେ କାହାକୁ ନା କାହାକୁ ତ ଏହି ନଜର ରଖିବାକୁ ପଡ଼ିବ !

୨୦୨୦ ପ୍ରାରମ୍ଭରେ, ମୁଁ କଲେଜ ଛାଡ଼ିଲି ଏବଂ ସେହି ଚିନ୍ତାଧାରାକୁ ସମ୍ପୂର୍ଣ୍ଣ ସମୟ ଦେଇ ଆଗକୁ ବଢ଼ାଇବା ପାଇଁ ଆମେ ବେଙ୍ଗାଲୁରୁ ଚାଲିଆସିଲୁ । ଜୁନ୍ ମାସ ସୁଦ୍ଧା, ଆମର ପ୍ରସ୍ତାବକୁ ଏକାଧିକ ଥର ପରିମାର୍ଜିତ କରିବା ପରେ, ଆମେ ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ର ଇନ୍କ୍ୟୁବେସନ୍ ପ୍ରୋଗ୍ରାମରେ ସ୍ଥାନ ପାଇଲୁ । ସେହି ମାସରେ, ସରକାର ଏମିତି ନିଷ୍ପତି ନେଲେ ଯାହା ଆମର ପରବର୍ତୀ ପ୍ରତ୍ୟେକ କାର୍ଯ୍ୟକୁ ଏକ ନୂଆ ରୂପ ଦେଲା । ପାଂଚ ଦଶନ୍ଧି ଧରି, ମହାକାଶ କ୍ଷେତ୍ର କେବଳ ସରକାରଙ୍କ ଏକଚାଟିଆ ଅଧିକାରରେ ଥିଲା; ୨୦୧୪ ରେ, ଭାରତରେ ମାତ୍ର ଗୋଟିଏ ପଞ୍ଜୀକୃତ ସ୍ପେସ୍ ଷ୍ଟାର୍ଟଅପ୍ ଥିଲା । କିନ୍ତୁ ଜୁନ୍ ୨୦୨୦ ମହାମାରୀ ସମୟରେ ଏଥିରେ ହଠାତ ପରିବର୍ତନ ଆସିଲା । ଯେତେବେଳେ ସାବଧାନତା ଅବଲମ୍ବନ କରିବା ସହଜ ପରାମର୍ଶ ହୋଇଥାନ୍ତା, ସରକାର ଏହି କ୍ଷେତ୍ରକୁ ବେସରକାରୀ ଉଦ୍ୟୋଗ ପାଇଁ ଖୋଲିଦେଲେ ଏବଂ ଏହାକୁ ପ୍ରୋତ୍ସାହିତ ଓ ଅନୁମୋଦିତ କରିବା ପାଇଁ 'ଇନ୍-ସ୍ପେସ୍' (**IN-SPACE**) ସୃଷ୍ଟି କଲେ । ଏହି ସମୟରେ ହିଁ ଆମେ ସେଠାରେ ପାଦ ଥାପିଥିଲୁ ।

ତା'ପରବର୍ତୀ ବର୍ଷଗୁଡ଼ିକ, ଆମ ଦୃଷ୍ଟିକୋଣରୁ, ଏକ ଯୁବ କମ୍ପାନୀ ଏବଂ ଏକ ସଂସ୍କାରମୁଖୀ ସରକାର ମଧ୍ୟରେ କଥାବାର୍ତା ଭଳି ପ୍ରତୀତ ହେଉଥିଲା, ଯେଉଁଠାରେ ପ୍ରତ୍ୟେକ ଅନ୍ୟର ଉତର ଦେଉଥିଲେ । ୨୦୨୨ରେ, 'ଦିଗନ୍ତରା' ଓଘ-ଝଚଇଉର ଦ୍ୱାରା ଅନୁମୋଦିତ ପ୍ରଥମ ଦୁଇଟି ବେସରକାରୀ କମ୍ପାନୀ ମଧ୍ୟରୁ ଗୋଟିଏ ହେଲା, ଏବଂ ଆମର ପ୍ରଥମ ପେଲୋଡ୍ କକ୍ଷପଥରେ ପହଂଚିଲା । ସେହି ବର୍ଷ, ଓଘ-ଝଚଇଉରର ଉଦ୍ଘାଟନୀ ସମାରୋହରେ ତନଭୀର ଏବଂ ମୁଁ ପ୍ରଧାନମନ୍ତ୍ରୀଙ୍କୁ ଭେଟିଥିଲୁ, ଯିଏ ପରବର୍ତୀ ସମୟରେ 'ମନ୍ କି ବାତ୍' ରେ ଏହି ସାକ୍ଷାତକାର ବିଷୟରେ କହିଥିଲେ । ସେ ଆମକୁ ମହାକାଶରେ ଆବର୍ଜନାର ମାନଚିତ୍ର ପ୍ରସ୍ତୁତ କରିବାକୁ ଚେଷ୍ଟା କରୁଥିବା ଏକ ଷ୍ଟାର୍ଟଅପ୍ ଭାବରେ ବର୍ଣ୍ଣନା କରିଥିଲେ ଏବଂ ଦେଶକୁ କହିଥିଲେ ଯେ ସେ ଆମକୁ ଏକ ଆହ୍ୱାନ ଦେଇଛନ୍ତି: ମହାକାଶରେ ଆବର୍ଜନା ସମସ୍ୟାର ସମାଧାନ କରିପାରୁଥିବା ପ୍ରଯୁକ୍ତିବିଦ୍ୟାର ବିକାଶ କରିବା ପାଇଁ । ମାତ୍ର ଦୁଇ ବର୍ଷର ଗୋଟିଏ କମ୍ପାନୀ ବିଷୟରେ ଜଣେ ପ୍ରଧାନମନ୍ତ୍ରୀ କହିବା ଏକ ଅସାଧାରଣ କଥା ଥିଲା, ଏବଂ ଏହା ଆମ କାର୍ଯ୍ୟକୁ ଏପରି ଏକ ଦିଗ ଦେଲା ଯାହା ଆଜି ପର୍ଯ୍ୟନ୍ତ ନିରନ୍ତର ଭାବେ ଆମକୁ ଉତ୍ସାହିତ କରୁଛି । ତା'ପରେ 'ଭାରତୀୟ ମହାକାଶ ନୀତି-୨୦୨୩' ସମ୍ପୂର୍ଣ୍ଣ ମୂଲ୍ୟ ଶୃଙ୍ଖଳକୁ ବେସରକାରୀ ସଂସ୍ଥା ପାଇଁ ଖୋଲିଦେଲେ, ଏବଂ ୨୦୨୪ର ନିୟମ, ଦିଗଦର୍ଶନ ଓ ଅତ୍ୟନ୍ତ ସ୍ପଷ୍ଟତାର ସହ ନିର୍ଦ୍ଧାରଣ କଲା ଯେ ଆମ ଭଳି କମ୍ପାନୀ କିପରି ଭୂପୃଷ୍ଠରେ ଏବଂ ମହାକାଶରେ ସେନ୍ସର ପରିଚାଳନା କରିପାରିବ । ଏହିଭଳି କ୍ଷେତ୍ରର ଉଦ୍ୟୋଗ ଯାହାଙ୍କ କାମ କେବଳ ବ୍ୟବସାୟ ନୁହେଁ ବରଂ ଜାତୀୟ ସୁରକ୍ଷା ସହ ଜଡ଼ିତ, ସେମାନଙ୍କ ପାଇଁ ଏପରି ସ୍ପଷ୍ଟତା କୌଣସି ଅନୁଦାନ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା ।

ନିବେଶକମାନେ ମଧ୍ୟ ଏହି କ୍ଷେତ୍ରକୁ ନିରୀକ୍ଷଣ କରୁଥିଲେ । 'ଡିପ୍ ଟେକ୍ନୋଲୋଜି' କ୍ଷେତ୍ରରେ ଭେଂଚର କ୍ୟାପିଟାଲ୍ ସାଧାରଣତଃ ସାବଧାନତା ଅବଲମ୍ବନ କରିଥାଏ; ନିୟମ କାନୁନ୍ ସ୍ପଷ୍ଟ ନହେବା ପର୍ଯ୍ୟନ୍ତ ଏହା ସହଜରେ ଆଗକୁ ବଢ଼ିନଥାଏ । ସରକାର ନିୟମ ନିର୍ଦ୍ଧାରଣ କରିବା, ବୈଦେଶିକ ନିବେଶକୁ କୋହଳ କରିବା ଏବଂ ଏକ ସମର୍ପିତ ଭେଂଚର ଫଣ୍ଡ ମାଧ୍ୟମରେ ଏହି କ୍ଷେତ୍ର ପଛରେ ନିଜ ଅର୍ଥ ନିବେଶ କରିବା ପରେ, ନିବେଶକମାନେ ମଧ୍ୟ ଆଗେଇ ଆସିଲେ, ଏବଂ ଭାରତୀୟ ମହାକାଶ କ୍ଷେତ୍ରରେ ବେସରକାରୀ ନିବେଶ ଚାରି ବର୍ଷ ମଧ୍ୟରେ ପ୍ରାୟ ଛଅ ଗୁଣ ବୃଦ୍ଧି ପାଇଲା । ଆମର ନିଜସ୍ୱ ସମର୍ଥକମାନେ, ପ୍ରାରମ୍ଭିକ ପର୍ଯ୍ୟାୟର ଫଣ୍ଡଠାରୁ ଆରମ୍ଭ କରି ଦେଶର କିଛି ବୃହତମ ବ୍ୟବସାୟିକ ପ୍ରତିଷ୍ଠାନ ପର୍ଯ୍ୟନ୍ତ, ଦିଗନ୍ତରା ଉପରେ ବାଜି ଲଗାଉଥିଲେ; କିନ୍ତୁ ସେମାନେ ତାହା ପଛରେ ଛିଡ଼ା ହୋଇଥିବା ସରକାରଙ୍କ ସ୍ଥିରତା ଉପରେ ମଧ୍ୟ ବାଜି ଲଗାଉଥିଲେ ।

ଜାନୁଆରୀ ୨୦୨୫ରେ, ଆମେ ଭାରତର ପ୍ରଥମ ସ୍ୱଦେଶୀ ମହାକାଶ ନିରୀକ୍ଷଣ ମିଶନ 'ସ୍କଟ (ଝଉଡଞ)' ଉତକ୍ଷେପଣ କଲୁ । ପ୍ରଧାନମନ୍ତ୍ରୀ ଏହାକୁ ମହାକାଶ ସ୍ଥିତି ସମ୍ବନ୍ଧୀୟ ସଚେତନତା ପାଇଁ ଭାରତୀୟ ମହାକାଶ ଉଦ୍ୟୋଗର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ଭାବେ ଚିହ୍ନିତ କରିଥିଲେ । ଆମ ପାଇଁ, ତିନି ବର୍ଷ ପୂର୍ବେ ସେ ଦେଇଥିବା ଆହ୍ୱାନର ଏହା ପ୍ରଥମ ପୂର୍ଣ୍ଣାଙ୍ଗ ଉତର ଥିଲା । ସେତେବେଳକୁ ସମସ୍ୟା ବିଷୟରେ ଆମର ନିଜସ୍ୱ ବୁଝାମଣା ମଧ୍ୟ ଅଧିକ ଗଭୀର ହୋଇସାରିଥିଲା । ଆମେ ମହାକାଶ ପରିଚାଳକମାନଙ୍କୁ ମହାକାଶର ଏକ ମାନଚିତ୍ର ଯୋଗାଇବା ଦ୍ୱାରା କାମ ଆରମ୍ଭ କରିଥିଲୁ, ଯାହା ଦେଖାଉଥିଲା ଯେ ଆବର୍ଜନା କେଉଁଠି ଅଛି ଏବଂ ଏହା କେଉଁଆଡ଼କୁ ଗତି କରୁଛି । ଧୀରେ ଧୀରେ, ସବୁଠାରୁ ଜରୁରୀ ପ୍ରଶ୍ନ ହୋଇଗଲା ଯେ କକ୍ଷପଥରେ ଥିବା ଏକ ବସ୍ତୁ ପ୍ରକୃତରେ କ'ଣ କରୁଛି, ଏବଂ କାହିଁକି କରୁଛି ।

ମହାକାଶ ସ୍ଥିତି ସମ୍ବନ୍ଧୀୟ ସଚେତନତାରୁ ମହାକାଶ କ୍ଷେତ୍ର ସଚେତନତାକୁ 'ଦିଗନ୍ତରା'ର କ୍ରମବିକାଶ, ଏବଂ ବସ୍ତୁଗୁଡ଼ିକର କେବଳ ତାଲିକା ସୂଚୀ ପ୍ରସ୍ତୁତ କରିବାଠାରୁ ସେଗୁଡ଼ିକର ଆଚରଣ ଓ ଉଦ୍ଦେଶ୍ୟ ବୁଝିବା ପର୍ଯ୍ୟନ୍ତର ଯାତ୍ରା, ସରକାରଙ୍କ ଏହି ଆବଶ୍ୟକତାର ଅନୁଭବ ସହିତ ତାଳଦେଇ ଆଗକୁ ବଢ଼ିଥିଲା । ଭାରତ ସରକାର ଆଜି ଆମର ସବୁଠାରୁ ବଡ଼ ଗ୍ରାହକ, ଏବଂ ସ୍ୱଦେଶୀ କ୍ଷେତ୍ର ସଚେତନତା ପ୍ରତି ତାଙ୍କର ନିରନ୍ତର ସମର୍ଥନ ଆମକୁ ଏପରି ଏକ ସାର୍ବଭୌମ କ୍ଷମତା ଗଢ଼ିବାରେ ସାହାଯ୍ୟ କରିଛି, ଯାହା ବିଦେଶୀ ତଥ୍ୟ ଉପରେ ନିର୍ଭର ନକରି କକ୍ଷପଥରେ ଥିବା ଜାତୀୟ ସମ୍ପତିକୁ ସୁରକ୍ଷିତ ରଖିପାରୁଛି ।

ସେହି ବିଶ୍ୱାସ ସୁଦୂରପ୍ରସାରୀ ହୋଇପାରିଛି । ଭାରତର ଆଇନଗତ ଓ ନୀତିଗତ ଢାଂଚାର ବିଶ୍ୱସନୀୟତା ଏବଂ ବିଶ୍ୱ ଦରବାରରେ ନିଜର ଯୁବ କମ୍ପାନୀଗୁଡ଼ିକୁ ଉପସ୍ଥାପନ କରିବା ପାଇଁ ସରକାରଙ୍କ ପ୍ରସ୍ତୁତି ଆମକୁ ସିଙ୍ଗାପୁର ଓ ଥାଇଲ୍ୟାଣ୍ଡ ଭଳି ଦକ୍ଷିଣ-ପୂର୍ବ ଏସିଆର ଅଂଶୀଦାର ଦେଶଗୁଡ଼ିକୁ ନେଇଯାଇଥିଲା, ଯେତେବେଳେ କି ବୈଶ୍ୱିକ ମଂଚଗୁଡ଼ିକ ଆମ କାର୍ଯ୍ୟକୁ ୟୁରୋପୀୟ ବଜାର ସହ ପରିଚିତ କରାଇଥିଲା । ପ୍ରଧାନମନ୍ତ୍ରୀଙ୍କ ପ୍ରତିନିଧିମଣ୍ଡଳୀର ଅଂଶ ଭାବରେ ଯାତ୍ରା କରିବା ସମୟରେ ଆମେ ଶିଖିଲୁ ଯେ, ଯେତେବେଳେ ସ୍ୱୟଂ ଭାରତ ପରିଚୟ ହୋଇଥାଏ, ସେତେବେଳେ ଦ୍ୱାରଗୁଡ଼ିକ ଅଧିକ ସହଜରେ ଖୋଲିଯାଏ । ଫେବୃଆରୀ ୨୦୨୫ରେ, ଯେତେବେଳେ ସେ ୱାଶିଂଟନ୍ ଗସ୍ତ ପାଇଁ ପ୍ରସ୍ତୁତ ହେଉଥିଲେ, ଆମେ କୋଲୋରାଡୋରେ ନୂଆ ପରିଚାଳନା କେନ୍ଦ୍ର ଘୋଷଣା କରିଥିଲୁ—ଏପରି ଏକ ପଦକ୍ଷେପ ଯାହା ପାଇଁ ଅନ୍ୟଥା ବର୍ଷ ବର୍ଷ ସମୟ ଲାଗିଥାନ୍ତା ଏବଂ ଯାହା ଅନେକାଂଶରେ ତାଙ୍କ ଗସ୍ତ ଦେଇଥିବା ଆତ୍ମବିଶ୍ୱାସ ଉପରେ ଆଧାରିତ ଥିଲା ।

ଏହି ବର୍ଷ ଅଗଷ୍ଟ ମାସରେ, ଯେତେବେଳେ ଆମେ କୋଡ଼ିଏଟି ସ୍ପେସ୍ ଷ୍ଟାର୍ଟଅପ୍ର ସଂସ୍ଥାପକମାନଙ୍କ ସହ ମିଶି ପ୍ରଧାନମନ୍ତ୍ରୀଙ୍କୁ ଭେଟିଥିଲୁ ଏବଂ ଆମର ଦ୍ୱିତୀୟ ପିଢ଼ିର ଅପ୍ଟିକାଲ୍ ପେଲୋଡ୍ ଦେଖାଇଥିଲୁ, ସେ ହସି ଦେଇ ପଚାରିଥିଲେ, "ଏହା ମୋ ପାଇଁ କି?" ଏହା ଏକ ହାଲୁକା ମନ୍ତବ୍ୟ ଥିଲା ଯାହା ଏକ ଗମ୍ଭୀର ଆଶ୍ୱାସନା ବହନ କରୁଥିଲା, ଯାହାକୁ ସେ ଶୀଘ୍ର ସ୍ପଷ୍ଟ ମଧ୍ୟ କରିଥିଲେ: ସରକାର ଶିଳ୍ପ ସହିତ ଛିଡ଼ା ହେବା ଜାରି ରଖିବେ, ଏବଂ ଭାରତ ମହାକାଶ କ୍ଷେତ୍ରରେ ବିଶ୍ୱକୁ ଏପରି ଏକ ମଡେଲ୍ ଦେଇପାରିବ ଯାହା ଉଭୟ ନବସୃଜନଶୀଳ ଏବଂ ବ୍ୟବସାୟିକ ଦୃଷ୍ଟିକୋଣରୁ ସଫଳ ହେବ ।

ଆଧୁନିକ ସଂଘର୍ଷଗୁଡ଼ିକ ଏବେ ସେହି କଥାକୁ ସ୍ପଷ୍ଟ କରିଦେଇଛି, ଯାହା ରଣନୀତିକାରମାନେ ଦୀର୍ଘ ଦିନରୁ ସନ୍ଦେହ କରୁଥିଲେ । ତାହା ହେଲା: କୌଣସି ପ୍ରତିଯୋଗିତାର ଫଳାଫଳ ଆନୁଷ୍ଠାନିକ ଭାବେ ଆରମ୍ଭ ହେବା ପୂର୍ବରୁ ହିଁ ନିର୍ଦ୍ଧାରିତ ହୋଇସାରିଥାଏ—ସେହି ବ୍ୟକ୍ତି ବା ଦେଶ ଦ୍ୱାରା, ଯିଏ ପ୍ରଥମେ ଦେଖିପାରେ ଏବଂ ସବୁଠାରୁ ଭଲ ବୁଝିପାରେ । ମହାକାଶକୁ ଆଜି ଅଧିକରୁ ଅଧିକ ଭାବେ ଏକ 'ପ୍ରାକ୍-ସଂଘର୍ଷ କ୍ଷେତ୍ର' ଭାବେ ବିଚାର କରାଯାଉଛି, ଯେଉଁ ଅଂଚଳରେ କୌଣସି ଗୁଳି ଫୁଟିବା ପୂର୍ବରୁ ହିଁ ଅଗ୍ରଗତି ବା ଆଧିପତ୍ୟ କାଏମ ହୋଇଥାଏ । ଭାରତ ଏହାକୁ ଅନୁଭବ କରିଛି, ଏବଂ ବିଶ୍ୱର ପ୍ରମୁଖ ମହାକାଶ ଶକ୍ତିଗୁଡ଼ିକ ସହ ସମକକ୍ଷ ହୋଇ ଛିଡ଼ା ହେବା ପାଇଁ ସରକାର ଆବଶ୍ୟକୀୟ ପଦକ୍ଷେପ ନେଉଛନ୍ତି । ସେହି ସଂକଳ୍ପର ସବୁଠାରୁ ସ୍ପଷ୍ଟ ଅଭିବ୍ୟକ୍ତି ୨୦୨୫ର ପ୍ରଧାନମନ୍ତ୍ରୀଙ୍କ ସ୍ୱାଧୀନତା ଦିବସ ଅଭିଭାଷଣରେ ଆସିଥିଲା, ଯେତେବେଳେ ସେ 'ମିଶନ୍ ସୁଦର୍ଶନ ଚକ୍ର' ଘୋଷଣା କରିଥିଲେ—ଏକ ବହୁ-ସ୍ତରୀୟ ସୁରକ୍ଷା କବଚ, ଯାହାର ଉଦ୍ଦେଶ୍ୟ କେବଳ ଦେଶର ସାମରିକ ପ୍ରତିଷ୍ଠାନ ନୁହେଁ, ବରଂ ଏହାର ସାଧାରଣ ଭିତିଭୂମି ଏବଂ ନାଗରିକମାନଙ୍କୁ ସୁରକ୍ଷିତ ରଖିବା । ଏଭଳି ବୃହତ୍ ଆକାଂକ୍ଷାର ସୁରକ୍ଷା କବଚ କେବଳ ସେତିକି ଶକ୍ତିଶାଳୀ ହୋଇପାରିବ, ଯେତିକି ତା'ର ଦେଖିବାର କ୍ଷମତା ଥିବ: ଅର୍ଥାତ୍ କୌଣସି ବିପଦ ପହଂଚିବା ପୂର୍ବରୁ ତାହାକୁ ଚିହ୍ନଟ କରିବା, ତା'ର ଗତିବିଧିକୁ ଟ୍ରାକ୍ କରିବା ଏବଂ ବୁଝିବା । ଭାରତ ନିର୍ମାଣ କରୁଥିବା ବୃହତର ସୁରକ୍ଷା ଢାଂଚାର କେନ୍ଦ୍ରବିନ୍ଦୁରେ ମହାକାଶ ରହିଛି, ଯାହା ସ୍ଥଳ, ଜଳ, ଆକାଶ ଏବଂ ସାଇବର ସ୍ପେସ୍ ସହିତ ଏକତ୍ରିତ ହୋଇ ଏକ ଏକକ ସମନ୍ୱିତ ନେଟୱର୍କ ରୂପେ ଗଢ଼ିଉଠିଛି । ଏହି ନେଟୱର୍କର ଗୋଟିଏ ମାତ୍ର ଉଦ୍ଦେଶ୍ୟ: ଦେଶର ସୁରକ୍ଷା ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ସେବାରେ ପଚିଶ ବର୍ଷ ପୂରଣ କରୁଥିବାବେଳେ, ସେ ସଂସ୍କାର ଆଣିଥିବା ଅନୁଷ୍ଠାନ ଏବଂ ନିର୍ମାଣ କରିଥିବା ଭିତିଭୂମି ବିଷୟରେ ଅନେକ କିଛି ଲେଖାଯିବ । ଆମର ହେଉଛି ସେହି ପିଢ଼ି, ଯାହା ଏହି ପଚିଶ ବର୍ଷ ମଧ୍ୟରେ ବୟସ୍କ ହୋଇଛି । ଆମେ ଯାହା ଉତରାଧିକାର ସୂତ୍ରରେ ପାଇଛୁ, ତାହା ଭିତିଭୂମି ତୁଳନାରେ କମ୍ ଦୃଶ୍ୟମାନ କିନ୍ତୁ ଅଧିକ ସ୍ଥାୟୀ: ଏପରି ଏକ ଦେଶ ଯେଉଁଠାରେ, ଏହି ବର୍ଷ ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀ ଲକ୍ଷ୍ୟ କରିଥିବା ଭଳି, ସଙ୍କଟରୁ ଆସି ମୁଖ୍ୟସ୍ରୋତରେ ପରିଣତ ହୋଇଛି । କୌଣସି ସରକାରୀ ନିର୍ଦ୍ଦେଶନାମା ଏପରି ପରିବର୍ତନ ଆଣିପାରିବ ନାହିଁ । ଏହା କେବଳ ସେତେବେଳେ ସମ୍ଭବ ହୁଏ, ଯେତେବେଳେ ଜଣେ ନେତା ଯୁବପିଢ଼ିକୁ ବାରମ୍ବାର କହନ୍ତି ଯେ ସେମାନଙ୍କ ଆକାଂକ୍ଷା ହିଁ ଦେଶର ଆକାଂକ୍ଷା, ଏବଂ ତାହା ପ୍ରମାଣିତ କରିବା ପାଇଁ ଅନୁଷ୍ଠାନଗୁଡ଼ିକର ନିର୍ମାଣ କରନ୍ତି ।

ଗୋଟିଏ ଦେଶର ଯୁବପିଢ଼ି କେବଳ ସେତିକି ଦୂର ସାହସ କରିପାରିବେ, ଯେତିକି ସେମାନଙ୍କ ନେତୃତ୍ୱ ସେମାନଙ୍କ ଉପରେ ବିଶ୍ୱାସ ରଖନ୍ତି । ଭାରତର ଯୁବ ସଂସ୍ଥାପକମାନଙ୍କ ଉପରେ ବିଶ୍ୱାସ ପ୍ରକଟ କରାଯାଇଛି, ଏବଂ ଆମ ମଧ୍ୟରୁ ଅନେକ ଏବେ ଏପରି ଜିନିଷ ନିର୍ମାଣ କରୁଛୁ ଯାହା ଦେଶକୁ ଦିନେ ବିଦେଶରୁ କିଣିବାକୁ ପଡୁଥିଲା । 'ଦିଗନ୍ତରା'ର ଉଦ୍ଦେଶ୍ୟ ହେଉଛି ତାକୁ ମିଳିଥିବା ବିଶ୍ୱାସକୁ ସେହି ମୂଲ୍ୟରେ ଫେରାଇବା । ରାଷ୍ଟ୍ର ସେବାରେ ନିୟୋଜିତ କ୍ଷମତା, ଯାହା ଭାରତରେ ନିର୍ମିତ ହୋଇଛି ଏବଂ ବିଶ୍ୱକୁ ଅର୍ପଣ କରିବାକୁ ଆମକୁ ଯେମିତି ଆହ୍ୱାନ ଦିଆଯାଇଥିଲା,ତାହାକୁ ସେହିପରି ସମଗ୍ର ବିଶ୍ୱ ପାଇଁ ଅର୍ପଣ କରିବା ।

ଉତ୍ସ:

1. Strengthening India's Space Sovereignty
2. INDIA'S SPACE ODYSSEY
3. PM's address in the 90th Episode of 'Mann Ki Baat'
4. Atmanirbhar Bharat: The Foundation of a Strong and Developed India
5. India's Digantara establishes US operations for Space intel ahead of PM Modi's visit
6. PM lauds Indian space startup Digantara at the success of Mission SCOT

**(ଲେଖକଦ୍ୱୟ ଦିଗନ୍ତରାର ସଂସ୍ଥାପକ, ଯିଏ ନିଜ କୈଶୋର ଅବସ୍ଥାରୁ ଏହି କମ୍ପାନୀକୁ ଗଢ଼ି ଆଜି ଏକ ବୈଶ୍ୱିକ ମହାକାଶ ଗୁଇନ୍ଦା ଓ ପ୍ରତିରକ୍ଷା କମ୍ପାନୀରେ ପରିଣତ କରିଛନ୍ତି ।)**

# ଏସଆଇଆରରେ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟର ଓ ଯୁବ ଭୋଟରଙ୍କୁ ତାଲିକାରେ ସାମିଲ ପାଇଁ ସୁଯୋଗ

ମାଲକାନଗିରି : (ହି.ସ.) - ଓଡ଼ିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ପରିପ୍ରେକ୍ଷୀରେ ଭୋଟର ତାଲିକାକୁ ଅଧିକ ସଠିକ, ସ୍ୱଚ୍ଛ ଓ ଅଦ୍ୟତନ କରିବା ଉଦ୍ଦେଶ୍ୟରେ ଆସନ୍ତାକାଲି ଠାରୁ ଜିଲ୍ଲାରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ । ଅକ୍ଟୋବର ୭, ୮ ଓ ୯ ତାରିଖରେ ଏହି ସ୍ୱତନ୍ତ୍ର ଅଭିଯାନ ଜିଲ୍ଲାବ୍ୟାପୀ ଅନୁଷ୍ଠିତ ହେବ । ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଏସଆଇଆର ପ୍ରକ୍ରିୟାରେ କୌଣସି କାରଣରୁ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରମାନଙ୍କୁ ପୁନଃ ଭୋଟର ତାଲିକାରେ ସାମିଲ କରିବା ଏବଂ ନୂତନ ଭାବେ ଯୋଗ୍ୟ ହୋଇଥିବା ଯୁବ ଭୋଟରମାନଙ୍କୁ ତାଲିକାରେ ସାମିଲ କରିବା । ଯେଉଁ ଯୁବକ-ଯୁବତୀମାନେ ୦୧.୧୦.୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଛନ୍ତି, ସେମାନେ ଭୋଟର ତାଲିକାରେ ନିଜ ନାମ ସାମିଲ କରିବା ପାଇଁ ଆବେଦନ କରିପାରିବେ । ଯୋଗ୍ୟ ଯୁବ ଭୋଟରମାନେ ଫର୍ମ-୬ ମାଧ୍ୟମରେ ନାମ ପଞ୍ଜୀକରଣ ପାଇଁ ନିଜ ବୁଥ ସ୍ତରୀୟ ଅଧିକାରୀଙ୍କ ନିକଟରେ ଆବେଦନ କରିପାରିବେ । ଏଥିସହିତ, ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ପ୍ରକ୍ରିୟା ସମୟରେ ଯେଉଁ ଯୋଗ୍ୟ ଭୋଟରମାନଙ୍କ ନାମ କୌଣସି କାରଣରୁ ଚୂଡ଼ାନ୍ତ ଭୋଟର ତାଲିକାରେ ସାମିଲ ହୋଇପାରିନାହିଁ, ସେମାନେ ମଧ୍ୟ ଏହି ସ୍ୱତନ୍ତ୍ର ଅଭିଯାନ ସମୟରେ ନିଜ ନାମ ଯୋଡ଼ିବା ପାଇଁ ଆବେଦନ କରିପାରିବେ । ଭୋଟର ତାଲିକାକୁ ଅଧିକ ନିର୍ଭୁଲ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ଚିହ୍ନଟ ହୋଇଥିବା ମୃତ, ସ୍ଥାନାନ୍ତରିତ, ଅନୁପସ୍ଥିତ ଓ ଦୋହରା ଭୋଟରମାନଙ୍କ ସମ୍ପର୍କିତ ତାଲିକା ସମ୍ପୃକ୍ତ ଜିଲ୍ଲା ଏବଂ ସିଇଓ ଓଡ଼ିଶା ଙ୍କ ୱେବସାଇଟରେ ଉପଲବ୍ଧ କରାଯିବ ।ଏହି ତାଲିକା ସମ୍ପର୍କରେ ଆବଶ୍ୟକ ଯାଂଚ କରିବା ଓ ଯଦି କୌଣସି ଯୋଗ୍ୟ ଭୋଟରଙ୍କ ନାମ ଭୁଲବଶତଃ ଏଥିରେ ବାଦ୍ ପଡିଥାଏ ତେବେ ତାହା ସମ୍ପର୍କରେ ଦାବି ଓ ଆପତି ଦାଖଲ କରିବା ପାଇଁ ସୁଯୋଗ ରହିବ । ସ୍ୱଚ୍ଛ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତି ପାଇଁ ମୃତ, ସ୍ଥାନାନ୍ତରିତ, ଅନୁପସ୍ଥିତ ଓ ଦୋହରା ଭୋଟରଙ୍କ ସମ୍ପର୍କିତ ତାଲିକା ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ମଧ୍ୟ ପ୍ରଦାନ କରାଯିବ । ରାଜନୈତିକ ଦଳର ପ୍ରତିନିଧିମାନେ ତାଲିକାକୁ ଯାଂଚ କରି ଆବଶ୍ୟକ ଦାବି ଓ ଆପତି ଦାଖଲ କରିପାରିବେ । ଏହା ମାଧ୍ୟମରେ ଭୋଟର ତାଲିକାରେ ଯୋଗ୍ୟ ବ୍ୟକ୍ତିଙ୍କ ନାମ ସୁନିଶ୍ଚିତ କରିବା ସହ ଅଯୋଗ୍ୟ କିମ୍ବା ଅସଙ୍ଗତ ଏଂଟି ଚିହ୍ନଟ ଓ ସଂଶୋଧନ କରିବାରେ ସହାୟତା ମିଳିବ । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶାନୁଯାୟୀ, ଜିଲ୍ଲାସ୍ତରରେ ସମସ୍ତ ବୁଥସ୍ତରୀୟ ଅଧିକାରୀ ଙ୍କୁ ବାଦ୍ ପଡିଥିବା ଯୋଗ୍ୟ ଭୋଟର ଓ ଯୁବ ଭୋଟରମାନଙ୍କୁ ଭୋଟର ତାଲିକାରେ ସାମିଲ କରିବା ସମ୍ପର୍କରେ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବି ଏଲ ଓ ମାନଙ୍କୁ ନିଜ ନିଜ ଅଧୀନସ୍ଥ ଅଂଚଳରେ ଭୋଟର ତାଲିକାରେ ବାଦ୍ ପଡିଥିବା ଯୋଗ୍ୟ ଭୋଟର ନାମ ଓ ନୂତନ ଯୁବ ଭୋଟର ଙ୍କ ନାମ ପଞ୍ଜୀକରଣ ପ୍ରକ୍ରିୟାକୁ ସୁଗମ କରିବା ନିମନ୍ତେ ଆବଶ୍ୟକ ସହଯୋଗ ଓ ମାର୍ଗଦର୍ଶନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ନାମ ଯୋଡ଼ିବାକୁ ଇଚ୍ଛୁକ ଯୋଗ୍ୟ ଭୋଟରମାନେ ନିଜ ନିଜ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ଙ୍କ ସହ ଯୋଗାଯୋଗ କରି ଆବେଦନ ପ୍ରକ୍ରିୟା ସମ୍ପର୍କରେ ସହାୟତା ନେଇପାରିବେ । ବୁଥ ସ୍ତରୀୟ ଅଧିକାରୀମାନେ ଯୋଗ୍ୟ ଭୋଟରଙ୍କୁ ଆବେଦନ ଦାଖଲ ପ୍ରକ୍ରିୟା ସମ୍ପର୍କରେ ଆବଶ୍ୟକ ସହଯୋଗ ପ୍ରଦାନ କରିବେ । ତେଣୁ, ସ୍ୱତନ୍ତ୍ର ସଘନ ସଂଶୋଧନ- ୨୦୨୬ରେ ନାମ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟର, ନୂତନ ଭାବେ ଯୋଗ୍ୟ ହୋଇଥିବା ଯୁବ ଭୋଟର ଏବଂ ଭୋଟର ତାଲିକାରେ ନିଜ ନାମ ସାମିଲ କରିବାକୁ ଯୋଗ୍ୟ ସମସ୍ତ ବ୍ୟକ୍ତି ଅକ୍ଟୋବର ୭, ୮ ଓ ୯ ତାରିଖରେ ଆୟୋଜିତ ସ୍ୱତନ୍ତ୍ର ଅଭିଯାନର ସୁଯୋଗ ନେଇ ଫର୍ମ-୬ ମାଧ୍ୟମରେ ଆବେଦନ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଅନୁରୋଧ କରାଯାଇଛି । ଏହି ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ଜିଲ୍ଲାରେ ଏକ ସ୍ୱଚ୍ଛ, ନିର୍ଭୁଲ, ସମାବେଶୀ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟ ରହିଛି ।

# ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ପାଳିତ

କନ୍ଧମାଳ: (ହି.ସ.) ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ପାଳନ ଅବସରରେ ଫୁଲବାଣୀର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ନିପିଡିତ ଦ୍ୱାରା ଅକ୍ଟୋବର ୫ ତାରିଖରେ ଏହାର ଅଫିସ ପରିସରରେ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ଉତ୍ସାହ ଓ ଗମ୍ଭୀରତାର ସହିତ ପାଳନ କରାଯାଇଛି । କାର୍ଯ୍ୟକ୍ରମରେ ମସ୍ତିଷ୍କ ପକ୍ଷାଘାତ (ସେରିବ୍ରାଲ୍ ପାଲସି) ଥିବା ବ୍ୟକ୍ତି ଓ ଶିଶୁମାନଙ୍କର ଅଧିକାର, ସ୍ୱାସ୍ଥ୍ୟସେବା, ଶିକ୍ଷା, ପୁନର୍ବାସନ, ରୋଜଗାର ଏବଂ ସାମାଜିକ ଅନ୍ତର୍ଭୁକ୍ତି ଉପରେ ଆଲୋଚନା କରାଯାଇଥିଲା । ମସ୍ତିଷ୍କ ପକ୍ଷାଘାତ ସମ୍ପର୍କରେ ସମାଜରେ ରହିଥିବା ଭ୍ରାନ୍ତ ଧାରଣା ଓ ଅବହେଳା ଦୂର କରିବା ସହିତ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ସମାନ ସୁଯୋଗ ଓ ସମ୍ମାନ ଦେବା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା । ଏହି ଅବସରରେ ନିପିଡିତର ସମ୍ପାଦକ ଶ୍ରୀ ରାମଚନ୍ଦ୍ର ଦାଶ, ସ୍ୱାତି ଅନୁଷ୍ଠାନର ସଂଯୋଜକ ଶ୍ରୀ ଗିରିଶ ଚନ୍ଦ୍ର ସାମଲ ଓ ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ଶ୍ରୀ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ କହିଥିଲେ ଯେ, ମସ୍ତିଷ୍କ ପକ୍ଷାଘାତ ଥିବା ଶିଶୁ ଓ ବ୍ୟକ୍ତିମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ପରିବାର, ସମାଜ, ସରକାର ଓ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକର ସମନ୍ୱିତ ପ୍ରୟାସ ଆବଶ୍ୟକ । ଏହି କାର୍ଯ୍ୟକ୍ରମରେ ସର୍ବାଗୁଣ ଏଥାରସି ଅନୁଷ୍ଠାନ ଫିଜିଓଥେ ପିଷ୍ଟ ଶ୍ରୀ ଜଳେଶ୍ୱର ବାଗ, ନିପିଡିତ ଅନୁଷ୍ଠାନର ସଂଯୋଜକ ଶ୍ରୀ ପ୍ରମୋଦ କୁମାର ନାୟକ, ସ୍ୱତନ୍ତ୍ର ଶିକ୍ଷକ ଶ୍ରୀ ଦୀପକ କୁମାର ନାୟକ ଓ ଦିପ୍ତିମୟୀ ପରିଡା, ଫିଜିଓଥେ ପିଷ୍ଟ ଶ୍ରୀ ବି ଆର.ଶିବନ ସୌରଭ, ଶ୍ରୀ ଆୟୁଷ ପାଢୀ ଓ ଶ୍ରୀ ଗୋବିନ୍ଦ ସୋରେନ ନିଜର ବକ୍ତବ୍ୟ ରଖିଥିଲେ ।

## ଶାରଦୀୟ ପାର୍ବଣ ଉତ୍ସବ ପାଇଁ ସିସିଟିଭି ନଜରରେ ବୁର୍ଲା ସହର

ସମ୍ବଲପୁର: (ହି.ସ.) ଚଳିତ ଦଶହରା ଶାରଦୀୟ ପୂଜା ଉତ୍ସବ ଅବସରରେ ସମ୍ବଲପୁର ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସତର୍କତା ଓ ସୁରକ୍ଷା ବ୍ୟବସ୍ଥା ହାତକୁ ନିଆଯାଇଛି । ସମ୍ବଲପୁର ସହର ଭଳି ସମଗ୍ର ବୁର୍ଲା ସହରକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ବିଭିନ୍ନ ଗଳିକନ୍ଦି, ପ୍ରମୁଖ ଛକ ସ୍ଥାନ ଗୁଡିକରେ ପୋଲିସ ପ୍ରଶାସନ ପକ୍ଷରୁ ସିସିଟିଭି କ୍ୟାମେରା ଲଗାଯାଇ ଚଳାଚଳ କରୁଥିବା ପ୍ରତ୍ୟେକ ଯାନବାହାନ ଓ ବ୍ୟକ୍ତି ବିଶେଷଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଉଛି । ପ୍ରାୟ ୬୦ ରୁ ଊର୍ଦ୍ଧ୍ୱ ସିସିଟିଭି କ୍ୟାମେରା ଲଗାଯାଇଛି । ଶାରଦୀୟ ପୂଜା ଉତ୍ସବ ସମୟରେ ବୁର୍ଲା ସହରର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଏସଡିପିଓ ବାଲେଶ୍ୱର ଗିଡ୍ଡ୍ ସୂଚନା ଦେଇ କହିଛନ୍ତି ସହରର ପ୍ରବେଶ ପଥ, ପ୍ରସ୍ଥାନ ପଥ ସମେତ ସହରର ସମସ୍ତ ସମ୍ବେଦନଶୀଳ ଅଂଚଳ ଗୁଡିକ ଉପରେ ସିସିଟିଭି କ୍ୟାମେରା ଦ୍ୱାରା ପୋଲିସ ତୀକ୍ଷ୍ଣ ନଜର ରଖୁଛି । ପୂଜା ପାର୍ବଣ ସମୟରେ ଯେପରି କୌଣସି ସ୍ଥାନରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନହୁଏ ସେଥିପାଇଁ ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣ ସତର୍କ ଓ ସଜାଗ ରହିଛି ।

# ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିନ ପାଳନ ଅବସରରେ ସେବା ସଙ୍କଳ୍ପ ଅଭିଯାନ

ସମ୍ବଲପୁର : (ହି.ସ.) - ଅକ୍ଟୋବର ୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ପାଳନ ଅବସରରେ ସମ୍ବଲପୁରରେ ସ୍ୱତନ୍ତ୍ର ସେବା ଜ୍ୟୋତି କଳସ ଯାତ୍ରା କାର୍ଯ୍ୟକ୍ରମ ହେବାକୁ ଯାଉଛି । ସମ୍ବଲପୁର ଜିଲ୍ଲା ବିଜେପି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ସମ୍ମୁଖ ପଡ଼ିଆରେ ପୂର୍ବାହ୍ନ ୯ ଟା ବେଳେ ଆରମ୍ଭ ହେବ । ଏହି ଅବସରରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ସକାଳ ସାଢ଼େ ୯ଟା ବେଳେ ଓ ପ୍ରଧନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୂର୍ବାହ୍ନ ୧୦ ଟା ବେଳେ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀନ ଜୀବନ ଓ ଜନସେବାର ସଫଳ ୨୫ ବର୍ଷ ପୂର୍ତି ଅବସରରେ ଆସନ୍ତା ଅକ୍ଟୋବର ୭ ତାରିଖ ଦିନ ଦେଶବ୍ୟାପୀ 'ବିକଶିତ ଭାରତ ସଂକଳ୍ପ ସଭା' ତଥା ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ସେବା, ସମର୍ପଣ ଓ ସଂକଳ୍ପର ବାର୍ତାକୁ ଘରେ ଘରେ ପହଂଚାଇବା ପାଇଁ ସମ୍ବଲପୁରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହେବାକୁ ଯାଉଛି ବୋଲି ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେରଙ୍କ ଠାରୁ ପ୍ରକାଶ । ପୂର୍ବାହ୍ନ ୧୦ଟା ବେଳେ ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦେଶର ୭୫୦ଟି ଜିଲ୍ଲା ଏବଂ ରାଜ୍ୟ ମୁଖ୍ୟାଳୟରେ ଉପସ୍ଥିତ ସମବେତ ଜନତାଙ୍କୁ ସିଧାସଳଖ ସମ୍ବୋଧିତ କରିବେ ଏହି ଅବସରରେ ପ୍ରତ୍ୟେକ ଜିଲ୍ଲାର ବିଭିନ୍ନ ସ୍ଥାନରୁ ବାହାରିବ 'ସେବା ଜ୍ୟୋତି ଯାତ୍ରା' । ପ୍ରତ୍ୟେକ ଜିଲ୍ଲା ସଦର ମହକୁମାରେ 'ସେବା ଜ୍ୟୋତି ଛକ' ଚିହ୍ନଟ କରାଯାଇ 'ବିକଶିତ ଭାରତ ସଂକଳ୍ପ ପ୍ରତୀକାତ୍ମକ ସ୍ଥାପନା କରାଯିବ । ବିକଶିତ ଭାରତ ୨୦୪୭' ପାଇଁ ସାମୂହିକ ସଂକଳ୍ପ ଗ୍ରହଣ କରାଯିବା ସହ ସାମୂହିକ 'ବନ୍ଦେ ମାତରମ୍' ଗାନ କରାଯିବ । ମୋଦିଜୀ ଜଣେ ପ୍ରଜାସେବକ ଓ ଜନସେବକ ଭାବେ ସାର୍ବଜନୀନ ଜୀବନ ଓ ଶାସନରେ ୨୫ ବର୍ଷ ସଫଳତାର ସହ ପୁରଣ କରିବେ । ତେଣୁ ଦିନସାରା ଦେଶବ୍ୟାପୀ 'ସେବା ଜ୍ୟୋତି ଯାତ୍ରା' ଓ 'ବିକଶିତ ଭାରତ ସଂକଳ୍ପ ସଭା' ଆୟୋଜିତ ହେବାକୁ ଯାଉଛି । ଗରିବ, କୃଷକ, ମହିଳା ଓ ଯୁବବର୍ଗଙ୍କ ସଶକ୍ତୀକରଣ ସହ ଜଡିତ ଏହି ୨୫ ବର୍ଷର ନିରନ୍ତର ସେବା, ସୁଶାସନ, ଗରିବକଲ୍ୟାଣ ଓ ବିକାଶ ଗାଥାକୁ ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତି ପାଖରେ ପହଂଚାଇବା ମୋଦୀ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ସମ୍ବଲପୁର ବିଜେପି ଜିଲ୍ଲା ସଭାପତି ରାମ ଚନ୍ଦ୍ର ମେହେର କହିଛନ୍ତି । ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ସମ୍ମୁଖ ପଡ଼ିଆରେ ହେବାକୁ ଥିବା କାର୍ଯ୍ୟକ୍ରମ ସ୍ଥଳରୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଜିଲ୍ଲା ସଭାପତି ଶ୍ରୀ ମେହେର । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଜନ୍ମଦିନ ଗତ ସେପ୍ଟେମ୍ବର ୧୭ରୁ ଆରମ୍ଭ ହୋଇଥିବା ମାସ ବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତ ଦେଶବ୍ୟାପୀ ସେବା ଜ୍ୟୋତି ଯାତ୍ରା କାର୍ଯ୍ୟକ୍ରମ ଅକ୍ଟୋବର ୭ ତାରିଖ ଦିନ ଆରମ୍ଭ ହେବ । ଓଡିଶାରେ ରାଜଧାନୀ ଭୁବନେଶ୍ୱର ସମେତ ସମସ୍ତ ୩୦ଟି ଜିଲ୍ଲାରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରଭାରୀ ମନ୍ତ୍ରୀଙ୍କ ସହ ସ୍ଥାନୀୟ ଜନପ୍ରତିନିଧି ଏବଂ ଅତିଥିମାନେ ଯୋଗଦେବେ । ପ୍ରତ୍ୟେକ ଜିଲ୍ଲା ସଦର ମହକୁମାରେ 'ସେବା ଜ୍ୟୋତି ଛକ' ଚିହ୍ନଟ କରାଯାଇ 'ବିକଶିତ ଭାରତ ସଂକଳ୍ପ ପ୍ରତୀକାତ୍ମକ ସ୍ଥାପନା କରାଯିବ । ଏହି ଅବସରରେ ଜିଲ୍ଲାର ସମସ୍ତ ବ୍ଲକ, ଗ୍ରାମ, ୱାର୍ଡ ଓ ମଣ୍ଡଳରୁ 'ସେବା ଜ୍ୟୋତି ଯାତ୍ରା' ବାହାରି ସେବା ଜ୍ୟୋତି ଛକଠାରେ ଏକତ୍ରିତ ହେବ । 'ବିକଶିତ ଭାରତ ୨୦୪୭' ପାଇଁ ସାମୂହିକ ସଂକଳ୍ପ ଗ୍ରହଣ କରାଯିବା ସହ ସାମୂହିକ 'ବନ୍ଦେ ମାତରମ୍' ଗାନ କରାଯିବ । ସେବା, ସମର୍ପଣ ଓ ସଂକଳ୍ପର ଏହି ଅଭିଯାନକୁ ଘରେ ଘରେ ପହଂଚାଇବା ସଂକଳ୍ପ ନେବା ଏବଂ ୨୦୪୭ ସୁଦ୍ଧା ଭାରତକୁ ଏକ ସମୃଦ୍ଧ ଓ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ସମାଜର ସବୁ ବର୍ଗର ଲୋକଙ୍କୁ ବିକଶିତ ଭାରତର ଏହି ମହାଯଜ୍ଞରେ ଆମେ ସମସ୍ତେ ନିଜ ନିଜର ଯୋଗଦାନ ଦେବାକୁ ଜିଲ୍ଲା ସଭାପତି ଶ୍ରୀ ମେହେର ଆହ୍ୱାନ ଜଣାଇଛନ୍ତି । କାର୍ଯ୍ୟକ୍ରମ ପ୍ରସ୍ତୁତି ସ୍ଥଳରେ ସାମ୍ବାଦିକ ଙ୍କୁ ସୂଚନା ଦେବା ସମୟରେ ପୂର୍ବତନ ରେଙ୍ଗାଲି ବିଧାୟକ ନାଉରି ନାଏକ, ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି, ଜିଲ୍ଲା ସାଧାରଣ ସମ୍ପାଦକ ସମୀର ରଞ୍ଜନ ବାବୁ, ଜିଲ୍ଲା ଅଳ୍ପ ସଂଖ୍ୟକ ମୋର୍ଚ୍ଚା ସଭାପତି ଗୁରଦୀପ ସିଂ ପ୍ରମୁଖ ଉପସ୍ଥିତ ଥିଲେ

# ଆଳୁଚାଷୀଙ୍କୁ ମିଳୁ ନାହିଁ ବିହନ

ଜୟପୁର : (ହି.ସ.) - ଆଳୁଚାଷୀଙ୍କୁ ମିଳୁନାହିଁ ଉପଯୁକ୍ତ ବିହନ । ଆଳୁ ଚାଷ ପାଇଁ କୋରାପୁଟ ଜିଲ୍ଲାର ଜଳବାୟୁ ଏବଂ ମାଟି ଅନୁକୂଳ କିନ୍ତୁ ବିହନ ମେଳୁ ନଥବାରୁ ଚାଷିମାନେ ଆଳୁ ଚାଷ କରିବାକୁ ମୁହଁ ଫେରାଉ ଥିବା ଲକ୍ଷ୍ୟ କରାଯାଇଛି । ଉଭୟ ଖରିଫ ଏବଂ ରବି ଋତୁରେ ଚାଷ ପାଇଁ ପରିବେଶ ସୁହାଉଛି । ଚାହିଦା ସତ୍ତ୍ୱେ କୋରାପୁଟ ଜିଲ୍ଲାରେ ଆଳୁ ଚାଷ ହୋଇପାରୁ ନାହିଁ । ଏଠାରେ ପ୍ରଚୁର ପରିମାଣରେ ଆଳୁ ଚାଷ ହୋଇଥିଲେ ଜିଲା ବାସୀ ଉପକୃତ ହୋଇ ପାରିଥାନ୍ତେ । କିନ୍ତୁ ଏଠାରେ ଉତ୍ପନ୍ନ ନହେବାରୁ ବାହାର ରାଜ୍ୟର ଆଳୁକୁ ଚଢା ଦରରେ କ୍ରୟ କରିଛନ୍ତି । ଚାଷ ପରିମାଣ କମିବାରେ ଲାଗିଛି । ହ୍ରାସ ପାଇବା ପଛରେ ପ୍ରମୁଖ କାରଣ ଚାଷୀଙ୍କୁ ଆବଶ୍ୟକତା ଅନୁସାୟରେ ସହାୟତା ମିଳୁନଥିବା ସହ ବିହନ ମଧ୍ୟ ମେଳୁ ନଥିବା କୁହାଯାଉଛି । କୋରାପୁଟରେ ଖରିଫ ଆଳୁ ଅକ୍ଟୋବର ଦ୍ୱିତୀୟ ସପ୍ତାହରୁ ଅମଳ ହୋଇଥାଏ । ଏହି ସମୟରେ ଛଟ୍ ପୂଜା ହେଉଥିବାରୁ ଛତିଶଗଡ଼, ଝାଡ଼ଖଣ୍ଡ, ଉତରପ୍ରଦେଶ, ମଧ୍ୟପ୍ରଦେଶ, ବିହାର ଆଦି ରାଜ୍ୟରେ ନୂଆ ଆଳୁ ବ୍ୟବହାର କରିବାର ପରମ୍ପରା ରହିଛି । ତେଣୁ କୋରାପୁଟ ଆଳୁର ଚାହିଦା ବଢ଼ିଯାଏ । ରାଜ୍ୟ ବାହାର ବ୍ୟବସାୟୀ ଭଲ ଆଳୁ ବାଛିବା ପରେ ଭଲ ଦର ଦେଇ ଏଠାରୁ କିଣି ନେଉଛନ୍ତି । କିନ୍ତୁ ଚାଷୀଙ୍କ ଉପରେ ଏହାର କୌଣସି ଫରକ ପଡୁନଥିବାରୁ ଚାଷ ପରିମାଣ କମିବାରେ ଲାଗିଛି । ଗତବର୍ଷ କେବଳ ଉଦ୍ୟାନକୃଷି ବିଭାଗ ୩୧୫୦ ହେକ୍ଟର ଜମିରେ ଆଳୁ ଚାଷ କରିଥିଲା । ଚଳିତବର୍ଷ ଉଦ୍ୟାନ ବିଭାଗ ମାତ୍ର ୧୯୫୦ ହେକ୍ଟର ଜମିରେ ଚାଷ କରିଛି । ବିଭାଗ ପକ୍ଷରୁ କୋରାପୁଟ ବ୍ଲକରେ ୨୦୦ ହେକ୍ଟର, ଦଶମନ୍ତପୁର ବ୍ଲକରେ ୮୨.୬୭, ଲକ୍ଷ୍ମୀପୁର ବ୍ଲକରେ ୨୦, ପଟାଙ୍ଗି ବ୍ଲକରେ ୧୬୯, ସେମିଳିଗୁଡା ବ୍ଲକରେ ୩୯୨, ନନ୍ଦପୁର ବ୍ଲକରେ ୬୪୦, ଲମତାପୁଟ ବ୍ଲକରେ ୪୪୫ହେକ୍ଟର ଜମିରେ ଚାଷ କରାଯାଇଛି । ଏହାବ୍ୟତୀତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଗତି ପକ୍ଷରୁ ୩୦୦ ହେକ୍ଟର, ସିଆଇପି ପକ୍ଷରୁ ୮୦୦ ହେକ୍ଟର ଓ ଚାଷୀ ନିଜ ଉଦ୍ୟମରେ ପ୍ରାୟ ୩୦୦ ହେକ୍ଟର ଜମିରେ ଚାଷ କରିଛନ୍ତି । ପ୍ରତି ହେକ୍ଟରରେ ୧୨୦ରୁ ୧୭୦ କୁଇଂଟାଲ ପର୍ଯ୍ୟନ୍ତ ଆଳୁ ଉତ୍ପାଦନ ହେଉଛି । ଚଳିତବର୍ଷ ପ୍ରାୟ ୫୦ହଜାର ମେଟ୍ରିକ୍? ଟନ୍ ଉତ୍ପାଦନ ପାଇଁ ଉଦ୍ୟାନକୃଷି ବିଭାଗ ଲକ୍ଷ୍ୟ ରଖିଛି । ଜୁନ୍ ଦ୍ୱିତୀୟ ସପ୍ତାହରୁ ଅଗଷ୍ଟ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଆଳୁ ବିହନ ବୁଣାଯାଏ । ବୁଣିବାର ପ୍ରାୟ ୯୦ଦିନ ପରେ ଅମଳ ହୋଇଥାଏ । ହେକ୍ଟର ପିଛା ଦେଢ଼ ଲକ୍ଷରୁ ୨ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଉଦ୍ୟାନକୃଷି ବିଭାଗ ପ୍ରାୟ ୯୭ ହଜାର ଟଙ୍କା ରିହାତି ପ୍ରଦାନ କରୁଛି । ତେବେ ସବୁ ଚାଷୀଙ୍କୁ ଏହି ରିହାତି ମିଳୁନାହିଁ । ଫଳରେ ଚାଷ କରିବାକୁ ଚାଷୀ ଆଗ୍ରହ ଦେଖାଉନାହାନ୍ତି । ୨୦୧୯ ମସିହା ବେଳକୁ କୋରାପୁଟ ଜିଲ୍ଲାରେ ୫୦ ଏକର ଜମିରେ ଆଳୁ ଚାଷ ଆରମ୍ଭ ହଇଥିଲା । ଏଠାକାର ଚାଷୀଙ୍କ ନିକଟରେ ନିଜସ୍ୱ ବିହନ ନାହିଁ । ରିହାତିରେ ଯେଉଁ ବିହନ ମିଳୁଛି ତାହାର ମାନ ଭଲ ରହୁନି । ବିହନକୁ ନେଇ ରହିଥିବା ଦ୍ୱନ୍ଦ୍ୱ ଯୋଗୁଁ ଚାଷୀ ବିମୁଖ । ସରକାର ଏଥିପ୍ରତି ଦୃଷ୍ଟି ଦେଲେ ଆଳୁ ଚାଷ କ୍ଷେତ୍ରରେ କୋରାପୁଟ ଅଗ୍ରଣୀ ହୋଇଯିବ ବୋଲି କହିଛନ୍ତି । ତେଣୁ ଚାଷୀଙ୍କୁ ଉପଯୁକ୍ତ ଆଳୁ ବିହନ ଯୋଗାଇଲେ ଆଳୁ ଉତ୍ପାଦନ ହେବା ସହ ରାଜ୍ୟକୁ ଆଳୁ ଆମଦାନି କରିବାକୁ ପଡ଼ିବ ନାହିଁ

# ଜିଲ୍ଲା ସ୍ତରୀୟ ସେବା ସଙ୍କଳ୍ପ ଅଭିଯାନ-୨୦୨୬

କେନ୍ଦ୍ରାପଡ଼ା : ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ପିଏମଶ୍ରୀ ଇଛାପୁର ହାଇସ୍କୁଲ ପରିସରରେ ଜିଲ୍ଲା ସ୍ତରୀୟ ସେବା ସଙ୍କଳ୍ପ ଅଭିଯାନ-୨୦୨୬ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ରମୋହନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମହାକାଳପଡା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସଙ୍କଳ୍ପ ଓ ସିଦ୍ଧି ଯୋଗୁଁ ବିଦ୍ୟାଳୟ ର କୁନି କୁନି ପିଲାମାନେ ଆଗକୁ ବଢିବା ପାଇଁ ଏହି ପ୍ରତିଯୋଗିତା ଏକ ସୁଯୋଗ ବୋଲି କହିଥିଲେ । ପ୍ରଧାନମନ୍ତ୍ରୀଙ୍କ ସେବା ସଙ୍କଳ୍ପ ଅଭିଯାନ ବିକଶିତ ଭାରତର ପିଲାମାନଙ୍କ ପାଇଁ ଏକ ସୁନ୍ଦର ପଦକ୍ଷେପ । ଯାହା ଆମକୁ ଆଗକୁ ବଢିବା ପାଇଁ ପ୍ରେରଣା



ଯୋଗାଇଦେବ ବୋଲି ସେ କହିଥିଲେ । ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ତାରିଖରୁ ଅକ୍ଟୋବର ୧୭ତାରିଖ ପର୍ଯ୍ୟନ୍ତ ଏହା ପାଳନ କରାଯାଉଛି ବୋଲି ସେ କହିଥିଲେ । ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ ଯୋଗଦେଇ ପିଲାମାନଙ୍କୁ ଭବିଷ୍ୟତରେ ଜଣେ ଜଣେ ସୁନାଗରିକ ହୋଇ ଦେଶ ସେବା କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ଅଭିମନ୍ୟୁ ଗୋଛାୟତ ଓ ପ୍ରାକ୍ତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ପିତବାସ ପଣ୍ଡା ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବାରିକ ତାଙ୍କ ଅଭିଭାଷଣରେ ପରିଶ୍ରମ,ଶୃଙ୍ଖଳା, ତ୍ୟାଗ ଓ ରାଷ୍ଟ୍ରପ୍ରତି ସମର୍ପିତ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜୀବନୀ ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ବୋଲି କହିଥିଲେ । ପଦ ହେଉଛି ଦାୟିତ୍ୱ ସମ୍ମାନ ନୁହେଁ । ସେବା ହେଉଛି ସୌଭାଗ୍ୟ । ତେଣୁ ଶିକ୍ଷକ, ଶିକ୍ଷୟିତ୍ରୀମାନେ ନିଜର ଦାୟିତ୍ୱ ଓ କର୍ତବ୍ୟକୁ ଅତ୍ୟନ୍ତ ନିଷ୍ଠାର ସହିତ ପାଳନ କରି ଆଗାମୀ ଭବିଷ୍ୟତମାନଙ୍କୁ ଗଢନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ । ଏହି ଅବସରରେ ଜିଲ୍ଲା ସ୍ତରୀୟ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶେଷରେ ଇଛାପୁର ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣୀ ଦାଶ ବିଦ୍ୟାଳୟର କେତେକ ସମସ୍ୟା ପ୍ରତି ମୁଖ୍ୟଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ଅନନ୍ତ କୁମାର ପରିଡା ଅତିଥି ପରିଚୟ, ନିଳାଦ୍ରୀ ପାଇଟାଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ନନ୍ତାର ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଆଦିକନ୍ଦ ସାହୁ ଛାତ୍ରଛାତ୍ରୀମାନଙ୍କ ସହ ସ୍ୱାଗତ ସଂଗୀତ ଗାନ କରିଥିଲେ । ଜିଲ୍ଲା ବିଜ୍ଞାନ ପରିଦର୍ଶକ ପ୍ରକାଶ କୁମାର ପରିଡା, ଶିକ୍ଷକ ଭାଗିରଥି ମହାନ୍ତି, ଶିବନାରାୟଣ ମହାନ୍ତି, ବିଷ୍ଣୁ ଚରଣ ସ୍ୱାଇଁଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଡିଏଭି ସ୍ପୋର୍ଟସ କ୍ଲଷ୍ଟର ଏବଂ ଜୋନସ୍ତରୀୟ କରାଟେ ଓ ତାଇକୋଣ୍ଡୋ ଚାମ୍ପିୟନଶିପ




ଝାରସୁଗୁଡ଼ା : ଡିଏଭି ସ୍ପୋର୍ଟସ କ୍ଲଷ୍ଟର ଏବଂ ଜୋନସ୍ତରୀୟ କରାଟେ ଓ ତାଇକୋଣ୍ଡୋ ଚାମ୍ପିୟନଶିପ ଡିଏଭି ପବ୍ଲିକ ସ୍କୁଲ, ଝାରସୁଗୁଡ଼ା ଆନୁକୂଲ୍ୟରେ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଚାମ୍ପିୟନଶିପରେ ୧୪ ବର୍ଷରୁ କମ ଓ ୧୭ ବର୍ଷରୁ କମ ବିଭାଗରେ ମୋଟ ୧୪୬ ଜଣ ପ୍ରତିଯୋଗୀ, ୩୮ ଜଣ ଏସ୍କର୍ଟ ଶିକ୍ଷକ ଏବଂ ୧୫ ଜଣ କ୍ରୀଡ଼ା ଅଧିକାରୀ ଯୋଗଦେଇଥିଲେ । ଝାରସୁଗୁଡ଼ା ଡିଏଭି ଅଧ୍ୟକ୍ଷ ତଥା କ୍ଲଷ୍ଟର ହେଡ୍ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ ଚାମ୍ପିୟନଶିପର ଉଦଘାଟନୀ ଅଧିବେଶନରେ ବରିଷ୍ଠ ଆଇନଜୀବୀ ତାପସ କୁମାର ରାୟ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବ୍ରଜରାଜନଗର ଇବ ଭ୍ୟାଲି ଡିଏଭି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ବୁର୍ଲା ଡିଏଭି ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକ ଓ ବସୁନ୍ଧରା ଡିଏଭି ଅଧ୍ୟକ୍ଷ ରଞ୍ଜନ କୁମାର ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦାନପୂର୍ବକ କୃତୀ ପ୍ରତିଭାଗୀଙ୍କୁ ପୁରସ୍କୃତ କରିଥିଲେ । କରାଟେ ଓ ତାଇକୋଣ୍ଡୋ ଚାମ୍ପିୟନଶିପ ଆୟୋଜନର ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ ଅବଧାରଣା ଦେବା ସାଙ୍ଗକୁ ଅତିଥିମାନେ ପ୍ରତିଯୋଗୀମାନଙ୍କର ଉତ୍ସର୍ଗୀକୃତ ମନୋଭାବ, ଶୃଙ୍ଖଳା ଓ କ୍ରୀଡ଼ା ପ୍ରତିଭାକୁ ପ୍ରଶଂସା କରିବା ସହ ନିଷ୍ଠା, ଧୈର୍ଯ୍ୟ, ଦୃଢ଼ ମନୋବଳ ଓ କ୍ରୀଡ଼ାସୁଲଭ ମନୋଭାବ ନେଇ ଜୀବନରେ ଉତ୍କର୍ଷ ହାସଲ କରିବାକୁ ଆହ୍ୱାନ ଦେଇଥିଲେ । ଜାତୀୟ ସ୍ତରୀୟ ଅଭିଜ୍ଞ ରେଫରୀ ପରିଚାଳନା କରିଥିଲେ । କରାଟେରେ ବାଳକ ଗ୍ରୁପରେ ଏ.ଏନ. ଖୋସଲା ଡିଏଭିକୁ ଚାମ୍ପିୟନ ଓ ଚନ୍ଦ୍ରଶେଖରପୁର ଡିଏଭିକୁ ରନର୍ସ ଅପ ଏବଂ ବାଳିକା ଗ୍ରୁପରେ ଟିଟିଲାଗଡ଼ ଡିଏଭିକୁ ଚାମ୍ପିୟନ ଓ ଏ.ଏନ. ଖୋସଲା ଡିଏଭିକୁ ରନର୍ସ ଅପ ଟ୍ରଫି ପ୍ରଦାନ କରାଯାଇଥିଲା । ସେହିପରି ତାଇକୋଣ୍ଡୋରେ ବାଳକ ଗ୍ରୁପରେ ଇବ ଭ୍ୟାଲି କ୍ଷେତ୍ର, ବ୍ରଜରାଜନଗର ଡିଏଭିକୁ ଚାମ୍ପିୟନ ଓ ବଲାଣୀ ଡିଏଭିକୁ ରନର୍ସ ଅପ ଏବଂ ବାଳିକା ଗ୍ରୁପରେ ଗାନ୍ଧୀନଗର ବ୍ରହ୍ମପୁର ଡିଏଭିକୁ ଚାମ୍ପିୟନ ଓ ଶ୍ରୀବିହାର ଫୁଲବାଣୀ ରୋଡ୍, ଭଞ୍ଜନଗର ଡିଏଭିକୁ ରନର୍ସ ଅପ ଘୋଷଣା କରାଯାଇ ଟ୍ରଫି ପ୍ରଦାନ କରାଯାଇଥିଲା । ଏତଦବ୍ୟତୀତ ବିଭିନ୍ନ ବର୍ଗରେ ଉତ୍କୃଷ୍ଟ ପ୍ରଦର୍ଶନ କରି ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ଟ୍ରଫି ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ବିଦ୍ୟାଳୟର ପିଇଟି ବିଜୟ ଦାଶ ଓ ପୁନମ ପରିଚାଳନାଗତ ସହଯୋଗ କରିଥିଲେ । ପରିଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ନୀଳିମା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ଖଡ଼ିଆଳ ଫୁଟବଲ ମହାକୁମ୍ଭ: ଷୋଳଶ ଦିବସରେ ବାବେବିର, ଖଡ଼ିଆଳ ଓ କରଙ୍ଗାମାଳ ବିଜୟୀ

ନୂଆପଡ଼ା : (ନି.ପ୍ର): ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ କ୍ରିକେଟ ସ୍ପୋର୍ଟସ ଆସୋସିଏସନର ଆନୁକୂଲ୍ୟରେ ଆୟୋଜିତ ବହୁ ପ୍ରତୀକ୍ଷିତ 'ଚତୁର୍ଥ ଫୁଟବଲ ମହାକୁମ୍ଭ ୨୦୨୬' ମଙ୍ଗଳବାର ସୋଳଶ ଦିବସରେ ପହଂଚିଛି । ଦିବା-ରାତ୍ରି ଆଲୋକମାଳା ମଧ୍ୟରେ ଖେଳାଯାଇଥିବା ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ମ୍ୟାଚଗୁଡ଼ିକରେ ବାବେବିର, ଖଡ଼ିଆଳ ଓ କରଙ୍ଗାମାଳ ଦଳ ବିଜୟୀ ହୋଇ ସେମିଫାଇନାଲରେ ନିଜ ନିଜର ସ୍ଥାନ ସୁରକ୍ଷିତ କରିଛନ୍ତି । ପ୍ରଥମ ମ୍ୟାଚ୍: ବାଦି ଓ ବାବେବିର ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ବାବେବୀର ଦଳ ୨-୧ ଗୋଲରେ ଆକର୍ଷଣୀୟ ବିଜୟ ହାସଲ କରିଥିଲା । ଏହି ମ୍ୟାଚକୁ ତାପସ ପତି, ସୌରଭ ପଣ୍ଡା ଓ ନିଲୁ ଭୋଇ ରେଫରୀ ଭାବେ ସୁଚାରୁ ରୂପେ ପରିଚାଳନା କରିଥିଲେ । ଖଡ଼ିଆଳ ଉପଖଣ୍ଡ



ସ୍ତରୀୟ ଚିକିତ୍ସାଳୟର ଡାକ୍ତର ମନୋଜ କୁମାର ଦର ଏବଂ ଖଡ଼ିଆଳ ବ୍ଲକର ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ବକ୍ସିଶ ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଦ୍ୱିତୀୟ ମ୍ୟାଚ୍: ଦ୍ୱିତୀୟ ମ୍ୟାଚଟି ଖଡ଼ିଆଳ ଓ ରୋକାଲ ମଧ୍ୟରେ ଅତ୍ୟନ୍ତ ରୋମାଂଚକର ହୋଇଥିଲା । ଏଥିରେ ଖଡ଼ିଆଳ ଦଳ ୨-୦ ଗୋଲରେ ରୋକାଲକୁ ପରାସ୍ତ କରି ବିଜୟୀ ହୋଇଥିଲା । ସଂଜନ କୁଡେଇ, ସହଦେବ ମଲ୍ଲିକ ଓ ଲବ ସୁନାନି ରେଫରୀ ଦାୟିତ୍ୱ ତୁଲାଉଥିବା ବେଳେ ବରିଷ୍ଠ ସାମ୍ବାଦିକ ମୋତିଲାଲ ବାଗ, ଜିଲ୍ଲା ପରିଷଦ ଜୋନ୍-୧୩ ସଭ୍ୟା ଯଜ୍ଞସେନୀ କଟା ଏବଂ ଜିଲ୍ଲା ପରିଷଦ ସଭ୍ୟ ଚିତରଞ୍ଜନ ବେହେରା ଅତିଥି ଭାବେ ଉପସ୍ଥିତ ରହି ଖେଳାଳିମାନଙ୍କର ସଂବର୍ଦ୍ଧନା କରିଥିଲେ । ତୃତୀୟ ମ୍ୟାଚ୍: ତୃତୀୟ ମ୍ୟାଚଟି ଚଟିଆଗୁଡ଼ା ଓ କରଙ୍ଗାମାଳ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳ ଶେଷ ସୁଦ୍ଧା ଉଭୟ ଦଳ ୧-୧ ଗୋଲରେ ବରାବର ରହିଥିଲେ । ପରବର୍ତ୍ତୀ ସମୟରେ ଟାଇବ୍ରେକର ସାହାଯ୍ୟ ନିଆଯାଇଥିଲା, ଯେଉଁଥିରେ କରଙ୍ଗାମାଳ ୪-୨ ଗୋଲରେ ନିର୍ଣ୍ଣାୟକ ବିଜୟ ସାବ୍ୟସ୍ତ କରିଥିଲା । ଏହି ମ୍ୟାଚରେ ମଧ୍ୟ ସଂଜନ କୁଡେଇ, ସହଦେବ ମଲ୍ଲିକ ଓ ଲବ ସୁନାନି ରେଫରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ଦିନେଶ ପ୍ରସାଦ ମିଶ୍ର, ମାରୱାଡ଼ି ଯୁବ ମଂଚ ସଭାପତି ହିତେଶ ଅଗ୍ରୱାଲ ଏବଂ ସମ୍ପାଦକ ସୁମିତ୍ ସିଙ୍ଗଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ସମସ୍ତ ମ୍ୟାଚର ସଫଳ ପରିଚାଳନାରେ ଫୁଟବଲ ମହାକୁମ୍ଭର ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକ, ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକ, ଅକ୍ଷୟ ନନ୍ଦ, ଛବି ସାଗର, ବରିଷ୍ଠ ଆଇନଜୀବୀ ଗିରିଧାରୀ ବିଭାର, ସତପାଲ ସିଂ ଛବଡା, ଫିରୋଜ ଖାନ, ସୁଶାନ୍ତ କୁମାର ତାଣ୍ଡି, ହୀରାଲାଲ ମେହେର, ସଞ୍ଜୟ କୁମାର ନାଏକ, ପ୍ରଦୀପ ଧ୍ରଣ୍ଡିଆ, ଉତମ ପଟେଲ, ସୁବାସ ବଘେଲ, ସୁକେଶ ପଟ୍ଟନାୟକ, ଅଶୋକ କୁମାର ବାରିକ, ଟିଟୁ ପାଣ୍ଡେ, ମନୋଜ ସୁନାନୀ, ଶିବ ସିଂଘଲ, ଟୁନା ଦୁର୍ଗା, ଭୋଦେବ ସୁନା, ସଞ୍ଜୁ ପଣ୍ଡା, ତନ୍ମୟ ବାଗ, ଗୋବିନ୍ଦ ପଣ୍ଡା, ବିନୋଦ ଦୁରିଆ, ଖେମସାଗର ପଟେଲ, ଯୁଧିଷ୍ଠିର ମେହେର, ରୂପେଶ ଛତ୍ରିଆ, ଅରୁଣ ସୁନା, ସାନ ଜଗତ, ବଡ଼ ଜଗତ, ପବନ ତ୍ରିବେଦୀ, ଚନ୍ଦ୍ର କୁମାର ବେହେରା, ଧରଣୀ ପଟେଲ, ହେମସାଗର ନାଗ ଏବଂ କୁଞ୍ଜ ବିହାରୀ କଟା ପ୍ରମୁଖ ନିଷ୍ଠାର ସହ ସକ୍ରିୟ ସହଯୋଗ କରୁଛନ୍ତି । ଟୁର୍ଣ୍ଣାମେଂଟର ଆକର୍ଷଣୀୟ ଧାରାବିବରଣୀ ପ୍ରଦାନ କରି ପ୍ରକାଶ ପାତ୍ର, ଧନଞ୍ଜୟ ମଲ୍ଲିକ, ଜଗଦୀଶ ନାଗ ଓ ତନ୍ମେଶ ପ୍ରଧାନ ସମ୍ମୁଁହ ହିନ୍ଦୀ, ଇଂରାଜୀ ଏବଂ ଓଡ଼ିଆ ଭାଷାରେ ଜୀବନ୍ତ କମେଂଟ୍ରି କରି ଦର୍ଶକଙ୍କୁ ବିମୋହିତ କରିଛନ୍ତି । ସୂଚନାଯୋଗ୍ୟ ଯେ, ଏହି ବିଶାଳ ମହାକୁମ୍ଭରେ ଖଡ଼ିଆଳ, ସିନାପାଲି ଓ ବୋଡ଼େନ ବ୍ଲକ ସମେତ ଖଡ଼ିଆଳ ଏନ୍ଏସି ଅଂଚଳରୁ ସର୍ବମୋଟ ୬୯ଟି ଦଳ ଅଂଶଗ୍ରହଣ କରିଛନ୍ତି ।

# ଅଟଳ ସୁଡ଼ଙ୍ଗ ପରିଦର୍ଶନ କଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ଦିନ ହିମାଚଳ ପ୍ରଦେଶର ରୋହତାଙ୍ଗରେ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅଟଳ ସୁଡ଼ଙ୍ଗ ପରିଦର୍ଶନ କରିଛନ୍ତି । ସୁଡ଼ଙ୍ଗ ନିର୍ମାଣରେ ସୀମା ସଡ଼କ ସଂଗଠନ (ବି. ଆର. ଓ.) ର ଯୋଗଦାନକୁ ସେ ପ୍ରଶଂସା କରିଥିଲେ । ରାଷ୍ଟ୍ରପତି କହିଲେ ଯେ ସୀମା ସଡ଼କ ସଙ୍ଗଠନର ସମର୍ପଣ ଏବଂ କଠିନ ପରିଶ୍ରମ ଦ୍ୱାରା ନିର୍ମିତ ଅଟଳ ସୁଡ଼ଙ୍ଗ ବିଶ୍ୱ ମାନର ଇଞ୍ଜିନିୟରିଂର ଏକ ଉତ୍କୃଷ୍ଟ ଉଦାହରଣ । ସେ କହିଥିଲେ ଯେ ଏହି ସମ୍ମାନଜନକ ଭିତିଭୂମି ପ୍ରକଳ୍ପ ଦେଶର ସବୁଠାରୁ ଆହ୍ୱାନପୂର୍ଣ୍ଣ ଭୌଗୋଳିକ କ୍ଷେତ୍ରରେ ମଧ୍ୟ ନିରବଚ୍ଛିନ୍ନ ସଂଯୋଗ ସୁନିଶ୍ଚିତ କରିବା ଲାଗି ଭାରତର ବୈଷୟିକ ସାମର୍ଥ୍ୟ, ଦୃଢ଼ ସଂକଳ୍ପ ଏବଂ ପ୍ରତିବଦ୍ଧତାର ପ୍ରମାଣ । ଅଟଳ ସୁଡ଼ଙ୍ଗ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଏହାର ନିର୍ମାଣ ମନାଲିକୁ ଲାହୌଲ-ସ୍ପିତି ଉପତ୍ୟକା ସହିତ ବର୍ଷସାରା ଯୋଡ଼ିଥାଏ । ୨୦୨୦ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଏହି କିଲୋମିଟର ଲମ୍ବ ସୁଡ଼ଙ୍ଗର ଉଦଘାଟନ କରାଯାଇଥିଲା । ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ମନାଲି ବିଧାନସଭା କ୍ଷେତ୍ରର ବିଧାୟକ ଭୁବନେଶ୍ୱର ଗୌଡ଼ ଏବଂ ଲାହୌଲ-ସ୍ପିତିର ବିଧାୟକ ଅନୁରାଧା ରାଣା ମଧ୍ୟ ସ୍ୱତନ୍ତ୍ର ଭାବେ ଉପସ୍ଥିତ ଥିଲେ ।




## ବିଏମସି ଅଂଚଳରେ ଦୁର୍ଗାପୂଜା, ଲକ୍ଷ୍ମୀ ପୂଜା, କାଳୀ ପୂଜା ଆୟୋଜନ ପାଇଁ ଗ୍ରାଉଣ୍ଡ ରେଂଟ ଛାଡ଼ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ବୁଧବାର ଚଳିତ ପାର୍ବଣ ଋତୁରେ ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ଦୁର୍ଗାପୂଜା, ଲକ୍ଷ୍ମୀ ପୂଜା, କାଳୀ ପୂଜା, ରାବଣପୋଡ଼ି, ଭସାଣି ଉତ୍ସବ ଓ ଏଥି ସମ୍ପୃକ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ପୂଜା କମିଟି ଗୁଡିକର ଗ୍ରାଉଣ୍ଡ ରେଂଟ ଛାଡ଼ କରିଛନ୍ତି । ପାର୍ବଣ ଋତୁରେ ଏହି ପର୍ବ ଗୁଡ଼ିକର ସାମାଜିକ ଓ ସାଂସ୍କୃତିକ ମହତ୍ୱ ଓ ଜନସାଧାରଣଙ୍କ ଉତ୍ସାହକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତି ନେଇଛନ୍ତି । ସୂଚନାଯୋଗ୍ୟ ଯେ, ଏହି ଅବଧି ଚଳିତ ଅକ୍ଟୋବର ୧୭ ତାରିଖରୁ ନଭେମ୍ବର ୧୮ ତାରିଖ ପର୍ଯ୍ୟନ୍ତ ଲାଗୁ କରାଯାଇଛି । ଏଥିସହିତ ପୂଜା କମିଟି ଗୁଡିକୁ ଶାନ୍ତି ଶୃଙ୍ଖଳା ଓ ପରିବେଶ ଅନୁକୂଳ ଭାବେ ପୂଜା ଆୟୋଜନ କରିବାପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି ।

## ପୂଜା ପେଣ୍ଡାଲ ଗୁଡ଼ିକରେ ସିସିଟିଭି ଲଗାଇବାକୁ ପରାମର୍ଶ ଦେଲେ ଡିସିପି

ଭୁବନେଶ୍ୱର : ପୂଜା ପେଣ୍ଡାଲ ଗୁଡିକରେ ସିସିଟିଭି ଲଗାଇବାକୁ ଭୁବନେଶ୍ୱର ଡିସିପି ଭୁବନେଶ୍ୱର ଡିସିପି ସର୍ବଣା ବିବେକ ଏମ୍ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ଭୁବନେଶ୍ୱରରେ ୧୯୫ଟି ପେଣ୍ଡାଲକୁ ୩ଟି କ୍ୟାଟେଗୋରୀରେ ଭାଗ କରିଛୁ । ଗହଳିକୁ ଦେଖି କ୍ୟାଟେଗୋରୀ ଏ,ବି ଓ ସି ୩ଟି ବର୍ଗରେ ଭାଗ କରିଛୁ । ସୁରକ୍ଷା ପାଇଁ ସମସ୍ତ ପେଣ୍ଡାଲରେ ସିସିଟିଭି ଲଗାଇବାକୁ କହିଛୁ । ସମସ୍ତେ ପେଣ୍ଡାଲରେ ସିସିଟିଭି ଲଗାଇବେ ବୋଲି ସହମତ ହୋଇଛନ୍ତି । ଲୁଟ୍ ପରି ବିଭିନ୍ନ ଅପରାଧ ରୋକିବାକୁ ସିଭିଲ୍ ଡ୍ରେସ୍ ରେ ପୋଲିସ ମଧ୍ୟ ପୂଜା ପେଣ୍ଡାଲରେ ଉପସ୍ଥିତ ରହିବେ । ଯେଉଁଠି ଅଧିକ ଭିଡ଼, ସେଠି ଅଧିକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ । ବିଭିନ୍ନ ସ୍ଥାନରେ ମହିଳା ପୋଲିସ ମଧ୍ୟ ମୁତୟନ ରହିବେ ।



## ଆଜି ଇଣ୍ଡିଆ ମୋବାଇଲ୍ କଂଗ୍ରେସର ୧୦ମ ସଂସ୍କରଣକୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୮ ଅକ୍ଟୋବର ୨୦୨୬ ପୂର୍ବାହ୍ଣ ୧୦ଟାରେ ନୂଆଦିଲ୍ଲୀର ଯଶୋଭୂମିଠାରେ ଇଣ୍ଡିଆ ମୋବାଇଲ କଂଗ୍ରେସ (ଆଇଏମସି)ର ୧୦ମ ସଂସ୍କରଣ ଉଦ୍ଘାଟନ କରିବେ । ଏହି ଅବସରରେ ସେ ଉପସ୍ଥିତ ସମାବେଶକୁ ସମ୍ବୋଧନ କରିବେ । ଦୂରସଂଚାର ବିଭାଗ (ଡିଓଟି) ଓ ଭାରତୀୟ ସେଲୁଲାର ଅପରେଟର୍ସ ସଂଘ (ସିଓଏଆଇ) ପକ୍ଷରୁ ମିଳିତଭାବେ ଆୟୋଜିତ ଏହି ସମ୍ମିଳନୀ ୭ ରୁ ୧୦ ଅକ୍ଟୋବର ପର୍ଯ୍ୟନ୍ତ ଚାଲିବ । ଆଇଏମସି ୨୦୨୬ର ବିଷୟ ହେଉଛି 'ସୀମାହୀନ ବିସ୍ତାର', ଯାହାକି ଡିଜିଟାଲ ନବସୃଜନ, ପରବର୍ତ୍ତୀ ପିଢିର ଯୋଗାଯୋଗ ଓ ପ୍ରଯୁକ୍ତିଭିତ୍ତିକ ଅଭିବୃଦ୍ଧିକୁ ପ୍ରତିଫଳିତ କରୁଛି । ଆଇଏମ୍ସି ୨୦୨୬ର ଚାରିଟି ପ୍ରମୁଖ ସ୍ତମ୍ଭ ହେଉଛି - ସୃଷ୍ଟି: ଭବିଷ୍ୟତ ନିର୍ମାଣ; ସମ୍ବର୍ଦ୍ଧନ: ଅଭିବୃଦ୍ଧିକୁ ଗତି ପ୍ରଦାନ; ସଶକ୍ତ: ସୁଯୋଗର ସମ୍ପ୍ରସାରଣ; ଏବଂ ସୁରକ୍ଷା: ବିଶ୍ୱାସକୁ ସୁଦୃଢ଼ କରିବା । ଏଠାରେ ନବସୃଜନ ଓ ପରବର୍ତ୍ତୀ ପିଢ଼ିର ଡିଜିଟାଲ ଭିତିଭୂମି, ପ୍ରଯୁକ୍ତିଭିତିକ ଅର୍ଥନୈତିକ ଅଭିବୃଦ୍ଧି, ସମସ୍ତଙ୍କ ପାଇଁ ଡିଜିଟାଲ ଉପଲବ୍ଧତା ଏବଂ ସୁରକ୍ଷିତ ଓ ସୁଦୃଢ଼ ଡିଜିଟାଲ ଇକୋସିଷ୍ଟମର ବିକାଶ ଉପରେ ଗୁରୁତ୍ୱ ଦିଆଯିବ । ଆଇଏମ୍ସି ୨୦୨୬ରେ ବିଶ୍ୱର ଟେକ୍ନୋଲୋଜି କ୍ଷେତ୍ର ସହ ଜଡ଼ିତ ଶୀର୍ଷ ବ୍ୟକ୍ତିତ୍ୱ, ନୀତି ନିର୍ଦ୍ଧାରକ, ଶିଳ୍ପ ବିଶେଷଜ୍ଞ, ଷ୍ଟାର୍ଟଅପ୍, ନିବେଶକ ଏବଂ ନବସୃଜନକାରୀମାନେ ଏକାଠି ହୋଇ ଡିଜିଟାଲ କ୍ଷେତ୍ରରେ ଉଦୀୟମାନ ସୁଯୋଗ ସମ୍ଭାବନା ଉପରେ ଆଲୋଚନା କରିବେ । ୨୦୨୬ ସଂସ୍କରଣରେ ୯ଟି ପ୍ରମୁଖ କ୍ଷେତ୍ରକୁ ସାମିଲ କରାଯାଇଛି । ସେଗୁଡ଼ିକ ହେଲା - ୫ଜି ଓ ୬ଜି, ପରବର୍ତ୍ତୀ ପିଢ଼ିର କୃତ୍ରିମ ବୁଦ୍ଧିମତା ନେଟୱର୍କ, ସେମିକଣ୍ଡକ୍ଟର, ନନ୍-ଟେରେଷ୍ଟ୍ରିଆଲ୍ ନେଟୱର୍କ, ସାଇବର ସୁରକ୍ଷା, କ୍ୱାଂଟମ୍ ଯୋଗାଯୋଗ, ଉଦ୍ୟୋଗିକ ରୂପାନ୍ତରଣ, ସର୍କୁଲାର ଇକୋନୋମି, ଓ ଇଏସ୍ଜି ଏବଂ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ । ଏହା ସହିତ, ଆଇଏମ୍ସି ଚଳିତ ବର୍ଷ ଏହାର କ୍ଷେତ୍ରଭିତିକ ଗୁରୁତ୍ୱକୁ ୪ଟି ନୂଆ କ୍ଷେତ୍ରକୁ ସମ୍ପ୍ରସାରିତ କରିବ । ଏଗୁଡ଼ିକ ହେଲା - ସ୍ମାର୍ଟ ମୋବିଲିଟି, ଷ୍ଟାଡିୟମ୍ ଅନୁଭୂତି, ଉଦ୍ୟୋଗିକ ରୋବୋଟିକ୍ସ ଏବଂ ପରିବହନ ପ୍ରଯୁକ୍ତି । ଆଇଏମ୍ସି ୨୦୨୬ରେ ୧୦୦ରୁ ଅଧିକ ଦେଶରୁ ୧.୫ ଲକ୍ଷରୁ ଅଧିକ ଲୋକଙ୍କ ସମାଗମ ହେବ ବୋଲି ଆଶା କରାଯାଉଛି । ଏଥିରେ ୫୦୦ରୁ ଅଧିକ ସହଯୋଗୀ ଓ ପ୍ରଦର୍ଶକ, ୬୦୦ରୁ ଅଧିକ ଷ୍ଟାର୍ଟଅପ୍ ଏବଂ ୯୦୦ରୁ ଅଧିକ ବିଶେଷଜ୍ଞ ଅଂଶଗ୍ରହଣ କରିବେ । କାର୍ଯ୍ୟକ୍ରମରେ ୨,୦୦୦ରୁ ଅଧିକ ପ୍ରଯୁକ୍ତି ବ୍ୟବହାରର ଉଦାହରଣ ଏବଂ ୧୨୦ରୁ ଅଧିକ ଅଧିବେଶନ ଆୟୋଜିତ ହେବ ।



## ଶିଳ୍ପ ବିକାଶ ସହିତ ସୁରକ୍ଷା ସଂପର୍କିତ ମାର୍ଗଦର୍ଶିକା ଅନୁପାଳନକୁ ଗୁରୁତ୍ୱ ଦେଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର : ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ରାସାୟନିକ ଦୁର୍ଘଟଣାର ପ୍ରତିରୋଧ, ପ୍ରସ୍ତୁତି, ତ୍ୱରିତ ମୁକାବିଲା ଓ ଦୁର୍ଘଟଣା ପରବର୍ତ୍ତୀ ପରିଚାଳନାକୁ ଅଧିକ ସୁଦୃଢ଼ କରିବା ନେଇ ଲୋକସେବା ଭବନଠାରେ ରାଜ୍ୟ ସଙ୍କଟ ଗୋଷ୍ଠୀ (ଷ୍ଟେଟ କ୍ରାଇସେସ ଗ୍ରୁପ୍)ର ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ରାସାୟନିକ ଦୁର୍ଘଟଣା ସମୟରେ ଜନଜୀବନ ଓ ସମ୍ପତିର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପୂର୍ବ ପ୍ରସ୍ତୁତି, ତ୍ୱରିତ ପ୍ରତିକ୍ରିୟା ଓ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟ ସଚିବ ଶ୍ରୀମତୀ ଗର୍ଗ କହିଥିଲେ ଯେ ଶିଳ୍ପ ବିକାଶ ସହିତ ସୁରକ୍ଷା ବ୍ୟବସ୍ଥାର ମଧ୍ୟ ସମାନ ଗୁରୁତ୍ୱ ରହିଛି । ସମ୍ଭାବ୍ୟ ବିପଦକୁ ପୂର୍ବରୁ ଚିହ୍ନଟ କରି ଜିଲ୍ଲା ଓ ସ୍ଥାନୀୟସ୍ତରରେ ଜରୁରୀକାଳୀନ ଯୋଜନା, ନିୟମିତ ମକ୍ ଡ୍ରିଲ୍, ସୁରକ୍ଷା ଅଡିଟ୍ ଓ ତଥ୍ୟଭିତିକ ଆକଳନକୁ ଅଧିକ ପ୍ରଭାବଶାଳୀ କରାଯିବା ଆବଶ୍ୟକ । ବିଭିନ୍ନ ବିଭାଗ ଓ ସଂସ୍ଥା ମଧ୍ୟରେ ନିରନ୍ତର ସମନ୍ୱୟ ରଖି ଜରୁରୀ ପରିସ୍ଥିତିରେ ତ୍ୱରିତ ଓ ସଫଳ ମୁକାବିଲା କରିବାକୁ ସେ ପରାମର୍ଶ ଦେଇଥିଲେ । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓରଞ୍ଜନ କୁମାର ସିଂହ ବିଭାଗୀୟ ଓ ଜିଲ୍ଲାସ୍ତରୀୟ ପ୍ରସ୍ତୁତିକୁ ଏକ ସମନ୍ୱିତ ବ୍ୟବସ୍ଥା ଅଧୀନରେ ଆଣିବା ଉପରେ ଗୁରୁତ୍ୱ ଦେଇଥିଲେ । ବିପଦ ସମ୍ପର୍କିତ ତଥ୍ୟର ନିୟମିତ ଯାଂଚ, ଜିଲ୍ଲାରେ ଶିଳ୍ପ ସଂସ୍ଥା ବା କାରଖାନା ଠାରୁ ଦୂରରେ ଦ୍ରବ୍ୟ ପରିବହନ କରୁଥିବା ଯାନ ବା ସେଭଳି କ୍ଷେତ୍ରରେ ଦୁର୍ଘଟଣା ଘଟିଲେ ଅଫ୍-ସାଇଟ୍ ଜରୁରୀକାଳୀନ ଯୋଜନାର ସମୀକ୍ଷା, ଜିଆଇଏସ ଆଧାରିତ ମ୍ୟାପିଂ ଏବଂ ସ୍ଥାନୀୟ ପ୍ରଶାସନର ପ୍ରସ୍ତୁତିକୁ ଅଧିକ ମଜବୁତ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡ଼ଙ୍ଗୀ ରାସାୟନିକ ଦୁର୍ଘଟଣା ସମୟରେ ତ୍ୱରିତ ପ୍ରତିକ୍ରିୟା ପାଇଁ ପ୍ରଶିକ୍ଷିତ ମାନବ ସମ୍ବଳ, ଆବଶ୍ୟକ ଉପକରଣ ଓ ବିଶେଷ ଜରୁରୀକାଳୀନ ଯାନର ଉପଲବ୍ଧତା ଉପରେ ଗୁରୁତ୍ୱ ଦେଇଥିଲେ । ଭାରି ଯାନ, ଜରୁରୀ କାଳୀନ ସେବା ଯାନ, ନିୟମିତ ମକ୍ ଡ୍ରିଲ୍, ଉଦ୍ଧାର ଓ ନିରାପଦ ସ୍ଥାନାନ୍ତରଣ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବା ସହ ଅଗ୍ନିଶମ ସେବା, ଜିଲ୍ଲା ପ୍ରଶାସନ, ଶିଳ୍ପ ସଂସ୍ଥା ଓ ଅନ୍ୟାନ୍ୟ ଜରୁରୀକାଳୀନ ସଂସ୍ଥା ମଧ୍ୟରେ ଯୁଗ୍ମ ଅଭ୍ୟାସ ଓ ସମନ୍ୱୟ ବୃଦ୍ଧି ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ରାସାୟନିକ ଦୁର୍ଘଟଣା ସମ୍ପର୍କିତ ତଥ୍ୟଭଣ୍ଡାର ସୁଦୃଢ଼ୀକରଣ, ମେଡିକାଲ୍ ପ୍ରସ୍ତୁତି, ଜନସଚେତନତା, ସୁରକ୍ଷା ଅଡିଟ୍, ସେଫ୍ଟି ରିପୋର୍ଟ ଏବଂ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷର କ୍ଷମତା ବୃଦ୍ଧି ଉପରେ ମଧ୍ୟ ଆଲୋଚନା ହୋଇଥିଲା । ରାସାୟନିକ ଦୁର୍ଘଟଣାର ପ୍ରଭାବକୁ ହ୍ରାସ କରିବା ପାଇଁ ପ୍ରତିରୋଧ, ପ୍ରତିକାରାତ୍ମକ ବ୍ୟବସ୍ଥା, ପ୍ରସ୍ତୁତି, ତ୍ୱରିତ ପ୍ରତିକ୍ରିୟା ଓ ଜନସହଭାଗିତାକୁ ଆଧାର କରି ଏକ ସୁଦୃଢ଼ ଓ ସମନ୍ୱିତ ବ୍ୟବସ୍ଥା ଗଠନ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି ।



## ଓଡ଼ିଶାରେ ଆଇଏଏସ୍ସ୍ତରରେ ଛୋଟ ଧରଣର ଅଦଳବଦଳ ନବରଙ୍ଗପୁର ଓ ନୂଆପଡ଼ାରେ ନୂଆ ଜିଲ୍ଲାପାଳ

ଭୁବନେଶ୍ୱର : ଓଡ଼ିଶା ସରକାର ବୁଧବାର ଆଇଏଏସ୍ କ୍ୟାଡରରେ ସାମାନ୍ୟ ଅଦଳବଦଳ କରିଛନ୍ତି ଦୁଇଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ବଦଳି କରିଛନ୍ତି । ଏହାସହିତ ୭ ଜଣ ଆଇଏଏସ୍ ଅଧିକାରୀଙ୍କୁ ନୂତନ ଦାୟିତ୍ୱ ମିଳିଛି । ସାଧାରଣ ପ୍ରଶାସନ ଓ ଲୋକ ଅଭିଯୋଗ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ନବରଙ୍ଗପୁରର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଡ. ମହେଶ୍ୱର ସ୍ୱାଇଁ ଙ୍କୁ ବଦଳି କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି । ଏହିପରି, ନୂଆପଡ଼ାର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଭାବେ କାର୍ଯ୍ୟରତ ଶ୍ରୀ ମଧୁସୂଦନ ଦାଶ, ଆଇଏଏସ୍ ଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସରକାରୀ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଉପ ସଚିବ ଭାବେ କାର୍ଯ୍ୟରତ ଶ୍ରୀମତୀ ଅନ୍ୟା ଦାସ, ଆଇଏଏସ୍ ଙ୍କୁ ନବରଙ୍ଗପୁରର ନୂତନ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଭାବେ ନିଯୁକ୍ତ କରାଯାଇଛି । ନୂଆପଡ଼ା ପାଇଁ ଶ୍ରୀମତୀ ମଧୁମିତା, ଆଇଏଏସ୍‌ଙ୍କୁ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଭାବେ ନିଯୁକ୍ତ କରାଯାଇଛି । ସେ ମାତୃତ୍ୱ ଛୁଟି ନେବା ପରେ ସାଧାରଣ ପ୍ରଶାସନ ଓ ଲୋକ ଅଭିଯୋଗ ବିଭାଗରେ ଯୋଗ ଦେଇଥିଲେ । ଆଦେଶରେ ଶ୍ରୀମତୀ ଅର୍ଶ୍ମି ଏ.ଏଲ୍., ଆଇଏଏସ୍ ଙ୍କୁ ଭବାନୀପାଟଣାର ଉପଜିଲ୍ଲାପାଳ ଭାବେ ନିଯୁକ୍ତ କରାଯାଇଥିବାବେଳେ, ଶ୍ରୀମତୀ କସ୍ତୁରୀ ଶାହ, ଆଇଏଏସ୍ ଙ୍କୁ ସାଧାରଣ ପ୍ରଶାସନ ଓ ଲୋକ ଅଭିଯୋଗ ବିଭାଗର ଅଂଡର ସେକ୍ରେଟାରୀ ଭାବେ ଭାବେ ନିଯୁକ୍ତି ଦିଆଯାଇଛି । ଏହାବ୍ୟତୀତ, ଶ୍ରୀ ପ୍ରଦୀପ କୁମାର ନାୟକ, ଆଇଏଏସ୍ ଙ୍କୁ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗର ସରକାରୀ ଅତିରିକ୍ତ ସଚିବ ଭାବେ ନିଯୁକ୍ତ କରାଯାଇଛି ।



## ଗ୍ରେଟର ନୋଏଡାରେ ସେବା ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା

ନୋଏଡ଼ା : କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ବିଜେପିର ପୂର୍ବତନ ଜାତୀୟ ଅଧ୍ୟକ୍ଷ ଜେପି ନଡ୍ଡା ବୁଧବାର ଉତରପ୍ରଦେଶର ଗ୍ରେଟର ନୋଏଡାରେ ପହଂଚିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାଧାରଣ ଜୀବନର ୨୫ ବର୍ଷ ପୂର୍ତି ଅବସରରେ ସେପଟ୍ଟେମ୍ବର ୧୭ରୁ ଅକ୍ଟୋବର ୧୮ ପର୍ଯ୍ୟନ୍ତ ଚାଲିଥିବା 'ସେବା ସଙ୍କଳ୍ପ ଅଭିଯାନ' ଅଧୀନରେ ଏଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସେ ଯୋଗ ଦେଇଥିଲେ । ଏହାପରେ ସେ 'ସେବା ଜ୍ୟୋତି କଳଶ ଯାତ୍ରା'ରେ ସାମିଲ ହୋଇ ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ପଦଯାତ୍ରା କରି କର୍ମୀ ଓ ସାଧାରଣ ଲୋକଙ୍କ ଉତ୍ସାହ ବଢ଼ାଇଥିଲେ । ଗ୍ରେଟର ନୋଏଡା ଆସିବା ସମୟରେ ଡିଏନ୍ଡିରେ ବିଜେପି ନୋଏଡା ମହାନଗରର କର୍ମୀମାନେ ଜେପି ନଡ୍ଡାଙ୍କୁ ସ୍ୱାଗତ କରିଥିଲେ । ନୋଏଡା ମହାନଗର ଜିଲ୍ଲା ସଭାପତି ମହେଶ ଚୌହାନଙ୍କ ନେତୃତ୍ୱରେ ଆୟୋଜିତ ସ୍ୱାଗତ ସମାରୋହରେ କର୍ମୀମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ତାଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. ମହେଶ ଶର୍ମାଙ୍କ ସମେତ ବିଜେପିର ବହୁ ବରିଷ୍ଠ ନେତା ଓ କର୍ମୀ ଉପସ୍ଥିତ ଥିଲେ । ଏହାପରେ ଜେପି ନଡ୍ଡା ଗ୍ରେଟର ନୋଏଡାର ଏକ୍ସପୋ ମାର୍ଟରେ ପହଁଥିଲେ । ସେଠାରେ 'ସେବା ସଙ୍କଳ୍ପ ଅଭିଯାନ' ଅଧୀନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ବିଜେପି ପଦାଧିକାରୀ ଓ କର୍ମୀ ଉପସ୍ଥିତ ଥିଲେ । ସମସ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଭିଭାଷଣର ସିଧା ପ୍ରସାରଣ ଶୁଣିଥିଲେ ଏବଂ ୨୦୪୭ ସୁଦ୍ଧା ଦେଶକୁ ବିକଶିତ କରିବାର ସଙ୍କଳ୍ପ ନେଇଥିଲେ । କାର୍ଯ୍ୟକ୍ରମ ପରେ ଜେପି ନଡ୍ଡା 'ସେବା ଜ୍ୟୋତି କଳଶ ଯାତ୍ରା'ରେ ସାମିଲ ହୋଇଥିଲେ ।



## ରେପୋ ରେଟକୁ ୫.୨୫ ପ୍ରତିଶତରୁ ବଢ଼ାଇ ୫.୫ ପ୍ରତିଶତ କଲା ଆରବିଆଇ

ମୁମ୍ବାଇ : ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ବୁଧବାର ବଢୁଥିବା ବିଶ୍ୱ ଅନିଶ୍ଚିତତା ମଧ୍ୟରେ ପ୍ରମୁଖ ନୀତିଗତ ସୁଧ ହାର ରେପୋ ରେଟ୍କୁ ପ୍ରାୟ ସାଢ଼େ ତିନି ବର୍ଷ ପରେ ୦.୨୫ ପ୍ରତିଶତ ବଢ଼ାଇ ୫.୫୦ ପ୍ରତିଶତ କରିଛି । ଏହା ସହିତ ଆରବିଆଇ ଚଳିତ ଆର୍ଥିକ ବର୍ଷ ପାଇଁ ଆର୍ଥିକ ଅଭିବୃଦ୍ଧି ହାରର ଅନୁମାନକୁ ୦.୪୦ ପ୍ରତିଶତ ବଢ଼ାଇ ୭.୧ ପ୍ରତିଶତ କରିଛି । ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରା ସୋମବାରଠାରୁ ଆରମ୍ଭ ହୋଇଥିବା ତିନିଦିନିଆ ଦ୍ୱିମାସିକ ସମୀକ୍ଷା ବୈଠକରେ ମୁଦ୍ରାନୀତି କମିଟି (ଏମପିସି) ନେଇଥିବା ନିଷ୍ପତି ସମ୍ପର୍କରେ ବୁଧବାର ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ବର୍ତ୍ତମାନର ବିଶ୍ୱ ପରିସ୍ଥିତିକୁ ବିଚାରକୁ ନେଇ ଏମପିସି ସର୍ବସମ୍ମତିକ୍ରମେ ରେପୋ ରେଟକୁ ୦.୨୫ ପ୍ରତିଶତ ବଢ଼ାଇ ୫.୫୦ ପ୍ରତିଶତ କରିବାକୁ ନିଷ୍ପତି ନେଇଛି । ଏହା ସହିତ ଏମପିସି ନିଜର ନୀତିଗତ ଆଭିମୁଖ୍ୟକୁ 'ନିରପେକ୍ଷ'ରୁ ପରିବର୍ତ୍ତନ କରି 'ଆବଶ୍ୟକତା ଅନୁଯାୟୀ କଠୋର' କରିବାକୁ ନିଷ୍ପତି ନେଇଛି । ମଲହୋତ୍ରା କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ଆର୍ଥିକ ଅଭିବୃଦ୍ଧି ହାରର ଅନୁମାନକୁ ମଧ୍ୟ ବଢ଼ାଇ ୭.୧ ପ୍ରତିଶତ କରାଯାଇଛି, ଯାହା ପୂର୍ବରୁ ୬.୭ ପ୍ରତିଶତ ଥିଲା । ସେହିପରି ମୁଦ୍ରାସ୍ଫୀତିର ଅନୁମାନକୁ ୫ ପ୍ରତିଶତରୁ ବଢ଼ାଇ ୫.୧ ପ୍ରତିଶତ କରାଯାଇଛି ।




## ଭାରତ-ଆମେରିକା ବାଣିଜ୍ୟ ଓ ନିବେଶ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ପ୍ରମୁଖ ଆମେରିକୀୟ କମ୍ପାନୀଗୁଡ଼ିକ ସହ ବୈଠକ କଲେ ପୀୟୂଷ ଗୋୟଲ

ନୂଆଦିଲ୍ଲୀ : କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ଶ୍ରୀ ପୀୟୂଷ ଗୋୟଲ ଏହି ସପ୍ତାହରେ ନ୍ୟୁୟର୍କଠାରେ ପ୍ରମୁଖ ଆମେରିକୀୟ କମ୍ପାନୀଗୁଡ଼ିକର ବରିଷ୍ଠ ଅଧିକାରୀମାନଙ୍କ ସହ ଏକାଧିକ ବୈଠକ କରିଛନ୍ତି । ଏହି ବୈଠକଗୁଡ଼ିକର ଉଦ୍ଦେଶ୍ୟ ଥିଲା ଭାରତ-ଆମେରିକା ବାଣିଜ୍ୟକୁ ସୁଦୃଢ଼ କରିବାର ସୁଯୋଗ ଉପରେ ଆଲୋଚନା କରିବା ଏବଂ ଭାରତରେ ନିବେଶର ସମ୍ଭାବନା ଅନ୍ୱେଷଣ କରିବା ପାଇଁ ଶୀର୍ଷ ଆମେରିକୀୟ କମ୍ପାନୀଗୁଡ଼ିକୁ ଆମନ୍ତ୍ରଣ କରିବା । ଶ୍ରୀ ଗୋୟଲ 'ବ୍ଲାକଷ୍ଟୋନ୍' ର ସଭାପତି ତଥା ସିଓଓ ଶ୍ରୀ ଜୋନାଥନ୍ ଗ୍ରେ ଏବଂ କମ୍ପାନୀର ଆନ୍ତର୍ଜାତୀୟ ଘରୋଇ ଇକ୍ୱିଟି ବ୍ୟବସାୟର ଅଧ୍ୟକ୍ଷ ଶ୍ରୀ ପ୍ରକାଶ ମେଲୱାନିଙ୍କୁ ଭେଟିଥିଲେ । ଭାରତର ପ୍ରମୁଖ କ୍ଷେତ୍ରଗୁଡ଼ିକରେ ବ୍ଲାକଷ୍ଟୋନର ନିବେଶ ଏବଂ ଭାଗୀଦାରୀକୁ ସମ୍ପ୍ରସାରିତ କରିବା ଉପରେ ଏହି ଆଲୋଚନା କେନ୍ଦ୍ରିତ ଥିଲା । ମନ୍ତ୍ରୀ 'ନ୍ୟୁବର୍ଗର୍ ବର୍ମାନ୍' ର ଅଧ୍ୟକ୍ଷ ତଥା ସିଇଓ ଶ୍ରୀ ଜର୍ଜ ୱାକର୍ ଏବଂ କମ୍ପାନୀର ନେତୃତ୍ୱ ଦଳର ବରିଷ୍ଠ ସଦସ୍ୟମାନଙ୍କୁ ଭେଟିଥିଲେ । ଆର୍ଥିକ ଏବଂ ସମ୍ପତି ପରିଚାଳନା ସେବା କ୍ଷେତ୍ରରେ ନିବେଶ ସମ୍ପର୍କକୁ ଗଭୀର କରିବା ଏବଂ ସହଯୋଗ ବୃଦ୍ଧି କରିବା ନେଇ ଏଥିରେ ଆଲୋଚନା ହୋଇଥିଲା । ଶ୍ରୀ ଗୋୟଲ 'ଦି ଏଷ୍ଟି ଲଡର୍ କମ୍ପାନୀଜ୍' ର ସଭାପତି ତଥା ସିଇଓ ଶ୍ରୀ ଷ୍ଟିଫେନ୍ ଡି ଲା ଫାଭେରୀଙ୍କୁ ଭେଟିଥିଲେ । ସେମାନେ ଭାରତରେ ବିକାଶର ସୁଯୋଗ, ବିଶେଷକରି ଉତ୍ପାଦନ ଓ ସୋର୍ସିଂ ବୃଦ୍ଧି ଏବଂ ଭାରତର ବୃଦ୍ଧି ପାଉଥିବା ସୌନ୍ଦର୍ଯ୍ୟ ଓ ବ୍ୟକ୍ତିଗତ ଯତ୍ନ ବଜାର ସମ୍ପର୍କରେ ଆଲୋଚନା କରିଥିଲେ ।



## ପାର୍ବଣ ଋତୁ ପାଇଁ ଚାଲିବ ସିଆଲଦାହ ଏବଂ ଖୋର୍ଦ୍ଧା ରୋଡ୍ ମଧ୍ୟରେ ପୂଜା ସ୍ପେଶାଲ୍ ଟ୍ରେନ

ଭୁବନେଶ୍ୱର : ଆଗାମୀ ଦୁର୍ଗାପୂଜା ଓ ଦୀପାବଳି ପାର୍ବଣ ଋତୁରେ ଯାତ୍ରୀ ଭିଡ଼ ବୃଦ୍ଧି ପାଇବାର ସମ୍ଭାବନାକୁ ଦୃଷ୍ଟିରେ ରଖି, ଯାତ୍ରୀମାନଙ୍କ ସୁବିଧାଜନକ ଯାତ୍ରା ସୁନିଶ୍ଚିତ କରିବା ସହ ଅତିରିକ୍ତ ଯାତ୍ରୀ ଭିଡ଼ ହ୍ରାସ କରିବା ଉଦ୍ଦେଶ୍ୟରେ ଗୁରୁତ୍ୱପୂର୍ଣ୍ଣ ରୁଟ୍ ଗୁଡ଼ିକରେ ଅତିରିକ୍ତ ପୂଜା ସ୍ପେଶାଲ୍ ଟ୍ରେନ ଚଳାଚଳ କରାଯିବ । ଟ୍ରେନ ନମ୍ବର ୦୩୧୦୧ ସିଆଲଦାହ–ଖୋର୍ଦ୍ଧା ରୋଡ୍ ସ୍ପେଶାଲ୍ ପ୍ରତ୍ୟେକ ଶନିବାର ଅକ୍ଟୋବର ୧୭, ୨୪ ଓ ୩୧ ଏବଂ ନଭେମ୍ବର ୦୭, ୧୪, ୨୧ ଓ ୨୮ରେ ଚଳାଚଳ କରିବ । ଫେରିବା ମାର୍ଗରେ ଟ୍ରେନ୍ ନମ୍ବର ୦୩୧୦୨ ଖୋର୍ଦ୍ଧା ରୋଡ୍–ସିଆଲଦାହ ସ୍ପେଶାଲ୍ ପ୍ରତ୍ୟେକ ରବିବାର ଅକ୍ଟୋବର ୧୮ ଓ ୨୫, ଏବଂ ନଭେମ୍ବର ୦୧, ୦୮, ୧୫, ୨୨ ଓ ୨୯ରେ ଚଳାଚଳ କରିବ । ଟ୍ରେନ୍ ନମ୍ବର ୦୩୧୦୧ ସିଆଲଦାହ–ଖୋର୍ଦ୍ଧା ରୋଡ୍ ସ୍ପେଶାଲ୍ ସିଆଲଦାହରୁ ରାତି ୧୧:୫୦ ରେ ଛାଡ଼ି ପରଦିନ ସକାଳ ୦୮:୨୦ ରେ ଖୋର୍ଦ୍ଧା ରୋଡ୍ ରେ ପହଂଚିବ । ଫେରିବା ମାର୍ଗରେ ଟ୍ରେନ୍ ନମ୍ବର ୦୩୧୦୨ ଖୋର୍ଦ୍ଧା ରୋଡ୍–ସିଆଲଦାହ ସ୍ପେଶାଲ୍ ଖୋର୍ଦ୍ଧା ରୋଡ୍ ରୁ ଅପରାହ୍ନ ୦୪:୪୦ ରେ ଛାଡ଼ି ପରଦିନ ରାତି ୦୨:୦୦ ରେ ସିଆଲଦାହରେ ପହଂଚିବ । ଏହି ସ୍ପେଶାଲ୍ ଟ୍ରେନ୍ ର ସିଆଲଦାହ ଓ ଖୋର୍ଦ୍ଧା ରୋଡ୍ ଷ୍ଟେସନ ବ୍ୟତୀତ ଆନ୍ଦୁଲ, ଖଡ଼ଗପୁର, ବାଲେଶ୍ୱର, ଭଦ୍ରକ, କଟକ ଓ ଭୁବନେଶ୍ୱର ଷ୍ଟେସନରେ ଉଭୟ ଦିଗରେ ରହଣି କରିବ । ଯାତ୍ରୀମାନଙ୍କୁ ଟ୍ରେନ୍ ଚଳାଚଳରେ ଏହି ପରିବର୍ତ୍ତନକୁ ଧ୍ୟାନରେ ରଖି ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍ କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଂଚ କରିପାରିବେ ।



## ଟ୍ୱେଂଟି-୨୦ ମାନ୍ୟତା : କ୍ୟାରିୟରର ଶ୍ରେଷ୍ଠ ସପ୍ତମ ସ୍ଥାନରେ ଶ୍ରେୟସ ଆୟର

ଦୁବାଇ: ଭାରତୀୟ ଅଧିନାୟକ ଶ୍ରେୟସ ଆୟର ବୁଧବାର ପ୍ରକାଶିତ ଆଇସିସି ପୁରୁଷ ଟ୍ୱେଂଟି-୨୦ ବ୍ୟାଟିଂ ମାନ୍ୟତାର ସପ୍ତମ ସ୍ଥାନରେ ପହଂଚିଛନ୍ତି । ୱେଷ୍ଟଇଣ୍ଡିଜ୍ ବିପକ୍ଷ ମଙ୍ଗଳବାର ମ୍ୟାଚ୍‌ରେ ସେ ୪୩ ବଲ୍‌ରୁ ୧୦ ଚୌକା ଓ ୬ ଛକା ସହାୟତାରେ ଅପରାଜିତ ୧୦୨ ରନ୍ କରିଥିଲେ । ତାଙ୍କର ଏହି ଶତକୀୟ ପାଳି ବଳରେ ଭାରତ ୩୨ ବଲ୍ ପୂର୍ବରୁ ୨ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା । ଏହି ମ୍ୟାଚ୍ ବିଜୟୀ ପାଳି ଯୋଗୁଁ ଶ୍ରେୟସ ମାନ୍ୟତାରେ ବଡ଼ ଲମ୍ଫ ଦେଇଛନ୍ତି । ସେ ୧୮ ସ୍ଥାନ ଉଠି ନିଜ କ୍ୟାରିୟରର ଶ୍ରେଷ୍ଠ ମାନ୍ୟତା ସପ୍ତମ ସ୍ଥାନ ଅଧିକାର କରିଛନ୍ତି । ତାଙ୍କ ସହ ଟ୍ୱେଂଟି-୨୦ ବ୍ୟାଟିଂ ମାନ୍ୟତାରେ ଶୀର୍ଷ ୧୦ରେ ୪ ଜଣ ଭାରତୀୟ ରହିଛନ୍ତି । ଇଶାନ କିଶନ ୯୦୨ ପଏଂଟ୍ ସହ ଶୀର୍ଷରେ ଥିଲା ବେଳେ ଅଭିଷେକ ଦ୍ୱିତୀୟ ଓ ତିଳକ ବର୍ମା ଦଶମରେ ରହିଛନ୍ତି । ବୋଲିଂରେ ଭାରତରୁ କେବଳ ଅକ୍ଷର ପଟେଲ (ସପ୍ତମ) ଓ ଯଶପ୍ରୀତ ବୁମ୍ରା (ଦଶମ) ଶୀର୍ଷ ୧୦ରେ ରହିଛନ୍ତି । ବିଶ୍ୱ ବିଜେତା ଭାରତ ପୂର୍ବ ପରି ଶୀର୍ଷ ସ୍ଥାନକୁ ଆହୁରି ଦୃଢ଼ କରିଛି । ଦିନିକିଆ ବ୍ୟାଟିଂ ମାନ୍ୟତାରେ ଭାରତୀୟ ଅଧିନାୟକ ଶୁବମନ ଗିଲ୍ ଶୀର୍ଷ ସ୍ଥାନ ବଜାୟ ରଖିଥିଲା ବେଳେ ବିରାଟ କୋହଲି ଗୋଟିଏ ସ୍ଥାନ ଖସି ତୃତୀୟରେ ରହିଛନ୍ତି । ରୋହିତ ଶର୍ମା ଚତୁର୍ଥ ଓ କେଏଲ୍ ରାହୁଲ ଦଶମରେ ରହିଛନ୍ତି ।




## ସ୍ମୃତି ମନ୍ଧନା ଭାରତର ନୂଆ ଅଧିନାୟିକା, ଦାୟିତ୍ୱ ମିଳିବା ପରେ ହରମନଙ୍କୁ ଦେଲେ ଧନ୍ୟବାଦ

ନୂଆଦିଲ୍ଲୀ : ଭାରତୀୟ ମହିଳା କ୍ରିକେଟ ଦଳର ସବୁଠୁ ସଫଳ ଅଧିନାୟିକା ହର୍ମନପ୍ରୀତ କୌର ନେତୃତ୍ୱ ଛାଡ଼ିଛନ୍ତି । ଗତ ସୋମବାର ଗୌହାଟୀରେ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ, ମୁଖ୍ୟ କୋଚ୍ ଅମୋଲ ମଜୁମଦାର, ହର୍ମନପ୍ରୀତ ଓ ସ୍ମୃତି ମନ୍ଧନାଙ୍କ ମଧ୍ୟରେ ଏକ ବୈଠକ ବସିଥିଲା । ଏହାର ଦିନକ ପରେ ହର୍ମନପ୍ରୀତ ସୋସିଆଲ୍ ମିଡିଆ ଇନ୍ଷ୍ଟାଗ୍ରାମରେ ଏକ ଲମ୍ବା ପୋଷ୍ଟ କରି ନେତୃତ୍ୱ ଛାଡ଼ିବା ବିଷୟରେ ଘୋଷଣା କରିଛନ୍ତି । ତାଙ୍କ ସ୍ଥାନରେ ସ୍ମୃତି ମନ୍ଧନାଙ୍କୁ ନୂଆ ଅଧିନାୟିକା ନିଯୁକ୍ତ କରାଯାଇଛି । ସେ ୩ଟି ଯାକ ଫର୍ମାଟରେ ଦଳର ନେତୃତ୍ୱ ନେବେ । ଆସନ୍ତା ଜିମ୍ବାୱେ ବିପକ୍ଷ ଘରୋଇ ସୀମିତ ଓଭର କ୍ରିକେଟ୍ ସିରିଜ ପାଇଁ ଦଳ ଘୋଷଣା କରିଯାଇଛି । ନୂଆ ଅଧିନାୟିକା ହେଲେ ସ୍ମୃତି ମନ୍ଧନା- ହରମନପ୍ରୀତ କୌରଙ୍କ ଅନୁପସ୍ଥିତିରେ ମନ୍ଧାନା ପୂର୍ବରୁ ଟିମ୍ ଇଣ୍ଡିଆର ଅଧିନାୟକତ୍ୱ କରିଥିଲେ । ମନ୍ଧାନା ଏପର୍ଯ୍ୟନ୍ତ ୧୮ଟି ଟି-୨୦ ଓ ୪ଟି ଦିନିକିଆ ମ୍ୟାଚ୍ ରେ ଟିମ୍ ଇଣ୍ଡିଆର ଅଧିନାୟକତ୍ୱ କରିଛନ୍ତି । ସେ କୌରଙ୍କ ଡେପୁଟି ମଧ୍ୟ ଥିଲେ ଏବଂ ବର୍ତ୍ତମାନ ତାଙ୍କୁ ଅଧିନାୟକ କରିବାକୁ ନିଷ୍ପତି ନିଆଯାଇଛି । ଗତକାଲି କୌର ଅଧିନାୟକତ୍ୱରୁ ଇସ୍ତଫା ଦେବାକୁ ନିଷ୍ପତି ନେଇଥିଲେ । ନେତୃତ୍ୱ ଭୂମିକା ପାଇଁ ମନ୍ଧାନା ପୂର୍ବରୁ ପ୍ରସ୍ତୁତ ହୋଇସାରିଥିଲେ । ତାଙ୍କୁ କୌରଙ୍କ ଡେପୁଟି କରାଯାଇଥିଲା ଏବଂ ତାଙ୍କ ଅନୁପସ୍ଥିତିରେ ସେ ଟିମ୍ ଇଣ୍ଡିଆର ଦାୟିତ୍ୱ ଗ୍ରହଣ କରିଛନ୍ତି । ଏବେ ସେ ଦଳର ସ୍ଥାୟୀ କ୍ୟାପଟେନ୍ । ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ମଧ୍ୟ ମନ୍ଧାନାଙ୍କର ଅଧିନାୟକତ୍ୱର ଅଭିଜ୍ଞତା ରହିଛି । ତାଙ୍କ ନେତୃତ୍ୱରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ୨ଥର ଟାଇଟଲ ଜିତିଛି । ଏବେ ତାଙ୍କ କାନ୍ଧରେ ଭାରତୀୟ ମହିଳା କ୍ରିକେଟ୍ ଦଳର ଅଧିନାୟକ ଦାୟିତ୍ୱ ରହିଛି । ଭାରତୀୟ ଦଳର ଅଧିନାୟକ ହେବା ପରେ ମନ୍ଧାନା ଖୁସି ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ଭାରତର ଅଧିନାୟକ ଦାୟିତ୍ୱ ମିଳିବା ମୋ ପାଇଁ ସମ୍ମାନର ବିଷୟ । ଭାରତ ପାଇଁ ଖେଳିବା ମୋ ପାଇଁ ସର୍ବଦା ବହୁତ ଗୁରୁତ୍ୱପୂର୍ଣ୍ଣ । ବର୍ତ୍ତମାନ ଦଳର ନେତୃତ୍ୱ ନେବାର ସୁଯୋଗ ପାଇବା ମୋ ପାଇଁ ବହୁତ ମୂଲ୍ୟବାନ ହେବ ।




Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**